• Vol.- 45, Issue No. 333
• Saturday, 7 March 2026
• ଶନିବାର, ୭ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଓଡ଼ିଶା ସମବାୟ ନୀତି କାର୍ଯ୍ୟକାରିତାର ଶୁଭାରମ୍ଭ



ଭୁବନେଶ୍ୱର,୬।୩: ଶୁକ୍ରବାର ଏକ ଦିବସୀୟ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ। ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ। ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଛନ୍ତି, ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି। ସେ ଏହା ମଧ୍ୟ କହିଛନ୍ତି, ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି। ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀର ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇଛନ୍ତି। ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି। ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି। ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି । ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ ବୋଲି ମତ ପ୍ରକାଶ କରିଛନ୍ତି ଶ୍ରୀ ଶାହ।

### ଦଳୀୟ ନେତାଙ୍କ ସହ ଆଲୋଚନା କଲେ ଶାହ

ଭୁବନେଶ୍ୱର,୬।୩: ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ବୈଠକ ବସିଥିଲା। ସଙ୍ଗଠନ ଓ ସରକାରକୁ ନେଇ ବୈଠକରେ ଆଲୋଚନା ହୋଇଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ସହ ଆଲୋଚନା କରିଥିଲେ ଶାହ। ରାଜ୍ୟରେ ଯେଉଁ ସବୁ ଇସ୍ୟୁ ଅଛି, ସେସବୁ ବିଷୟରେ ମୁଖ୍ୟମନ୍ତ୍ରୀ ଅମିତ ଶାହାଙ୍କୁ କିଛି କହିଛନ୍ତି ବୋଲି ମନମୋହନ ସୂଚନା ଦେଇଛନ୍ତି। ତାହା ସାଙ୍ଗଠନିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି । ଶ୍ରୀ ଜଗନ୍ନାଥ ପ୍ରସାଦ ସେବନ ପାଇଁ ଏକାଠି ହେବା ନେଇ ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା । ତାହା ସହ ରାଜ୍ୟସଭା ନିର୍ବାଚନ ନେଇ କାହିଁକି ଆଲୋଚନା ହେବ ବୋଲି ମନମୋହନ କହିଛନ୍ତି।

**ପାରାଦୀପରେ ସଲଫ୍ୟୁରିକ୍ ଏସିଡ୍-୩ ପ୍ଲାଣ୍ଟର ଲୋକାର୍ପଣ**

# ଗୁଜରାଟ ଭଳି ଓଡ଼ିଶାର ବିକାଶ ହେବ: ଶାହ

- ସଠିକ୍ ଦିଗରେ ଓଡ଼ିଶାକୁ ଆଗେଇ ନେଉଛି ବିଜେପି ସରକାର
- ବିକଶିତ ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବ
- ଇଫ୍କୋ ଏବେ ଦେଶରେ ଏକ ନମ୍ବର
- ଆଗାମୀ ଦିନରେ ଗରିବ ଚାଷୀ ଓ ମହିଳାଙ୍କୁ କରିବ ଆତ୍ମନିର୍ଭରଶୀଳ




ପାରାଦୀପ,୬।୩: ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଅପରାହ୍ନରେ ପାରାଦୀପରେ ସଲଫ୍ୟୁରିକ୍ ଏସିଡ୍-୩ ପ୍ଲାଣ୍ଟର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ସମ୍ବୋଧନ ଦେଇ ଅମିତ ଶାହ କହିଛନ୍ତି, ଆପଣମାନଙ୍କ ଆଶୀର୍ବାଦରେ ବିଜେପି ଓଡ଼ିଶାରେ ଶାସନ କରୁଛି । ବିଜେପି ସରକାର ସଠିକ୍ ଦିଗରେ ଓଡ଼ିଶାକୁ ଆଗେଇ ନେଉଛି । ଗୁଜରାଟ ଭଳି ଓଡ଼ିଶାର ମଧ୍ୟ ବିକାଶ ହେବ । ଗୁଜରାଟ ଭଳି ଓଡ଼ିଶାର ପ୍ରତିଟି ଗାଁରେ ଡାଏରୀ ପହଞ୍ଚିବ । ୩୬ ଲକ୍ଷ ଗ୍ରାମୀଣ ମହିଳା ଅମୁଲକୁ ଆନ୍ଦୋଳନରେ ପରିଣତ କରିଛନ୍ତି । ଓଡ଼ିଶାରେ ବି ଗ୍ରାମୀଣଙ୍କ ଜନଜୀବନକୁ ସମୃଦ୍ଧ କରାଯିବ । ବିକଶିତ ରାଜ୍ୟ ମଧ୍ୟରେ ଓଡ଼ିଶା ବି ସ୍ଥାନ ପାଇବ । ଜୟ ଜଗନ୍ନାଥରୁ ଅଭିଭାଷଣ ଆରମ୍ଭ କରିଥିଲେ ଅମିତ ଶାହ । ମୁଁ ଯେଉଁ ସହରରୁ ଆସିଛି ସେହି ସହର ଅହମ୍ମଦାବାଦରେ ମଧ୍ୟ ରଥଯାତ୍ରା ହୁଏ। ୨୪ ସାଧାରଣ ନିର୍ବାଚନ ପରେ ମୁଁ ପ୍ରଥମଥର ପାଇଁ ଓଡ଼ିଶାରେ ସାର୍ବଜନୀକ କାର୍ଯ୍ୟକ୍ରମରେ ଆସିଛି । ଓଡ଼ିଶାକୁ ଲମ୍ବା ସମୟରେ ଅନ୍ୟ ଦଳରୁ ମୁକ୍ତ କରିଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ । ଆଗକୁ ବିକଶିତ ଭାରତରେ ଓଡ଼ିଶା ଆଗରେ ରହିବ । ଦୁର୍ଭାଗ୍ୟର କଥା ଏହାର ଭୂମି ତଳେ ଅନେକ ସମ୍ପଦ ରହିଛି । ହେଲେ ମଧ୍ୟ ଏହାର ଜନତା ଗରିବ ଥିଲେ । ପୂର୍ବରୁ ଏହାର ସମୁଦ୍ର ତଟର ବିକାଶ ପାଇଁ କାମ ହେଲା ନାହିଁ । ୨୪ ନିର୍ବାଚନରେ ଆପଣମାନେ ବହୁମତ ସହ ବିଜେପି ସରକାରକୁ ଆଣିଲେ । ଆଜି ଏ ସରକାର ଓଡ଼ିଶାକୁ ଆଗକୁ ନେଉଛି। ରାଜ୍ୟର ସବୁ ସୁଯୋଗକୁ ନେଇ ଆଗକୁ ବଢୁଛି । ଜନଜାତିରୁ ନେଇ ହସ୍ତତନ୍ତ ପର୍ଯ୍ୟନ୍ତ ଏବେ ବିକାଶ ହେବ । ଆଜି ସନ୍ଧ୍ୟାରେ ଓଡ଼ିଶାର ନୂଆ ସରକାର ନୀତି ଘୋଷଣା ହେବ। ଆଗାମୀ ଦିନରେ ଭାରତ ଓ ଓଡ଼ିଶା ସରକାର ମିଶି ବିକାଶ କରିବେ । ଇଫକୋ ପାରାଦୀପ ୟୁନିଟ ପରିସରରେ ସଲଫ୍ୟୁରିକ ପ୍ଲାଣ୍ଟ-୩ ଉଦ୍‌ଘାଟନ ହୋଇଛି । ଏହି ଦେଶରେ ପୂର୍ବୋଦୟ କ୍ଷେତ୍ରରେ ଆତ୍ମନିର୍ଭରତା ପାଇଁ ଆଗକୁ ବଢ଼ିଲା। ଏହା ଭାରତର ନିର୍ଭରତାକୁ କମାଇବ । ଏହା ଆଜି ୨୨ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ପର୍ଯ୍ୟନ୍ତ ପହଞ୍ଚିଛି । ଇଫକୋ ସଲଫ୍ୟୁରିକ ଏସିଡ ଉତ୍ପାଦନରେ ଦେଶର ଆତ୍ମନିର୍ଭରର କାମ କରୁ । ଇଫକୋ ଏବେ ଦେଶରେ ଏକ ନମ୍ବର ହୋଇପାରିଛି । ଏହାଦ୍ୱାରା ୩୬ ହଜାର କର୍ପୋରେଟିଭ ୟୁନିଟରେ ୫ କୋଟି କୃଷକ ସାମିଲ ହୋଇଛନ୍ତି । ଯାହାକି ୪୧ ହାଜର କୋଟି ଟର୍ଣ୍ଣ ଓଭର ହେଉଛି । ଏହା ହେଉଛି କର୍ପୋରେଟିଭ ମଡେଲ । ଆଗାମୀ ଦିନରେ ଏହା ଗରିବ ଚାଷୀ ଓ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଦାୟିତ୍ୱ ନେଉଛି ବୋଲି ଅମିତ ଶାହ କହିଛନ୍ତି।

**ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଉତ୍ସବରେ ଅମିତ ଶାହ**

## ବୀରତ୍ୱ ଓ ତ୍ୟାଗର ଅନନ୍ୟ ପ୍ରମାଣ ସିଆଇଏସ୍ଏଫ

- ତିରୁପତିରୁ ପଶୁପତି ରେଡ଼ କରିଡ଼ର ସ୍ୱପ୍ନ ଧୂଳିସାତ ହେବ
- ମାର୍ଚ୍ଚ ୩୧ରେ ଦେଶ ନକ୍ସଲବାଦରୁ ହେବ ମୁକ୍ତ

କଟକ,୬।୩(ନିପ୍ର): କଟକ ମୁଣ୍ଡୁଳି ସ୍ଥିତ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସିଆଇଏସଏଫ କ୍ୟାମ୍ପରେ ଗୃହମନ୍ତ୍ରୀ ଶ୍ରୀ ଶାହ ତାଙ୍କ ସମ୍ବୋଧନରେ ସିଆଇଏସଏଫର ଭୂମିକାକୁ ବେଶ୍ ପ୍ରଶଂସା କରିଥିଲେ। ସେ କହିଥିଲେ, ଔଦ୍ୟୋଗିକ ବିକାଶର ସମ୍ଭାବନା ସିଆଇଏସଏଫ ବିନା ଅସମ୍ଭବ। ସେ ଆହୁରି କହିଥିଲେ, ଆଧୁନିକତାକୁ ଆପଣେଇବା ସହିତ ପରମ୍ପରାକୁ ବି ସିଆଇଏସଏଫ ଜାବୁଡ଼ି ଧରିଛି। ବୀରତ୍ୱ ଓ ତ୍ୟାଗର ଅନନ୍ୟ ପ୍ରମାଣ ହେଉଛି ସିଆଇଏସଏଫ। ୨୦୪୭ ବିକଶିତ ଭାରତ ପାଇଁ ସିଆଇଏସଏଫର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ସହିଦ ରାଜଗୁରୁ, ବକ୍ସି ଜଗବନ୍ଧୁ ଓ ସୁରେନ୍ଦ୍ର ସାଏଙ୍କୁ ସେ ସ୍ମରଣ କରିଥିଲେ । ସେ କହିଥିଲେ, ୭୦ଟି ବିମାନ ବନ୍ଦର ସହ ୩୬୧ଟି ପ୍ରମୁଖ ସଂସ୍ଥାନକୁ ସିଆଇଏସଏଫ ସୁରକ୍ଷା ଦେଉଛି। ଏବେ ବନ୍ଦରକୁ ବି ସିଆଇଏସଏଫ ସୁରକ୍ଷା ଯୋଗାଇବ । ତିରୁପତିରୁ ପଶୁପତି ରେଡ଼ କରିଡ଼ର ସ୍ୱପ୍ନ ଧୂଳିସାତ ହେବ। ମାର୍ଚ୍ଚ ୩୧ରେ ଦେଶ ନକ୍ସଲବାଦରୁ ମୁକ୍ତ ହେବ । ଏବେ ଆମେ ନକ୍ସଲବାଦରୁ ମୁକ୍ତ ହେବା ଦ୍ୱାରଦେଶରେ। ସୁରକ୍ଷା କର୍ମୀଙ୍କ ଜୋରଦାର ଅପରେସନ ଯୋଗୁଁ ନକ୍ସଲବାଦ ସଫା ହୋଇଯିବ। ନକ୍ସଲଙ୍କୁ ଆମ ସୁରକ୍ଷା କର୍ମୀ ପରାସ୍ତ କରି ପ୍ରଭୁତ୍ୱ ଦେଖାଇବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏହା ବଡ଼ ସଫଳତା। ନକ୍ସଲବାଦର ମୂଳୋତ୍ପାଟନ ପାଇଁ ସିଆଇଏସଏଫର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଛତିଶଗଡ଼, ତେଲେଙ୍ଗାନାରେ ବି ସିଆଇଏସଏଫର ବଡ଼ ଅବଦାନ ରହିଛି ବୋଲି ଶ୍ରୀ ଶାହ କହିଥିଲେ। ଏହି ଅବସରରେ ସିଆଇଏସଏଫ ଯବାନମାନେ ଦୁଃସାହସିକ ଅପରେସନର ଡେମୋ ଦେଖାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ଘୂର୍ଣ୍ଣିବଳୟ ପ୍ରଭାବ: ୮ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୬।୩: ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ବୃଦ୍ଧି ପାଇବା ସହିତ ସକାଳେ କୁହୁଡ଼ି ଓ ଦିନରେ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ପାରଦ ୩୯ ଡିଗ୍ରୀ ଟପିଥିଲା। ଝାରସୁଗୁଡାଠାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଥିଲା। ଏହାତଳକୁ ଟିଟିଲାଗଡ଼ରେ ୩୭.୫ ଡିଗ୍ରୀ, ପାରଳାଖେମୁଣ୍ଡି ୩୭.୨ ଡିଗ୍ରୀ, ଗୋପାଳପୁର ୩୭.୧ ଡିଗ୍ରୀ, ଢେଙ୍କାନାଳ ୩୭ ଡିଗ୍ରୀ, ଅନୁଗୋଳ ୩୬.୯ ଡିଗ୍ରୀ, ହୀରାକୁଦ ୩୬.୮ ଡିଗ୍ରୀ, ବଲାଙ୍ଗୀର ୩୬.୭ ଡିଗ୍ରୀ, ସମ୍ବଲପୁର ୩୬.୬ ଡିଗ୍ରୀ, ଭବାନୀପାଟଣା ୩୬.୫ ଡିଗ୍ରୀ, ଭୁବନେଶ୍ୱର ୩୬.୪ ଡିଗ୍ରୀ, ତାଳଚେର ୩୬.୪ ଡିଗ୍ରୀ, ବରଗଡ଼ ୩୬.୨ ଡିଗ୍ରୀ, ନୂଆପଡା ୩୬ ଡିଗ୍ରୀ, ସୁନ୍ଦରଗଡ ୩୬ ଡିଗ୍ରୀ, ନବରଙ୍ଗପୁର ୩୬ ଡିଗ୍ରୀ ଏବଂ ବାରିପଦାରେ ତାପମାତ୍ରା ୩୬ ଡିଗ୍ରୀ ରହିଥିଲା। ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ୮ ତାରିଖ ରବିବାର ବେଳକୁ ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁରରେ ଘଡ଼ଘଡ଼ି ସହ ବର୍ଷା ହେବ। ଏଥିସହ ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ଝଟ୍‌କା ପବନ ବହିବା ନେଇ ପୂର୍ବାନୁମାନ କରାଯାଉଥିବାରୁ ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ଜିଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।

## ଏପର୍ଯ୍ୟନ୍ତ ୯୦ପ୍ରତିଶତ ଭୋଟରଙ୍କ ତଥ୍ୟ ମ୍ୟାପିଂ ସରିଛି: ସିଇଓ

ଭୁବନେଶ୍ୱର,୬।୩: ଏପ୍ରିଲ ୧ରୁ ଓଡ଼ିଶାରେ ଆରମ୍ଭ ହେବ ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ ତଥା ଏସଆଇଆର ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ୨୦୨୫ ଭୋଟର ତାଲିକାକୁ ୨୦୦୨ ରୋଲ ସହିତ ମ୍ୟାପିଂ କରାଯାଉଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ସନ୍ତୁଗୋପାଳନ ସୂଚନା ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଏପର୍ଯ୍ୟନ୍ତ ୯୦ପ୍ରତିଶତ ଭୋଟରଙ୍କ ତଥ୍ୟ ମ୍ୟାପିଂ ହୋଇସାରିଛି। ନାମ ଓ ପିତାଙ୍କ ନାମ ୨୦୦୨ ରୋଲ ସହିତ ମାପିଂ ସରିଛି। ଏପ୍ରିଲ ୧ ତାରିଖ ଭିତରେ ୮ପ୍ରତିଶତ ଲୋକଙ୍କ ମାପିଂ କରାଯିବ। ବାକି ୨ପ୍ରତିଶତ ଲୋକଙ୍କ ତଥ୍ୟ ମିଳିନପାରେ। ବାକି ୧୦ପ୍ରତିଶତ ଭୋଟରଙ୍କ ମ୍ୟାପିଂ କରିବାକୁ କଷ୍ଟ ହେଉଛି। ୯୫ପ୍ରତିଶତ ଲୋକଙ୍କୁ ମ୍ୟାପିଂ କରିଦେଲେ ଏସଆଇଆର ପାଇଁ ସୁବିଧା ହେବ। ୨୦୨୫ ଲିଷ୍ଟରେ ଯଦି ନାମ ଅଛି ତେବେ ଆଧାରକାର୍ଡ଼ ଦେବା ଆବଶ୍ୟକ ନାହିଁ। ଓଡ଼ିଶାରେ ଏସଆଇଆରକୁ ନେଇ ୯୦ପ୍ରତିଶତ ଲୋକଙ୍କ ପାଇଁ କିଛି ସମସ୍ୟା ନାହିଁ । ଅର୍ବାନ ଏରିଆରେ ମ୍ୟାପିଂ ପାଇଁ ସମସ୍ୟା ହେଉଛି। ଇସିଆଇ ନେଟ୍ ମୋବାଇଲ ଆପ୍ସ - କ୍ୟୁଆର୍ କୋଡ୍ ଆଧାରରେ ଭୋଟର ବିବରଣୀ ଖୋଜି ପାରିବେ। ସାମ୍ବାଦିକ ସମ୍ମିଳନୀ ଜରିଆରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ସନ୍ତୁଗୋପାଳନ।

## ଆଗାମୀ ୪ ସପ୍ତାହ ପର୍ଯ୍ୟନ୍ତ ଟିଆରପି ରେଟିଂ ବନ୍ଦ

ନୂଆଦିଲ୍ଲୀ,୬।୩: ଯୁଦ୍ଧ ପାଇଁ ଟିଭି ଚ୍ୟାନେଲ୍‌ର ଟିଆରପି ରେଟିଂ ବନ୍ଦ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବଡ଼ ପଦକ୍ଷେପ ନେଇଛି । ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ କିଛି ନ୍ୟୁଜ୍ ଚ୍ୟାନେଲ୍ ଅତ୍ୟଧିକ ଭୟଭୀତ କରିବା ଭଳି ଏବଂ ଅଯଥା ଗୁଜବ ଖବର ପ୍ରସାରଣ କରୁଥିବା ସରକାର ଲକ୍ଷ୍ୟ କରିଛନ୍ତି । ଏହାଦ୍ୱାରା ସାଧାରଣ ଜନତା, ବିଶେଷ କରି ଯେଉଁମାନଙ୍କର ପରିବାର ବା ସମ୍ପର୍କୀୟ ସେହି ଅଞ୍ଚଳରେ ରହୁଛନ୍ତି, ସେମାନେ ଆତଙ୍କିତ ହେବାର ସମ୍ଭାବନା ରହିଛି । ଜନହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବିଏଆରସି ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ୪ ସପ୍ତାହ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏଁ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଟିଆରପି ରେଟିଂ ପ୍ରକାଶ କରାଯିବ ନାହିଁ ।

**ପ୍ରକାଶ ପାଇଲା ୟୁପିଏସ୍‌ସି ଫଳାଫଳ**

## ଅନୁଜ ଅଗ୍ନିହୋତ୍ରୀ ଟପ୍ପର




ନୂଆଦିଲ୍ଲୀ,୬।୩: ଜାତୀୟ ଲୋକସେବା ଆୟୋଗ (ୟୁପିଏସସି) ଶୁକ୍ରବାର ସିଭିଲ୍ ସର୍ଭିସେସ୍ ପରୀକ୍ଷା ୨୦୨୫ ପାଇଁ ଚୂଡ଼ାନ୍ତ ଫଳାଫଳ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି। ଆୟୋଗ ଦ୍ୱାରା ପ୍ରକାଶିତ ମେଧା ତାଲିକା ଅନୁସାରେ, ଅନୁଜ ଅଗ୍ନିହୋତ୍ରୀ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ସଫଳତା ପାଇଛନ୍ତି। ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ ଏବେ ସରକାରୀ ପୋର୍ଟାଲରେ ସେମାନଙ୍କର ଫଳାଫଳ ଦେଖିପାରିବେ। ଚୂଡ଼ାନ୍ତ ମେଧା ତାଲିକାର ବିସ୍ତୃତ ସରକାରୀ ୱେବସାଇଟ୍: upsc.gov.in, upsconline.nic.in ରେ ଉପଲବ୍ଧ। ଫଳାଫଳ ଯାଞ୍ଚ କରିବା ପାଇଁ, ପ୍ରାର୍ଥୀମାନଙ୍କୁ ହୋମପେଜରେ ଥିବା ଅପ୍ସନ 'what's new' ବିଭାଗରୁ ଚୂଡ଼ାନ୍ତ ତାଲିକା ଡାଉନଲୋଡ୍ କରିବାକୁ ଏବଂ ସେମାନଙ୍କର ରୋଲ ନମ୍ବର ଖୋଜିବାକୁ ପରାମର୍ଶ ଦିଆଯାଇଛି। ୨୦୨୫ ମେ ୨୫ରେ ସିଭିଲ୍ ସର୍ଭିସେସ୍ ପ୍ରାଥମିକ ପରୀକ୍ଷା (ପ୍ରିଲିମିନାରୀ) ଅନୁଷ୍ଠିତ ହୋଇଥିଲା। ଯାହା ପ୍ରାର୍ଥୀଙ୍କ ପାଇଁ ପ୍ରଥମ ସୋପାନ ଥିଲା। ଯେଉଁମାନେ ଯୋଗ୍ୟତା ହାସଲ କରିଥିଲେ ସେମାନେ ୨୨ ଅଗଷ୍ଟରୁ ୩୧ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ମୁଖ୍ୟ ପରୀକ୍ଷାରେ ଯୋଗ ଦେଇଥିଲେ। ଶେଷ ପ୍ରତିବନ୍ଧକ ଥିଲା ବ୍ୟକ୍ତିତ୍ୱ ପରୀକ୍ଷା ବା ସାକ୍ଷାତକାର

**୧୦୦ତମ ର୍ୟାଙ୍କ ପାଇଛନ୍ତି ଓଡ଼ିଶାର ସାତ୍ତ୍ୱିକ ସତ୍ୟକାମ**

ଯାହା ଗତ ଫେବୃଆରୀ ୨୭ରେ ସମାପ୍ତ ହୋଇଥିଲା। ଫଳାଫଳ ଅନୁସାରେ ଆଇଏଏସ୍, ଆଇପିଏସ, ଆଇଏଫଏସ ଏବଂ କେନ୍ଦ୍ରୀୟ ସେବା ସମେତ ବିଭିନ୍ନ ପ୍ରତିଷ୍ଠିତ ସେବାରେ ନିଯୁକ୍ତି ପାଇଁ କମିଶନ ଦ୍ୱାରା ମୋଟ ୯୫୮ ପ୍ରାର୍ଥୀଙ୍କୁ ସୁପାରିସ କରାଯାଇଛି। ୧୦୦ତମ ର୍ୟାଙ୍କ ପାଇଛନ୍ତି ଓଡ଼ିଶାର ସାତ୍ତ୍ୱିକ ସତ୍ୟକାମ।

## ଖଣି ଉପନିର୍ଦ୍ଦେଶକ ଦେବବ୍ରତଙ୍କ ଭଡ଼ା ଘରେ ଭିଜିଲାନ୍ସ

ଫୁଲବାଣୀ,୬।୩: ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ଯାହାଙ୍କର ଘରୁ ଆଜି ସୁଦ୍ଧା ଭିଜିଲାନ୍ସ ବିଭାଗ ଦ୍ୱାରା ସର୍ବାଧିକ ଚାରି କୋଟି ନଗଦ ଟଙ୍କା ଜବତ କରାଯାଇଥିବା ଅଧିକାରୀଙ୍କ ବିଷୟରେ ଚର୍ଚ୍ଚା ଆହୁରି ଅଧିକ ହେବାରେ ଲାଗିଛି। ଶୁକ୍ରବାର ଭିଜିଲାନ୍ସ ବିଭାଗ ତାଙ୍କୁ ନେଇ ଫୁଲବାଣୀ ନାରାୟଣୀ ସାହିରେ ଥିବା ଭଡା ଘରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ସେଠାରେ ପହଞ୍ଚି ସେହି ଘରକୁ ପ୍ରଥମେ ସିଲ୍ କରି ଦେଇଛି ଭିଜିଲାନ୍ସ ବିଭାଗ। ଆଜି ଦିନ ତମାମ ତାଙ୍କର ଫୁଲବାଣୀର ଭଡା ଘର ତଲାସୀ ହେବା ସମେତ ଆଉ କେଉଁଠି ଥିବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ହୋଇ ରହିଛି ସେ ବାବଦରେ ତଦନ୍ତ କରାଯିବା ନେଇ ବିଭାଗ ପକ୍ଷରୁ ଜଣାପଡିଛି ।

# ଭୀଷଣ ହେବାରେ ଲାଗିଛି ଇରାନ-ଇସ୍ରାଏଲ ଯୁଦ୍ଧ

### କଠୋର ହେଲେ ଟ୍ରମ୍ପ: ଆଉ ଡିଲ୍ ନୁହେଁ, ନିଃସର୍ତ୍ତ ଆତ୍ମସମର୍ପଣ କର





ନୂଆଦିଲ୍ଲୀ,୬।୩: ଇରାନ ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ଆହୁରି କଠୋର ହୋଇଛି। ଏଥର କୌଣସି ଚୁକ୍ତି ନୁହେଁ ନିଃସର୍ତ୍ତ ଆତ୍ମସମର୍ପଣ କର ବୋଲି କହିଛନ୍ତି ଟ୍ରମ୍ପ। ଇରାନ ସହ ଯୁଦ୍ଧ ଦିନକୁ ଦିନ ଭୟଙ୍କର ରୂପ ନେଉଛି। ଆମେରିକା ଏବେ ସ୍ଥଳଭାଗରେ ଲଢ଼େଇ ଆରମ୍ଭ କରିବାକୁ ଚିନ୍ତା କରୁଛି। ହେଲେ ଇରାନ ବି ଚେତାବନୀ ଦେଇଛି, ଯଦି ସ୍ଥଳଭାଗରେ ସେନାକୁ ଛାଡ଼ିବେ ତେବେ ସ୍ଥିତି ସାଂଘାତିକ କରିଦେବୁ। ଏହାରି ଭିତରେ ଟ୍ରମ୍ପ ଶୁକ୍ରବାର ଇରାନକୁ ସିଧା ଧମକାଇଛନ୍ତି। କୂଟନୈତିକ ରାସ୍ତା ବାହାରିବା ପୂର୍ବରୁ ତେହେରାନକୁ ଆତ୍ମସମର୍ପଣ କରିବାକୁ ପଡିବ ବୋଲି ଟ୍ରମ୍ପଟ୍ରୁଥ ସୋଶାଲରେ ପୋଷ୍ଟ କରି ଲେଖିଛନ୍ତି। ଇରାନ ଆତ୍ମସମର୍ପଣ କରିବା ପରେ ଏହାର ଏକ ସମାଧାନ ଦିଗ ବାହାରିବ। ଏହାପରେ ଦେଶର ଏକ ମହାନ ଓ ସର୍ବଗ୍ରହଣୀୟ ନେତା ଚୟନ କରାଯିବ। ତା'ପରେ ଆମେ ଓ ଆମର ସୁନ୍ଦର ଓ ସାହସୀ ସହଯୋଗୀ ପାର୍ଟନରମାନେ ମିଶି ଇରାନକୁ ଧ୍ୱଂସ ମୁଖରୁ ଫେରାଇ ଆଣିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିବୁ। ଟ୍ରମ୍ପ କହିଥିଲେ ଯେ ସେ ଦେଶର ପରବର୍ତ୍ତୀ ନେତା ବାଛିବାରେ ବ୍ୟକ୍ତିଗତ ଭାବରେ ସାମିଲ ହେବାକୁ ଚାହାନ୍ତି, ଯେପରି ସେ ଭେନେଜୁଏଲା ସହିତ କରିଛନ୍ତି। ସେ ଇରାନର ଦିବଂଗତ ସର୍ବୋଚ୍ଚ ନେତା ଅଲି ଖାମେନିଙ୍କ ୫୬ ବର୍ଷୀୟ ପୁଅ ମୋଜତାବା ଖାମେନିଙ୍କ ସୁପ୍ରିମ ଲିଡର ହେବାକୁ ମଧ୍ୟ ନିନ୍ଦା କରିଥିଲେ ଏବଂ କହିଥିଲେ ଯେ ତାଙ୍କ ପରି ଜଣେ 'ହାଲୁକା' ବ୍ୟକ୍ତି ଇସଲାମିକ ଗଣରାଜ୍ୟର ଦାୟିତ୍ୱରେ ରହିବାର ସମ୍ଭାବନାକୁ ଗ୍ରହଣ କରାଯାଇ ପାରିବନାହିଁ। ସେପଟେ ଇରାନ କହିଛି ଯେ କୂଟନୀତି ପାଇଁ ଏବେ ବି ଆଶା ରହିଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ କିଛି ଦେଶ ଆମେରିକା ଏବଂ ଇସ୍ରାଏଲ ସହିତ ଯୁଦ୍ଧ ସମାପ୍ତ କରିବା ପାଇଁ ମଧ୍ୟସ୍ଥତା ପ୍ରୟାସ ଆରମ୍ଭ କରିଛନ୍ତି। ଯଦିଓ କେଉଁ ଦେଶ ଏହି ଉଦ୍ୟମ କରିଛନ୍ତି ସେ ଜାଣି ନାହାନ୍ତି ବୋଲି ପେଜେସ୍କିଆନ କହିଛନ୍ତି। ତେବେ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ଆରମ୍ଭ ହେବା ପରଠାରୁ କତାର,ତୁର୍କୀ,ଇଜିପ୍ଟ ଏବଂ ଓମାନ ସମସ୍ତେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇ ଆସୁଛନ୍ତି ବୋଲି କୁହାଯାଉଛି। ଇରାନ-ଇସ୍ରାଏଲ ଓ ଆମେରିକା ଯୁଦ୍ଧକୁ ସପ୍ତାହ ପୂରିଛି। ଏହାରି ଭିତରେ ଇରାନରେ ୧୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି। ଯେଉଁଥିରେ ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଅୟୋତୋଲ୍ଲା ଅଲି ଖାମେନିଙ୍କ ସମେତ ଏକାଧିକ ସେନା କମାଣ୍ଡର ଓ ସାଧାରଣ ଜନତାଙ୍କ ଜୀବନ ଯାଇଛି। ଆମେରିକା ଇରାନ ସ୍କୁଲ୍ ଉପରେ ଆକ୍ରମଣ କରି ଶତାଧିକ ଛାତ୍ରଛାତ୍ରୀଙ୍କୁ ମାରିଛି। ସେପଟେ ଇସ୍ରାଏଲରେ ମଧ୍ୟ ଲୋକ ମରିଛନ୍ତି ଓ ଆମେରିକା ସେନା ଯବାନ ସହିଦ ହୋଇଛନ୍ତି।

## ବାୟୁସେନାର ସୁଖୋଇ-୩୦ ବିମାନ ଦୁର୍ଘଟଣାଗ୍ରସ୍ତ: ୨ ପାଇଲଟ ମୃତ

ନୂଆଦିଲ୍ଲୀ,୬।୩: ବାୟୁସେନାର ସୁଖୋଇ-୩୦ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବିମାନଟି ଯୋରହାଟ ଏୟାରବେସରୁ ଏକ ପ୍ରଶିକ୍ଷଣ ଉଡ଼ାଣ ପାଇଁ ବାହାରିଥିଲା । ମାତ୍ର ସନ୍ଧ୍ୟା ପ୍ରାୟ ୭:୪୨ ସମୟରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଆସାମର କାର୍ବି ଆଙ୍ଗଲୋଙ୍ଗ ଜିଲ୍ଲାର ଏକ ପାହାଡ଼ିଆ ତଥା ଜଙ୍ଗଲିଆ ଅଞ୍ଚଳରେ ବିମାନଟି ଖସିପଡ଼ିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ଏକ ବଡ଼ ଧରଣର ବିସ୍ଫୋରଣ ଏବଂ ପ୍ରବଳ କଳା ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ । ବର୍ତ୍ତମାନ ସୁଦ୍ଧା ବିମାନର ଭଙ୍ଗା ଅଂଶ ମିଳିସାରିଛି । ମୃତକ ପାଇଲଟ ଦ୍ୱୟ ହେଲେ ସ୍କାଡନ ଲିଡର ଅନୁଜ ଏବଂ ସହପାଇଲଟ ଫ୍ଲାଇଟ୍ ଲେଫ୍ଟନାଣ୍ଟ ପୂର୍ବେଶ ଦୁର୍ଗାକର । ବାୟୁସେନା ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ଯୋରହାଟରୁ ପ୍ରାୟ ୬୦ କିମି ଦୂର ଚୋକିହୋଲା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ବିମାନଟି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି । ଘଟଣାସ୍ଥଳକୁ ବାୟୁସେନା ଏବଂ ଜରୁରୀକାଳୀନ ଟିମ୍ ପଠାଯାଇଛି । ସୁଖୋଇ ବିମାନରେ ଦୁଇଜଣ ବସିବାର ବ୍ୟବସ୍ଥା ଥାଏ ।

# ଭଜ ଗୋବିନ୍ଦ ଗୋବିନ୍ଦ ଭଜ...



'ମୋହମୁଦ୍‌ଗରଃ' ଶ୍ରୀଶଙ୍କରାଚାର୍ଯ୍ୟଙ୍କ ବିରଚିତ ଏକ ସୁପ୍ରସିଦ୍ଧ ସଂସ୍କୃତ ରଚନା। ଏଥିରେ ଗୋବିନ୍ଦଙ୍କୁ ଭଜନ ନ କରୁଥିବା ମନୁଷ୍ୟମାନଙ୍କୁ ମୂଢ଼ମତି ବୋଲି କୁହାଯାଇ, ଗୋବିନ୍ଦଙ୍କୁ ଭଜନ କରିବା ପାଇଁ କୁହାଯାଇଛି। ଉପରୋକ୍ତ ସୁଭାଷିତ, ୨୦ଟି ଶ୍ଳୋକ ବିଶିଷ୍ଟ ସେହି 'ମୋହମୁଦ୍‌ଗରଃ'ର ଅଷ୍ଟମ ଶ୍ଳୋକ। ଭଗବାନ ବିଷ୍ଣୁଙ୍କର ଫାଲଗୁନ ମାସର ନାମ 'ଗୋବିନ୍ଦ'। ଏହା 'ବିଷ୍ଣୁ ସହସ୍ର ନାମର ୨୦ତମ ଶ୍ଳୋକରେ ରହିଛି। ଏବଂ ଏହା ୧୮୭ତମ ନାମ। ଏହି ନାମର ତାତ୍ପର୍ଯ୍ୟ ସଂପର୍କରେ ସ୍ୱାମୀ ଚିନ୍ମୟାନନ୍ଦ କହିଛନ୍ତି– 'ଗୋ' ଶବ୍ଦର ଚାରିଟି ଅର୍ଥ ରହିଛି। ତାହା ହେଉଛି ଧରିତ୍ରୀ, ଗାଈ, ବୀଣା ଓ ବେଦ। ଯେଉଁପରି ଧରିତ୍ରୀ ସମସ୍ତଙ୍କର ଆଶ୍ରୟଦାତା, ଠିକ୍ ସେହିପରି, ପ୍ରାଣୀର ଅନ୍ତର୍ନିହିତ ସତ୍ତାର ଆଶ୍ରୟଦାତା ହେଉଛନ୍ତି ବିଷ୍ଣୁ। ସେହିପରି, ଯିଏ ଗୋରକ୍ଷକ ଏବଂ ଗୋକୁଳରେ ଗୋପାଳର ଭୂମିକା ନିର୍ବାହ କରିଛନ୍ତି, ସେ ମଧ୍ୟ ମନୁଷ୍ୟ ହୃଦୟରେ ପଶୁ ପ୍ରବୃତ୍ତିର ନିୟନ୍ତ୍ରକ। ସେହି ଈଶ୍ୱର, ଯାହାଙ୍କ ବିନା କଣ୍ଠରୁ ବାଣୀର ସ୍ଫୁରଣ ହୋଇପାରେନା– ସେ ହିଁ ସକଳ ଜୀବର ଜୀବନ। ସେ ହିଁ ସର୍ବୋତ୍ତମ ବାଣୀ ଓ ଶବ୍ଦର ରଚୟିତା। 'ମୋହମୁଦ୍‌ଗରଃ'ର ଉପରୋକ୍ତ ସୁଭାଷିତରେ ଆଦି ଶଙ୍କରାଚାର୍ଯ୍ୟ କହିଛନ୍ତି– ଦିନ, ରାତି, ସନ୍ଧ୍ୟା ଓ ପ୍ରଭାତ, ଏ ସବୁ ଠିକ୍ ସମୟରେ ଆସୁଛନ୍ତି। ଶିଶିର ଓ ବସନ୍ତ ଆଦି ଋତୁମାନେ ଯାଉଛନ୍ତି ପୁଣି ଆସୁଛନ୍ତି। କାଳ ଏହିପରି ଭାବରେ କ୍ରୀଡ଼ା କରୁଛି। ମନୁଷ୍ୟର ଆୟୁ, ପ୍ରତିଦିନ କ୍ଷୟ ହେଉଛି। ତଥାପି ତା'ର ଆଶା ଓ କାମନାର ପ୍ରବାହ କ୍ଷୀଣ ହେଉନାହିଁ। ଏଣୁ ହେ ମୂଢ଼ମତି ମନୁଷ୍ୟ! ଗୋବିନ୍ଦଙ୍କୁ ଭଜନ କର। ଏହି ସ୍ତୋତ୍ରର ରଚନା ସହିତ ଜଡିତ ଏକ କିମ୍ବଦନ୍ତୀ ଅଛି। କୁହାଯାଏ ଯେ ଆଦି ଶଙ୍କରାଚାର୍ଯ୍ୟ ତାଙ୍କ ଶିଷ୍ୟମାନଙ୍କ ସହିତ ଦିନେ ବାରାଣସୀର ଏକ ରାସ୍ତାରେ ଯାଉଥିଲେ, ଯେତେବେଳେ ସେ ରାସ୍ତାରେ ଜଣେ ବୃଦ୍ଧ ବିଦ୍ୱାନଙ୍କୁ ବାରମ୍ବାର ପାଣିନିଙ୍କ ସଂସ୍କୃତ ବ୍ୟାକରଣର ନିୟମ ପାଠ କରୁଥିବାର ଦେଖିଲେ। ତାଙ୍କ ପ୍ରତି ଦୟା ପ୍ରକାଶ କରି, ଆଦି ଶଙ୍କରାଚାର୍ଯ୍ୟ ସେହି ବିଦ୍ୱାନଙ୍କ ପାଖକୁ ଗଲେ ଏବଂ ତାଙ୍କୁ ପରାମର୍ଶ ଦେଲେ ଯେ ତାଙ୍କ ବୟସରେ ବ୍ୟାକରଣରେ ସମୟ ନଷ୍ଟ ନ କରି, ବରଂ ପୂଜା ଏବଂ ଆରାଧନାରେ ଈଶ୍ୱରଙ୍କ ପ୍ରତି ତାଙ୍କର ମନକୁ ଫେରାଇ ଆଣନ୍ତୁ, ଯାହା ତାଙ୍କୁ କେବଳ ଜୀବନ ଏବଂ ମୃତ୍ୟୁର ଏହି ଦୁଷ୍ଟଚକ୍ରରୁ ରକ୍ଷା କରିପାରିବ। 'ଭଜ ଗୋବିନ୍ଦମ୍' ସ୍ତୋତ୍ର ଏହି ଅବସରରେ ରଚିତ ହୋଇଥିବା କୁହାଯାଏ। ଏହି ରଚନାଟି ଏକ ସ୍ମରଣକାରୀ ଯେ ଆଦି ଶଙ୍କରାଚାର୍ଯ୍ୟ, ଯାହାଙ୍କୁ ପ୍ରାୟତଃ ମୋକ୍ଷ ପ୍ରାପ୍ତ କରିବା ପାଇଁ ଜ୍ଞାନ ମାର୍ଗ କିମ୍ବା 'ଜ୍ଞାନର ପଥ' ର ପୁନର୍ଜୀବକ ଭାବରେ ବିବେଚନା କରାଯାଏ, ସମାନ ଲକ୍ଷ୍ୟ ହାସଲ କରିବା ପାଇଁ ଭକ୍ତି ମାର୍ଗ (ଭକ୍ତିର ପଥ) ର ପ୍ରବକ୍ତା ଥିଲେ। ସି. ରାଜଗୋପାଳଚାରୀ ତାଙ୍କ ବ୍ୟାଖ୍ୟାରେ କହିଛନ୍ତି, 'ଯେତେବେଳେ ବୁଦ୍ଧି (ଜ୍ଞାନ) ପରିପକ୍ୱ ହୁଏ ଏବଂ ହୃଦୟରେ ସୁରକ୍ଷିତ ଭାବରେ ସ୍ଥାନ ପାଏ, ତାହା ଜ୍ଞାନ (ବିଜ୍ଞାନ) ହୋଇଯାଏ। ଯେତେବେଳେ ସେହି ଜ୍ଞାନ (ବିଜ୍ଞାନ) ଜୀବନ ସହିତ ଏକୀକୃତ ହୋଇ କାର୍ଯ୍ୟରେ ପ୍ରକାଶିତ ହୁଏ, ତାହା ଭକ୍ତି (ଭକ୍ତି) ହୋଇଯାଏ। ପରିପକ୍ୱ ହୋଇଥିବା ଜ୍ଞାନ (ଜ୍ଞାନ)କୁ ଭକ୍ତି (ଭକ୍ତି) କୁହାଯାଏ। ଯଦି ଏହା ଭକ୍ତି (ଭକ୍ତି)ରେ ରୂପାନ୍ତରିତ ନ ହୁଏ, ତେବେ ଏପରି ଜ୍ଞାନ ଅଦରକାରୀ।



ହିନ୍ଦୁ ଧର୍ମରେ ତିନି ଜଣ ମୁଖ୍ୟ ଦେବତା ଅଛନ୍ତି: ବ୍ରହ୍ମା, ବିଷ୍ଣୁ ଏବଂ ମହେଶ। ମହେଶ ହେଉଛି ଭଗବାନ ଶଙ୍କରଙ୍କ ନାମ। ମହାଦେବ ଅନନ୍ତ। ଶାସ୍ତ୍ରରେ, ସୋମବାର ତାଙ୍କ ପାଇଁ ଉତ୍ସର୍ଗୀକୃତ। ତାଙ୍କ ପାଇଁ ଅନେକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ଉପବାସ ଅଛି, ଯାହା ପାଳନ କରିବା ଦ୍ୱାରା ଭକ୍ତମାନଙ୍କୁ ବିଶେଷ ଲାଭ ମିଳିଥାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭକ୍ତମାନେ ପ୍ରତିଦିନ ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତି। ବିଶ୍ୱାସ କରାଯାଏ ଯେ କେବଳ ଶିବଲିଙ୍ଗଙ୍କୁ ଜଳ ଅର୍ପଣ କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୁଅନ୍ତି ଏବଂ ତାଙ୍କର ଆଶୀର୍ବାଦ ପ୍ରଦାନ କରନ୍ତି। ମହାଶିବରାତ୍ରି, ଶ୍ରାବଣ ମାସ, ପ୍ରଦୋଷ ବ୍ରତ ଏବଂ ମାସିକ ଶିବରାତ୍ରି ଭଳି ଉପବାସରେ, ଶିବଲିଙ୍ଗଙ୍କୁ ଜଳରେ ଅଭିଷେକ କରି ପୂଜା କରାଯାଏ। କିନ୍ତୁ

# ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ

ଜାଣନ୍ତି କି ? ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ ? ଶିବଲିଙ୍ଗ ପୂଜା ପଛର ରହସ୍ୟ ଏଥର ଅନୁସନ୍ଧାନ କରିବା।



## ବେଦ ଅନୁସାରେ...

ବେଦ ଅନୁସାରେ, ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡରେ ଏକମାତ୍ର ଦେବତା ଯାହାଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ କାରଣ ସେ ସମଗ୍ର ବ୍ରହ୍ମାଣ୍ଡର ମୂଳ କାରଣ। ଭଗବାନ ଶିବଙ୍କୁ ଆରମ୍ଭ ଏବଂ ଶେଷର ଦେବତା ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର କୌଣସି ଆକାର ନାହିଁ କିମ୍ବା ଆକାର ନାହିଁ। ମହାଦେବଙ୍କୁ ନିରାକାର ବୋଲି ବିବେଚନା କରାଯାଏ। ଭଗବାନ ଶିବଙ୍କ କୌଣସି ଆରମ୍ଭ କିମ୍ବା ଶେଷ ନଥିବାରୁ, ଲିଙ୍ଗକୁ ଭଗବାନ ଶିବଙ୍କ ନିରାକାର ରୂପ ଭାବରେ ବିବେଚନା କରାଯାଏ। ଭଗବାନଙ୍କ ସାକାର ରୂପ ହେଉଛନ୍ତି ଭଗବାନ ଶଙ୍କର, ଏବଂ ନିରାକାର ରୂପ ହେଉଛି ଶିବଲିଙ୍ଗ। ଶିବଲିଙ୍ଗ ନିରାକାର ବ୍ରହ୍ମକୁ ପ୍ରତୀକ କରେ। ବାୟୁ ପୁରାଣ ଅନୁସାରେ, ପ୍ରତ୍ୟେକ ଯୁଗର ମହାକାଳ ପରେ, ଜଗତ ଏହି ଶିବଲିଙ୍ଗରେ ଲୀନ ହୁଏ, ଯାହା ପରେ ଜଗତକୁ ପୁନଃନିର୍ମାଣ କରେ। ବେଦରେ, ଲିଙ୍ଗ ଶବ୍ଦ ସୂକ୍ଷ୍ମ ଶରୀର ପାଇଁ ବ୍ୟବହୃତ ହୋଇଛି। ଏହା ୧୭ଟି ଉପାଦାନରେ ଗଠିତ।

## ଶିବଲିଙ୍ଗର ଉତ୍ପତ୍ତି କିପରି ହୋଇଥିଲା ?

ପୁରାଣ ଅନୁସାରେ, ଥରେ ବ୍ରହ୍ମା ଏବଂ ଭଗବାନ ବିଷ୍ଣୁ କିଏ ଶ୍ରେଷ୍ଠ ତାହା ଉପରେ ଯୁକ୍ତିତର୍କ କରିଥିଲେ। ଉଭୟେ ନିଜର ଶ୍ରେଷ୍ଠତା ଦାବି କରିଥିଲେ। ହଠାତ୍ ଏକ ଲିଙ୍ଗ ଦେଖାଗଲା। ଉଭୟ ଦେବତା ଏହାର ଉତ୍ସ ଖୋଜିବାକୁ ଚେଷ୍ଟା କଲେ, କିନ୍ତୁ ହଜାର ହଜାର ବର୍ଷ ପରେ ମଧ୍ୟ ସେମାନେ ଏହାର ଉତ୍ସ ପାଇ ପାରିଲେ ନାହିଁ। ବ୍ରହ୍ମା ତା'ପରେ ଆଲୋକ ସ୍ତମ୍ଭ ବିଷୟରେ ପଚାରିଲେ ଏବଂ ଉତ୍ତର ଆସିଲା, ପ୍ରକାଶ କଲେ ଯେ ଏହା ଶିବ। ତାଙ୍କଠାରୁ ଜୀବନର ସମସ୍ତ ଉତ୍ସ ଉତ୍ପନ୍ନ ହୋଇଥିଲା। ଏପରିକି ବ୍ରହ୍ମା ଏବଂ ବିଷ୍ଣୁ ମଧ୍ୟ ତାଙ୍କଠାରୁ ଜନ୍ମ ହୋଇଥିଲେ। କୁହାଯାଏ ଯେ ଏହା ପରେ ହିଁ ଭଗବାନ ଶିବ ତାଙ୍କର ନିରାକାର ରୂପରେ ଏକ ଶିବଲିଙ୍ଗ ଭାବରେ ପ୍ରତିଷ୍ଠିତ ହୋଇଥିଲେ। ଭଗବାନ ବ୍ରହ୍ମା ଏବଂ ବିଷ୍ଣୁ ସେହି ଶିବଲିଙ୍ଗଙ୍କୁ ପୂଜା କରିବା ଆରମ୍ଭ କରିଥିଲେ। ସେବେଠାରୁ, ଶିବଲିଙ୍ଗ ପୂଜା କରିବାର ପରମ୍ପରା ଆରମ୍ଭ ହୋଇଥିଲା।

# ପବିତ୍ର ମନରେ କରନ୍ତୁ ଆରାଧନା

ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ସକାଳେ ସ୍ନାନ କରି ସାରିବା ପରେ ଏମିତି କିଛି ବିଶେଷ କାମ ରହିଛି; ଯାହାକୁ କରିବା ଦ୍ୱାରା ଘରେ ସୁଖଶାନ୍ତି ବଢ଼ିବା ସହ ଧନ ମଧ୍ୟ ବୃଦ୍ଧି ହୋଇଥାଏ। ଯେମିତିକି: ପ୍ରତିଦିନ ସ୍ନାନ କରି ସାରିବା ପରେ ସୂର୍ଯ୍ୟ ନମସ୍କାର କରି ନିଜର ଇଷ୍ଟଦେବଙ୍କୁ ପବିତ୍ର ମନରେ ଆରାଧନା କଲେ ମନକୁ ଶାନ୍ତି ମିଳିବା ସହ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ତା'ପରେ ତୁଳସୀ ଚଉଁରାରେ ଜଳ ଦେଇ ମୁଣ୍ଡିଆ ମାରିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି। ଏସବୁ କାର୍ଯ୍ୟ ପରେ ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ଆର୍ଥିକ ସ୍ଥିତି ସୁଧୁରିଥାଏ ବୋଲି ଲୋକବିଶ୍ୱାସ ରହିଛି। ଅନ୍ୟପକ୍ଷେ ସ୍ନାନ ପରେ ହଳଦୀ ପାଣି ବି ଘରସାରା ଛିଞ୍ଚିଲେ ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବୃଦ୍ଧି ପାଇଥାଏ ବୋଲି କୁହାଯାଏ। ସେହିପରି ସ୍ନାନ ପରେ ଘରେ ଲୁଣପାଣି ବି ଛିଞ୍ଚିଲେ ଘରୁ ନକାରାତ୍ମକ ଉର୍ଜା ନଷ୍ଟ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ସ୍ନାନ ପରେ ଘରେ ଯେଉଁ ରୋଷେଇ କରାଯାଏ, ସେଥିରୁ କିଛି ଗାଈଙ୍କୁ ଖାଇବାକୁ ଦେଲେ ଶୁଭ ହୋଇଥାଏ। ସୁଖସମୃଦ୍ଧି ବୃଦ୍ଧି କରିବାରେ ଏହା ଅନେକ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ ରହିଛି।



# ଗଛରେ ଘଣ୍ଟା ବାନ୍ଧିଲେ ପୂରଣ ହୁଏ ମନସ୍କାମନା

**ଏଠାରେ କୌଣସି ପୂଜକ କିମ୍ବା କୌଣସି ପୂଜାପାଠ କରାଯାଏ ନାହିଁ । ଘଣ୍ଟା ବ୍ୟତୀତ ପର୍ଯ୍ୟଟକମାନେ ଗଛରେ ନଡ଼ିଆ, ଧୂପକାଠି, ସିଗାରେଟ୍ ଏବଂ ଚିଲମ ମଧ୍ୟ ଅର୍ପଣ କରନ୍ତି।**







କେବେ ଗଛ ଘଣ୍ଟା ପିନ୍ଧିଥିବା ଦେଖିଛନ୍ତି କି ? ଏମିତି ଏକ ଗଛ ରହିଛି ଯେଉଁ ଗଛରେ ପତ୍ରଠୁ ଅଧିକ ସଂଖ୍ୟାରେ ଘଣ୍ଟା ଦିଶିବ । ପ୍ରତିଟି ଡାଳ, ମୂଳ ଓ ପତ୍ର ସ୍ଥାନରେ କେବଳ ଘଣ୍ଟା ଦେଖିବାକୁ ମିଳିବ। କେତେକ ପର୍ଯ୍ୟଟକ ଘଣ୍ଟା ଗଛକୁ ଦେଖିବାକୁ ଆସନ୍ତି ତ ପୁଣି ଅନେକ ଘଣ୍ଟା ଗଛକୁ ଆହୁରି ଘଣ୍ଟା ପିନ୍ଧାଇ ମାନସିକ ରଖିଥାନ୍ତି । ମଧ୍ୟ ପ୍ରଦେଶ ଉଜ୍ଜୈନଠୁ ୪୫ କିଲୋମିଟର ଦୂର ଉନହେଲ ତହସିଲରେ ଏହି ଅଦ୍ଭୁତ ଗଛ । ଘଣ୍ଟାଗଛ ପୂରଣ କରେ ମନସ୍କାମନା: ଯେଉଁ ଗଛର ଚେରଠୁ ପତ୍ର ଯାଏଁ କେବଳ ଘଣ୍ଟା ହିଁ ଘଣ୍ଟା । ଏହି ଗଛ ଏବେ ଘଡ଼ି ବାବା ବା ଘଣ୍ଟା ଗଛ ଭାବେ ପରିଚିତ । ଯେଉଁଥିପାଇଁ ଏହି ସ୍ଥାନକୁ ଏବେ ଦୂରଦୁରାନ୍ତରରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସି ମାନସିକ କରୁଛନ୍ତି । ନିଜ ମନସ୍କାମନାକୁ ଗଛ କାନରେ ଫୁସୁଫୁସ ହୋଇ କହିବା ପରେ ଏକ ଘଣ୍ଟା ଗଛରେ ବାନ୍ଧି ଦେଇ ଯାଉଛନ୍ତି । ବିଶ୍ୱାସ ରହିଛି ଯେ ଘଣ୍ଟାଗଛ ଖରାପ ସମୟକୁ ଦୂରେଇ ଦେବା ସହ ଭଲ ସମୟ ଆଣିଦେବ । ପୂର୍ବରୁ ଏହି ଗଛରେ ଖୁବ କମ୍ ଘଣ୍ଟା ଦେଖିବାକୁ ମିଳୁଥିଲା । କିନ୍ତୁ ଏବେ ଗଛରେ ଲକ୍ଷାଧିକ ଘଣ୍ଟା ଭର୍ତ୍ତି । ଗଛ ନିକଟରେ ଥିବା ମନ୍ଦିରର ପୂଜକ କହିଛନ୍ତି ଯେ ''ଏହା ସମ୍ପୂର୍ଣ୍ଣ ରୂପେ ବିଶ୍ୱାସର କଥା । ଲୋକେ ମାନସିକ ରଖି ଗଛରେ ଏକ ହାତ ଘଣ୍ଟା ବା କାନ୍ଥ ଘଣ୍ଟା ବାନ୍ଧି ଦିଅନ୍ତି । ସେମାନଙ୍କ ବିଶ୍ୱାସ ଯେ ଏହି ଘଣ୍ଟା ସେମାନଙ୍କ ଖରାପ ସମୟ ବଦଳାଇଦେବ । ଆଉ କିଛି ଲୋକେ କେବଳ ଗଛ ନିକଟରେ ମାନସିକ ରଖି ଚାଲିଯାଆନ୍ତି । ସେମାନଙ୍କ ମନସ୍କାମନା ପୂରଣ ହେବା ପରେ ସେମାନେ ଆସି ଗଛରେ ଘଣ୍ଟା ବାନ୍ଧି ଥାଆନ୍ତି ''। ଗଛ ତଳେ କିମ୍ବା ତା' ପାଖରେ ଛିଡା ହେଲେ ଅସଂଖ୍ୟ ଘଣ୍ଟାର ଟିକ୍-ଟିକ୍ ଧ୍ୱନି ଆପଣଙ୍କୁ ଅନୁଭବ କରାଇବ ଯେ ସମୟ କାହା ପାଇଁ ଅପେକ୍ଷା କରେ ନାହିଁ। ଗତ କିଛି ବର୍ଷ ମଧ୍ୟରେ ଏହି ସ୍ଥାନରେ ଭିଡ଼ ବଢ଼ିବା ଆରମ୍ଭ ହୋଇଛି । ଯାହା ମନ୍ଦିର ଠାରୁ କମ୍ ନୁହେଁ ବୋଲି ବିବେଚନା କରାଯାଏ। ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏହି ସ୍ଥାନ ଚାରିପାଖରେ ଏବେ ଦୋକାନ ମଧ୍ୟ ଖୋଲା ଯାଇଛି । କିନ୍ତୁ ଏଠାରେ କୌଣସି ପୂଜକ କିମ୍ବା କୌଣସି ପୂଜାପାଠ କରାଯାଏ ନାହିଁ । ଘଣ୍ଟା ବ୍ୟତୀତ ପର୍ଯ୍ୟଟକ ମାନେ ଗଛରେ ନଡ଼ିଆ, ଧୂପକାଠି, ସିଗାରେଟ୍ ଏବଂ ଚିଲମ ମଧ୍ୟ ଅର୍ପଣ କରନ୍ତି। 'ଯଦିଓ ଏହି ସ୍ଥାନ କେବେ ଲୋକଲୋଚନକୁ ଆସିଲା ତାହାର କୌଣସି ପ୍ରମାଣ ନାହିଁ କିନ୍ତୁ ଲୋକମାନେ ସେମାନଙ୍କର ବିଶ୍ୱାସ ଏବଂ ବିଶ୍ୱାସ ସହିତ ଏହାକୁ ଏକ ତୀର୍ଥସ୍ଥଳରେ ପରିଣତ କରିଛନ୍ତି । ଏଠାକୁ ପର୍ଯ୍ୟଟକ ବହୁ ଆଶା ନେଇ ଆସନ୍ତି ଏବଂ ଆଶୀର୍ବାଦ ନେଇ ଚାଲିଯାଆନ୍ତି' ବୋଲି ନିକଟସ୍ଥ ମନ୍ଦିରର ପୂଜକ କହିଛନ୍ତି ।

# ରୁଦ୍ରାକ୍ଷର ଆଧ୍ୟାତ୍ମିକ ଗୁଣ



ହିନ୍ଦୁ ଧର୍ମରେ ବହୁ ପ୍ରାଚୀନ କାଳରୁ, ପୂଜା-ପାଠ, ଯଜ୍ଞ, ହୋମ ପରି ଶୁଭ କାର୍ଯ୍ୟରେ ରୁଦ୍ରାକ୍ଷର ପ୍ରୟୋଗ କରାଯାଏ। ରୁଦ୍ରାକ୍ଷ ବିନା କୌଣସି ଧାର୍ମିକ ଅନୁଷ୍ଠାନ ପୂର୍ଣ୍ଣ ହୁଏ ନାହିଁ। ଏବେ ବୈଜ୍ଞାନିକଙ୍କ ଅନୁସନ୍ଧାନ ମାଧ୍ୟମରେ ସାରା ବିଶ୍ୱରେ ରୁଦ୍ରାକ୍ଷର ଗୁଣବତ୍ତା ପ୍ରମାଣିତ ହୋଇଗଲାଣି। ଏହାର ଔଷଧୀୟ ଗୁଣ ଏବଂ ଆଧ୍ୟାତ୍ମିକ ଗୁଣ ରହିଛି। ଏହାକୁ ଧାରଣ କଲେ ଶରୀର ସୁସ୍ଥ ଏବଂ ମନ ଶାନ୍ତ ରହେ। **ରୁଦ୍ରାକ୍ଷର ଉତ୍ପତ୍ତି:** ରୁଦ୍ରାକ୍ଷ ଅର୍ଥ ରୁଦ୍ରଙ୍କ ନେତ୍ର। ଏହାର ଉତ୍ପତ୍ତି ତଥା ନାମକରଣ ପଛରେ ଏକ କଥା ପ୍ରଚଳିତ। ତ୍ରିପୁରାସୁର ନାମକ ରାକ୍ଷସକୁ ବଧ କରିବା ସମୟରେ ରୁଦ୍ରାବତାର ଧାରଣ କରିଥିବା ଶିବଙ୍କ ଆଖିରୁ ପାଣି ବାହାରି ପୃଥିବୀ ଉପରେ ପଡ଼ିଗଲା। ଯାହାକୁ ରୁଦ୍ରାକ୍ଷ ନାମ ଦିଆଗଲା। ଆହୁରି କୁହାଯାଏ ଯେ, ଯେତେବେଳେ ହିମାଳୟଙ୍କ କନ୍ୟା ସତୀ ନିଜକୁ ଯଜ୍ଞ କୁଣ୍ଡରେ ସମାହିତ କରିଦେଲେ ସେତେବେଳେ ଭଗବାନ ଶିବ ରୌଦ୍ର ରୂପ ଧାରଣ କରି ସତୀଙ୍କ ପୋଡ଼ା ଶରୀରକୁ ନିଜ କାନ୍ଧରେ ଧରି ବ୍ରହ୍ମାଣ୍ଡର ବିନାଶ କରିବାକୁ ତାଣ୍ଡବ ନୃତ୍ୟ କଲେ। ଶିବଙ୍କୁ ଏଥିରୁ ନିବୃତ୍ତ କରିବାକୁ ବିଷ୍ଣୁ ଠାକୁର ସୁଦର୍ଶନ ଚକ୍ର ପଠାଇଲେ, ଯାହାଦ୍ୱାରା ସତୀଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଗଲା। ଯେଉଁ ସ୍ଥାନମାନଙ୍କରେ ଏହା ପଡ଼ିଲା ସେଠାରେ ଶକ୍ତିପୀଠର ସ୍ଥାପନା ହେଲା। ଶେଷରେ ଶିବଙ୍କ କାନ୍ଧରେ କେବଳ ସତୀଙ୍କ ଭସ୍ମ ରହିଥିଲା। ଯାହାକୁ ଦେଖି ଶିବ କାନ୍ଦି ପକାଇଥିଲେ। ତାଙ୍କ ଆଖିର ଲୁହ ପୃଥିବୀରେ ପଡ଼ି ଗଛ ରୂପେ ଜନ୍ମ ନେଲା। ତେଣୁ ତାହାର ନାମ ରୁଦ୍ରାକ୍ଷ ରଖାଗଲା। ଏହିପରି ଭାବେ ରୁଦ୍ରଙ୍କ ଅଶ୍ରୁରୁ ବା ଲୁହରୁ ରୁଦ୍ରାକ୍ଷର ସୃଷ୍ଟି। **ରୁଦ୍ରାକ୍ଷର ଆଧ୍ୟାତ୍ମିକ ଗୁଣ:** ରୁଦ୍ରାକ୍ଷ ଏକରୁ ଆରମ୍ଭ କରି ୩୫ ମୁଖବାଲା ରହିଛି। ବିଭିନ୍ନ କାର୍ଯ୍ୟସିଦ୍ଧି ପାଇଁ ଭିନ୍ନ ଭିନ୍ନ ରୁଦ୍ରାକ୍ଷର ଉପଯୋଗ କରାଯାଏ। ପୁରୁଣା ରୁଦ୍ରାକ୍ଷ ଅଧିକ ପ୍ରଭାବଶାଳୀ ଅଟେ। ମାନସିକ ଶାନ୍ତି, ଧୈର୍ଯ୍ୟ, ସାମାଜିକ ପ୍ରତିଷ୍ଠା, ସଫଳତା, ପୁତ୍ର ପ୍ରାପ୍ତି, ଲକ୍ଷ୍ମୀ ପ୍ରାପ୍ତି, ଜ୍ଞାନ ପ୍ରାପ୍ତି ଆଦି ପାଇଁ ମଧ୍ୟ ରୁଦ୍ରାକ୍ଷ ଧାରଣର ମହତ୍ତ୍ୱ ରହିଛି। ତେବେ ରୁଦ୍ରାକ୍ଷକୁ ଶୁଦ୍ଧ କରାଇ ସ୍ୱତନ୍ତ୍ର ଭାବେ ସିଦ୍ଧି କରାଯିବା ପରେ ଧାରଣ କରିବା ପ୍ରଭାବଶାଳୀ ହୋଇଥାଏ। ରୁଦ୍ରାକ୍ଷଙ୍କୁ ମନ୍ତ୍ର ଜପ ପୂର୍ବକ ଧାରଣ କରିବା ଉଚିତ। ଭିନ୍ନ ଭିନ୍ନ ରୁଦ୍ରାକ୍ଷ ପାଇଁ ଅଲଗା ଅଲଗା ମନ୍ତ୍ର ଉଚ୍ଚାରଣ କରିବା ଜରୁରୀ। ତେଣୁ ଯୋଗ୍ୟ ବ୍ରାହ୍ମଣଙ୍କ ଉପଦେଶରେ ରୁଦ୍ରାକ୍ଷ ଧାରଣ କରିବା ଲାଭ ଦେବ।

# ଅସ୍ତିତ୍ୱ ଖୋଜୁଛି ରାୟଗଡ଼ାର ନାଗାବଳି

## ||||||||||||| ବିପର୍ଯ୍ୟୟ ପାଇଁ ପ୍ରକୃତି କି ମଣିଷ ଦାୟୀ ? |||||||||||||

ରାୟଗଡା,(ନି :ପ୍ର): ରାଜ୍ୟର ଦକ୍ଷିଣ ଓଡ଼ିଶାର କିଛି ପ୍ରମୁଖ ନଦୀ ମଧ୍ୟରୁ ନାଗାବଳି ଅନ୍ୟତମ । ଏହି ନଦୀ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ଗୁଣପୁର ପଞ୍ଚାୟତର ଏକ ପାହାଡ଼ କୋଣରୁ ବାହାରିଛି । ଏହି ନଦୀ ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର, କୋଲନରା, ରାୟଗଡା ବ୍ଲକଦେଇ ପ୍ରଭାହିତ ହୋଇ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟସ୍ତ ବାଙ୍ଗାପସାଗରରେ ମିଶୁଛି । ନାଗାବଳି, ଏହା କେବଳ ଗୋଟିଏ ନଦୀନୁହଁ,ଏହା ଉକ୍ତ ଅଞ୍ଚଳର ଲୋକଙ୍କ ପାଇଁ ଜୀବନ ଜୀବିକା କହିଲେ ଭୁଲ ହେବନାହିଁ । ଏହି ନାଗାବଳୀ କାହାପାଇଁ ନଦୀ ହୋଇପାରେ, କିନ୍ତୁ ଏହା ରାୟଗଡା ଜିଲ୍ଲାର ତିନୋଟି ବ୍ଲକ ଓ ଆନ୍ଧ୍ରପ୍ରଦେଶର ଦୁଇଟି ଜିଲ୍ଲାର ଜୀବନ ରେଖା କହିଲେ ଭୁଲ ହେବନାହିଁ ।ଏହି ନଦୀ ଉପରେ କୃଷି, ମତ୍ସ୍ୟଜିବି, କଳ କାରଖାନା,ଜୀବଜନ୍ତୁ,ପାନୀୟ ଜଳ ନିର୍ଭର କରନ୍ତି । ଏବେ କିଛି ବର୍ଷ ହେବ ଜଳସ୍ତର କମିଯାଇ ଛୋଟିଆ ନାଳ ଭଳି ଦୃଶ୍ୟମାନ ହେଉଛି ।



କେବଳ ଏତିକି ନୁହେଁ ନାଗାବଳି ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ବୋଲି ପରିବେଶ ବିତ୍‌ମାନେ ମତ ପ୍ରକାଶ କଲେଣି ।ଦିନେ ଲୋକଙ୍କୁ ଜୀବନ ଦେଉଥିବା ବେଳେ ବର୍ତ୍ତମାନ ନିଜ ଜୀବନ ବଞ୍ଚାଇବା ଅହ ରହ ସଂଘର୍ଷ କରୁଥିବାର ନଦୀକୁ ଦେଖିଲେ ଜଣାପଡୁଛି । ଦିନକୁ ଦିନ ଜଳସ୍ତର କମିଯିବାରୁ ନଦୀ ମଝିରେ ଲଟା ବୁଦା ଓ ଗଛ ଉଠି ଯାଉଛି । ବାଲି ମାଫିଆ ଲୋଲୁପଦୃଷ୍ଟି ଓ ଖଣି,ରାଜସ୍ୱ, ବନ ବିଭଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନୀତି ଚୋରି ହେଉଥିବାରୁ ବେଆନ ଭାବରେ ବାଲି ଉତ୍ତୋଳନ ହେଉଥିବାରୁ ଏଭଳି ଅସ୍ତିତ୍ୱ ହରାଇ ବସିଛି କହିଲେ ଭୁଲ ହେବନାହିଁ । ବାଲି ନଦୀର ପାଣିକୁ ଭିଡି ଧରିଥାଏ । ବାଲି ନଦୀ ଭତରୁ କି ବାଲିପଠାରୁ ନିୟମିତ ଭାବେ ଉଠା ହେଉଥିବାରୁ ଜଳସ୍ରୋତ କମିକମି ଯାଉଥିବାରୁ ନାଗାବଳି ନିଜର ଅସ୍ତିତ୍ୱ ହରାଉଛି ।

ବର୍ଜ୍ୟବସ୍ତୁ ପ୍ରଦୂଷଣ,ଜଳବାୟୁ ପରିବର୍ତ୍ତନ,ଦିନକକୁ ଦିନ ବାଲି ଖନନ ଓ କାଗଜ କଳ ଦ୍ୱାରା ନଦୀଜଳ ଦ୍ୱାରା ନଦୀରୁ ଜଳ ଟାଣି ନିଆ ଯାଉଥିବା ନଦୀକୁଳିଆ ଲୋକେ ଏକ ପତ୍ରକାର ସମ୍ମିଳନୀ କରି ସୂଚିତ କରିବା ସହ, ଏହାକୁ ବନ୍ଦ ନ କଲେ ଆନ୍ଦୋଳନ ଚେତାବନୀ ଦେଇଥିଲେ । ଉକ୍ତ ନଦୀକୁଳିଆରେ ସରକାରୀ ରାଜସ୍ୱ ଓ ବନ ବିଭାଗର ଜମିରେ ବେଆଇନ ଭାବରେ କପା ଚାଷ କରା ଯାଉଥିବାରୁ ବର୍ଷା ଦିନରେ ହାଲୁକା ମାଟି ନଦୀରେ ପସି ପଙ୍କୁଆ ହୋଇ ଡିପ ହୋଇ ଯାଉଥିବାରୁ ଜଳସ୍ତର କମିବାର ମୁଖ୍ୟ କାରଣ ପାଲଟିଥିବା ନଦୀ କୁଳିଆ ବାସି ପ୍ରକାଶ କରିଛନ୍ତି । ଏମିତିକି ପାହାଡ଼ ଉପରେ ବଡ଼ବଡ଼ ଗଛ କାଟି ବନାଗ୍ନୀ ଦ୍ୱାରା ନଷ୍ଟ ହେଉଥିବାରୁ ନଦୀର ଜଳସ୍ତର କମିବା ମଧ ଗୋଟିଏ କାରଣ ହୋଇଥାଇ ପରେ ବୋଲି ପରିବେଶବିତ ମାନେ ମତ ପ୍ରକାଶ କରିଛନ୍ତି । କେବଳ ବର୍ଷା ଋତୁରେ ହିଁ ବ୍ଲକର ହାତୀମୁଣ୍ଡା ଚେକଡେମ ମାଧ୍ୟମରେ ପ୍ରାୟ ଦୁଇ ହଜାର ଜେମିକୁ ପାଣି ଯୋଗାଇବା ପାଇଁ ନିର୍ମାଣ ହୋଇଛି । କିନ୍ତୁ ଚେକଡେମର କେନାଲ ମରାମତି ଓ ଲଟା ବୁଦା ନିୟମିତସଫା କରାଯାଉନଥିବାରୁ ଜମିକୁ ମଧ ଭଲକରି ପାଣି ମାଡୁନାହିଁ । ଯାହାଫଳରେ ଚାଷ ସମୟରେ ଚାଷୀଙ୍କୁ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛିଚାଷୀ ମାନଙ୍କୁ ।

ତଳା ଅଁଳରେ ଜେକେ କାଗଜ କଳ ପାଣି ଶୋଷି ନେଉଥିବା ଅଭିଯୋଗ ହେଉଛି, ଏକ ସାମ୍ବାଦିକ ସମ୍ମିଳନୀ କରି ନଦୀକୂଳ ତଟ ବାସି, ଏଣୁ ଉପର ଅଞ୍ଚଳରେ ଚାଷ କାର୍ଯ୍ୟ ପାଇଁ ପାଣି ନିଅଣ୍ଟ ହେଉଥିବାରୁ ଚାଷ କାର୍ଯ୍ୟ ଛାଡି ନୀଳଗିରି ଗଛ ଲଗାଇ ଜୀବନ ବଞ୍ଚଉଥିବା ଦେଖିବାକୁ ମିଳୁଛି । ପ୍ରଶାସନିକ ଓ ମନ୍ତ୍ରୀସ୍ତରିୟ ଆଲୋଚନା ମାଧ୍ୟମରେ ସମାଧାନ କରିବା ସହ ଦାୟିତ୍ୱ ହୀନତା କାର୍ଯ୍ୟ କରୁଥିବା ଅଧିକାରୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

## ପାନୀୟ ଜଳ ସଂକଟ : ଦୂରୀକରଣ ପାଇଁ ସଚେତନ ରଥର ଶୁଭାରମ୍ଭ



କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ସମିତି କାର୍ଯାଳୟ ପରିସରରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ କାଶୀନଗର ବ୍ଲକର ପ୍ରତ୍ୟେକ ପଞ୍ଚାୟତ ମଧ୍ୟରେ ଥିବା ଗ୍ରାମ ମାନଙ୍କରେ ପାନୀୟ ଜଳ ସଙ୍କଟ ଦୂର କରି ସମସ୍ତଙ୍କ ନିକଟରେ କିପରି ପାନୀୟ ଜଳ ଯୋଗାଣ ହୋଇପାରିବ । ସେଥିପାଇଁ ବିଭାଗୀୟ ଯନ୍ତ୍ରୀ ତ୍ରିପତି ସାହୁଙ୍କ ଉପସ୍ଥିତରେ ସ୍ଥାନୀୟ ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ ଏକ ସଚେତନ ରଥର ଶୁଭାରମ୍ଭ ସବୁଜ ପତାକା ଦେଖାଇ କରିଥିଲେ । ରଥ ବ୍ଲକର ପ୍ରତ୍ୟେକ ଗ୍ରାମ ପରିକ୍ରମା କରି ପାନୀୟ ଜଳ ସଙ୍କଟ ଦୂରୀଭୂତ କରିବା ପାଇଁ ବାର୍ତ୍ତା ଦେବ ।

## ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ଛାତ୍ରୀ

ରମ୍ଭା,(ନିପ୍ର): ଗଞ୍ଜାମ ବ୍ଲକ ଅଧୀନସ୍ଥ ସନ୍ତୋଷ ପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀ ଶିକ୍ଷାର୍ଥୀ ରୁପାଲୀ ସାହୁ ବୃତ୍ତି ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀ ଓ ଉପ ପ୍ରଧାନ ଆଚାର୍ଯ୍ୟ ରାମକୃଷ୍ଣ ଭକ୍ତ ଅପରାଜିତା ରଥଙ୍କ ନିଷ୍ଠା ଓ ଉଦ୍ୟମ ଯୋଗୁଁ ୨୦୦ ୩ ରୁ ୨୦୨୫ ଯାଏଁ କ୍ରମାଗତ ସରକାରୀ ବୃତ୍ତିରେ ସଫଳତା ପାଉଥିବାରୁ ଅଭିଭାବକ, ଶୁଭେଚ୍ଛୁ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି । ପିତା ବିଦ୍ୟାଧର ସାହୁ, ମାତା ପ୍ରମିଳା ସାହୁ ଗ୍ରାମ ସାନ ଗୋପାଳପୁର ବାସିନ୍ଦା ଅଟନ୍ତି ।

## ଦୁର୍ଘଟଣାରେ ବୃଦ୍ଧ ମୃତ

ଭାପୁର,(ନିପ୍ର): ଫତେଗଡ଼ ଥାନା ମାଧପୁର ଗ୍ରାମର ପାଣ୍ଡବ ଦାସ (୬୫)ଗତ ଦୁଇ ତାରିଖ ସୋମବାର ରାତ୍ରୀ ୯ଟା ସମୟରେ ଚଣାବିଲରୁ ଫେରୁଥିଲେ । ସେ ତାଙ୍କ ଗ୍ରାମ ନିକଟ ୪୮ ନମ୍ବର ରାଜ୍ୟ ରାଜପଥ ଉପରେ ଅବସ୍ଥିତ ଏକ ଢ଼ାବା ନିକଟରେ ପହଞ୍ଚି ଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ମାରୁତି ଭ୍ୟାନ (ଓଡି ୦୫ କିୟୁ ୩୧୫୩) ପାଣ୍ଡବକୁ ଧକ୍କା ଦେଇ ଦ୍ରୁତଗତିରେ କଣ୍ଟିଲୋ ପଟକୁ ଚାଲି ଯାଇଥିଲା । ଏହି ମାରୁତି ଭ୍ୟାନଟି ଦ୍ରୁତ ଗତିରେ ଯାଉଥିବା ଦେଖି ପାପାଲୀ ଢ଼ାବା ନିକଟରେ ରହିଥିବା ଜନସାଧାରଣଙ୍କର ସନ୍ଦେହ ହେବାରୁ ଉକ୍ତ ଭ୍ୟାନକୁ ଅଟକାଇଥିଲେ । ଏକ ଦୁର୍ଘଟଣା ହୋଇଛି ବୋଲି ସେମାନଙ୍କ ନିକଟରେ ଖବର ପହଞ୍ଚିଥିଲା । ଉପସ୍ଥିତ ଜନସାଧାରଣ କଣ୍ଟିଲୋ ଫାଣ୍ଡିକୁ ଖବର ଦେବା ସହିତ ସେହି ଭ୍ୟାନ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ବୃଦ୍ଧଙ୍କୁ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । କିନ୍ତୁ,ଅବସ୍ଥା ଗୁରୁତର ରହିଥିବାରୁ ଆମ୍ବୁଲାନ୍ସ ଯୋଗେ ପରିବାର ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଏମ୍ସ ହସ୍ପିଟାଲ, ଭୁବନେଶ୍ୱର ଆଣିଥିଲେ । ସେଠାରେ ଚିକିତ୍ସା ସମୟରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କଣ୍ଟିଲୋ ଫାଣ୍ଡି ଅଧିକାରୀ ମାରୁତି ଭ୍ୟାନକୁ ଜବତ କରିବା ସହିତ ଫତେଗଡ଼ ଥାନା ପକ୍ଷରୁ ତଦନ୍ତ ଚାଲିଥିବା ଜଣାପଡିଛି ।

## ଗୋଟିଏ ପରିବାର ଉପରେ ଅନ୍ୟ ପକ୍ଷର ସଂଘବଦ୍ଧ ଆକ୍ରମଣ

ପିପିଲି,(ନିପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଆନନ୍ଦପୁର ଗ୍ରାମର ମୁଦୁଲି ସାହିରେ ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି । ଦୁଇଟି ଭିନ୍ନ ଭିନ୍ନ ସାହିର ପ୍ରାୟ ୩୦ଟି ପରିବାରର ୧୦୦ରୁ ଅଧିକ ଗ୍ରାମବାସୀ ଏକତ୍ର ହୋଇ ମୁଦୁଲି ସାହିର ଏକ ପରିବାର ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଆନନ୍ଦପୁର ଗ୍ରାମର ଜଣେ ବାସିନ୍ଦା ତାଙ୍କ ପତ୍ନୀ ଓ ଦୁଇ ଝିଅ ଆକ୍ରୋଶର ଶିକାର ହୋଇଛନ୍ତି । ପରେ ବାସିନ୍ଦାଙ୍କ ମାଆ ମା ସୁଭାଷିନୀ ମୁଦୁଲି ଗୁରୁତର ଭାବେ ଆହତ ହୋଇ ସାକ୍ଷୀଗୋପାଳ ଡାକ୍ତରଖାନା ଚିକିତ୍ସାଧୀନ ଅଛନ୍ତି ।

ଅନ୍ୟପଟେ ଉତ୍ୟକ୍ତ ଲୋକମାନେ ମୁଦୁଲି ପରିବାରର ଦୁଇଟି ମୋଟରସାଇକେଲ ଓ ଗୋଟିଏ ଆଶୋକ ଲେଲାଣ୍ଡ ମାଲବୁହା ଗାଡ଼ିକୁ ଭାଙ୍ଗି ଦେଇଥିବା ସହ ଘରର ଆଜବେଷ୍ଟସକୁ ମଧ ବାଡ଼େଇ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଏନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଆନନ୍ଦପୁର ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିଛି ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କାଶୀନଗର ,(ନିପ୍ର): କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାନୁଆରୀ ମାସ ୨୭ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମ ରକ୍ଷା ତାଲିମ ଶିବିରର ଉଦତଯାପନୀ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ ବାନାପାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଯେଉଁ ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ଶିବିରରେ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ଶେଷ କରିଥିଲେ ସେମାନଂକୁ ମହାବିଦ୍ୟାଳୟ ତରଫରୁ ମାନପତ୍ର ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିରର ସଂଯୋଜିକା ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ ଥିବା ବେଳେ ପାରଳାଖେମୁଣ୍ଡିରୁ ଦୁଇ ଜଣ ପ୍ରଶିକ୍ଷିକା ଛାତ୍ରୀମାନଂକୁ ତାଲିମ ଦେଇଥିଲେ ।

## ଲୋକକଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଅଭିନବ ପ୍ରୟାସ

ନିରାକାରପୁର,(ନିପ୍ର): ପାରମ୍ପାରିକ ଲୋକକଳା, ଆମ ସଂସ୍କୃତିକୁ ମନେ ପକାଇ ଲୋକଲୋଚନକୁ ଆଣିବା ଆଞ୍ଚଳିକ ଦୋଳ ମହୋତ୍ସବ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆଜି ଲଡୁକେଶ୍ୱର ଦେବ ଆଞ୍ଚଳିକ ଦୋଳ ମହୋତ୍ସବ ଉଦଘାଟନ ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଲେଣ୍ଡୋ ଲଦୁକେଶ୍ୱରଙ୍କ ପୀଠରେ ଆଞ୍ଚଳିକ ଦୋଳ ମହୋତ୍ସବ କମିଟି ଦ୍ୱାରା ଅନୁଷ୍ଠିତ ଦୁଇ ଦିନିଆ ଏହି ମହୋତ୍ସବର ଉଦଘାଟନ ଦିବସରେ କମିଟି ସଭାପତି ଶ୍ୟାମ ସୁନ୍ଦର ତ୍ରିପାଠୀ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ବିଜେପି ନେତା ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ କୁମାର ପଟ୍ଟନାୟକ, ମଣ୍ଡଳ ସଭାପତି ମାଧବ ପାଇକରାୟ ସରପଂଚ ବିନୋଦିନୀ ଦାଶ, ସମ୍ପାଦକ ମହେନ୍ଦ୍ର କୁମାର ବିଶୋଇ ଓ ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ମହୋତ୍ସବ ଉଦ୍‌ଘାଟନ କରିଥିଲେ । ମଞ୍ଚକୁ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ପରିଚାଳନା କରିଥିଲେ ।



କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଦୋଳ ପଡିଆରେ ବିଭିନ୍ନ ଦୋକାନବଜାର ଖୋଲା ଯାଇଥିବାବେଳେ ବହୁ ଜନସମାଗମ ହୋଇଥିବାର ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ଷ୍ଟାରୟୁଥ କ୍ଲବ ଚଷାଖଣ୍ଡ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଡେରାବିଶ,(ନି.ପ୍ର) : ଚଷାଖଣ୍ଡ ଗ୍ରାମର ଷ୍ଟାରୟୁଥ କ୍ଲବ ଆନୁକୂଲ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ମ୍ୟାଚ ଚଷାଖଣ୍ଡସ୍ଥିତ ଖେଳ ପଡିଆ ଠାରେ ତିନିଦିନ ବ୍ୟାପୀ କ୍ରିକେଟ୍ ଟୁର୍ଣ୍ଣାମେଂଟ ଆୟୋଜିତ ହୋଇଥିଲା । ଏହି ମ୍ୟାଚରେ ୮ଟି ଟିମ ଖେଳିଥିଲେ । ଅନୁଷ୍ଠିତ ମ୍ୟାଚକୁ ତିନିଦିନ ବ୍ୟାପୀ ପ୍ରବଳ ଜନସମର୍ଥନ ମିଳିଥିଲା । ପ୍ରବଳ ରୌଦ୍ର ତାପ ପାଇଁ ଦର୍ଶକମାନଙ୍କ ପାଇଁ ଦହିପାଣିର ବ୍ୟବସ୍ଥା କରାଯାଇଥିଲା । ଶେଷ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋଟିଏ ସେମିଫାଇନାଲ ଓ ଫାଇନାଲ ମ୍ୟାଚ କରାଯାଇଥିଲା । ଫାଇନାଲକୁ ବାରବାଟି ଓ ତିଳକଣା ଟିମ ଯାଇଥିବା ବେଳେ ବାରବାଟି ଟିମ ବିଜୟର ମୁକୁଟ ପିନ୍ଧିଥିଲା । ଉଚ୍ଚ କୋଟିର ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ପାଇଁ ବାରବାଟି ଟିମ୍ ମ୍ୟାଚଟିକୁ ଜିତିପାରିଥିଲେ । ଡେରାବିଶ ପଂଚାୟତର ସମାଜସେବୀ ସଞ୍ଜୟ କୁମାର ସାହୁ, ପ୍ରମୋଦ କୁମାର କର ଉପସ୍ଥିତ ରହିଥିଲେ । ବିଜେତା ଦଳକୁ ଶ୍ରୀ ସାହୁ ଓ ଶ୍ରୀ କର ଟ୍ରଫି ସହ ଟ.୨୫୦୦/-କ୍ୟାଶ ପ୍ରଦାନ କରିଥିବା ବେଳେ ପରାଜିତ ଦଳକୁ ଟ୍ରଫି ସହ ଟ.୨୦୦୦/-କ୍ୟାଶ ପ୍ରଦାନ କରିଥିଲେ । ଅଂଚଳର ସମାଜସେବୀ ଦୀପ୍ତି ରଞ୍ଜନ କର, ଗିରିଶ ଚନ୍ଦ୍ର କର, ମାନସ କୁମାର କର, ସାମ୍ବାଦିକ ଦିପକ କୁମାର କର, ଭାଷ୍ୟକାର ସୁଧାକର ସାହୁ, ସୌମ୍ୟ ରଞ୍ଜନ ସେଠୀ, ଦୀପ୍ତିପ୍ରକା ସେଠୀ, ଜୟ ପ୍ରକାଶ ସେଠୀ, ସ୍ମୃତି ରଞ୍ଜନ ସେଠୀ, ବିଶ୍ୱ ରଞ୍ଜନ ସେଠୀ, ଚିତ ରଞ୍ଜନ ସେଠୀ, ଚନ୍ଦନ କୁମାର ସେଠୀ, ସନ୍ତୋଷ କୁମାର ସେଠୀ, ଜନ୍ମେଞ୍ଜୟ ସେଠୀ, ଓମ୍ ପ୍ରକାଶ ସେଠୀ, ସନାତନ କାଣ୍ଡି, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଉକ୍ତ ଉଦଯାପନୀ ସଭାରେ ଯୋଗଦେଇଥିଲେ ।



## ବ୍ରହ୍ମପୁର ବସଷ୍ଟାଣ୍ଡ ସ୍ଥାନାନ୍ତର ଯୋଗୁଁ ଯାତ୍ରୀ ହନ୍ତସନ୍ତ, ଅଟୋବାଲା ମାଲାମାଲ

ଗଞ୍ଜାମ,(ହି.ସ.): ଆଜିଠାରୁ ବ୍ରହ୍ମପୁରରେ ବସଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ଆସିକା ଭଂଜନଗର ଦିଗପହଣ୍ଡି ଫୁଲବାଣୀ କୋରାପୁଟ ପଟୁ ଆସୁଥିବା ବସ୍‌ଗୁଡିକ ଫାଷ୍ଟଗେଟ ନିକଟ ଡୁଡୁମା କଲୋନି ନିକଟ ବସଷ୍ଟାଣ୍ଡରେ ରହୁଥିବା ବେଳେ କଟକ -ଭୁବନେଶ୍ୱର, ଆନ୍ଧ୍ର - କଲିକତାରୁ ଆସୁଥିବା ବସଗୁଡିକ ହଳଦିଆ ପଦର ବସଷ୍ଟାଣ୍ଡରେ ରହିବା ବ୍ୟବସ୍ଥା କରାଯାଇଛି । ଡୁଡୁମା ବସ୍ ଷ୍ଟାଣ୍ଡ ଠାରୁ ବ୍ରହ୍ମପୁର ସହର ମଧ ଭାଗରେ ଥିବା ନୂଆ ବସଷ୍ଟାଣ୍ଡର ଦୂରତା ୫ କିଲୋମିଟର ହୋଇଥିବା ବେଳେ ନୂଆ ବସଷ୍ଟାଣ୍ଡ ଠାରୁ ହଳଦିଆପଦର ବସଷ୍ଟାଣ୍ଡର ଦୂରତା ଆଠ କିଲୋମିଟର । ଯାତ୍ରୀମାନେ ଡୁଡୁମା ବସଷ୍ଟାଣ୍ଡରୁ ସହର ଭିତରକୁ ଆସିବାକୁ ସହରରୁ ଡୁଡୁମା ବସଷ୍ଟାଣ୍ଡ ଯିବାକୁ ଠିକ୍ ସେହିଭଳି ହଳଦିଆପଦର ବସଷ୍ଟାଣ୍ଡରୁ ସହର ଭିତରକୁ ଆସିବାକୁ । ସହରରୁ ହଳଦିଆ ପଦର ବସଷ୍ଟାଣ୍ଡ ଯିବାକୁ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି । ଯାତ୍ରୀମାନେ ମହିଳା ଓ ଶିଶୁମାନଙ୍କୁ ଧରି ପ୍ରଚଣ୍ଡ ରୌଦ୍ରତାପରେ ଏଣେ ତେଣେ ଦୌଡୁଛନ୍ତି ।

ବସଷ୍ଟାଣ୍ଡରେ ଦୋକାନ ବଜାର ନ ଥିବାରୁ ଏପରିକି ପିଇବା ପାଣି ଟୋପେ ପାଇବାକୁ ଯାତ୍ରୀମାନେ ଦହଗଂଜ ହେଉଛନ୍ତି । ଯାତ୍ରୀମାନେ ଏହି ନୂତନ ଦୁଇଟି ବସଷ୍ଟାଣ୍ଡରେ ଓହ୍ଲାଇ ନିଜ ଗନ୍ତବ୍ୟ ସ୍ଥଳକୁ ଯିବାକୁ ବର୍ତ୍ତମାନ ମୁଖ୍ୟତଃ ଅଟୋ ଉପରେ ନିର୍ଭର କରିବାକୁ ପଡୁଛି । ଏହାର ସୁଯୋଗ ନେଇ ଅଟୋବାଲାମାନେ ଯାତ୍ରୀଙ୍କ ଠାରୁ ଚଢା ଦରରେ ଭଡା ଆଦାୟ କରୁଛନ୍ତି । ଆଜିଠାରୁ ପୁଲିସ୍ ନୂଆ ବସଷ୍ଟାଣ୍ଡରୁ ସମସ୍ତ ବସ ହଟାଇ ଦେଇଛନ୍ତି । କୌଣସି ବସକୁ ନୂଆ ବସଷ୍ଟାଣ୍ଡ ଭିତରେ ପ୍ରବେଶ ପାଇଁ ଅନୁମତି ଦେଉନାହାନ୍ତି । ଏହି ଘଟଣାରେ ଗଞ୍ଜାମ ଜିଲାର ଜନସାଧାରଣ ସରକାର ତଥା ପରିବହନ ବିଭାଗ ମନ୍ତ୍ରୀଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଆଠଗଡ଼ : ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

ଆଠଗଡ,(ନିପ୍ର): ସରକାରଙ୍କ ବିଭିନ୍ନ ଯୋଜନା କରୁଥିବା ବେଳେ ସାମ୍ବାଦିକମାନଙ୍କର ନା ହୋଇପାରିଲା ଗଣନା ନା ହୋଇ ପାରିଲା ସୁରକ୍ଷା ଆଇନ ନା ପେନସନ କେବଳ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଥିବା ବେଳେ କେବଳ କିଛି ସାମ୍ବାଦିକମାନଙ୍କୁ ଏଥିଲେ ଅନ୍ତର୍ଭୁକ୍ତ କରାଯାଇଛି । ସରକାରଙ୍କର ଏଭଳି ଉଦାସୀନତା ମନୋଭାବକୁ ନେଇ ଆଠଗଡ ସାମ୍ବାଦିକ ସଂଘର ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ସ୍ଥାନୀୟ ପୂର୍ତ୍ତ ବିଭାଗ



ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ପାରମ୍ପରିକ ହୋଲି ମିଳନ ଉତ୍ସବ ଓ ସାମ୍ବାଦିକମାନଙ୍କ ଆଲୋଚନା ଚକ୍ରରେ ପ୍ରକାଶ କରିଥିଲେ ସଂଘର ସାମ୍ବାଦିକ ଓ କର୍ମକର୍ତ୍ତାମାନେ । ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଓଡ଼ିଆ ମାନଙ୍କର ପାରମ୍ପରିକ ହୋଲି ଉତ୍ସବରେ ଆଠଗଡ ତିଗିରିଆ ନିର୍ବାଚନ ମଣ୍ଡଳୀର ଆଠଗଡ଼ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ସଙ୍ଘର ସମ୍ପାଦକ ବିଭୁତି ଭୂଷଣ ଖଟୁଆଙ୍କ ସଂଯୋଜନାରେ ଉପସଭାପତି ବିଷ୍ଣୁପ୍ରସାଦ ଦାସ, ବରିଷ୍ଠ ସାମ୍ବାଦିକ ରାଧାମୋହନ ମହାପାତ୍ର, ମନୋରଞ୍ଜନ ମହାପାତ୍ର ଶୈଳେନ୍ଦ୍ର ପଟ୍ଟନାୟକ, ଅଶୋକ କୁମାର ପ୍ରଧାନ, ବ୍ରହ୍ମାନନ୍ଦ ଲେଙ୍କା,ପନିଆ ଖାଁ, ପତିତପାବନ ରାଉତ,ଯୁବ ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର, ବିରୁପାକ୍ଷ ପ୍ରଧାନ, ସଞ୍ଜୟ ମହାନ୍ତି, ଜିଲ୍ଲା ଯୁବ ସାମ୍ବାଦିକ ପ୍ରଦୀପ କୁମାର ନାୟକ ଦୁଷ୍ମନ୍ତ ନାୟକ, ଅରୁଣ କୁମାର ପ୍ରମୁଖ ସାମ୍ବାଦିକ ମାନଙ୍କର ସମସ୍ୟା ସମାଧାନ ହୋଇ ନପାରିବା ନେଇ କ୍ଷୋଭ କରିଥିଲେ । ଗତ ସରକାର ସମୟରେ ରାଜ୍ୟରେ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଆଠ ହଜାର ସାମ୍ବାଦିକ ସାମିଲ ହୋଇଥିଲା ବେଳେ ସରକାର ପରିବର୍ତ୍ତନ ପରେ ଏହାର ସଂଖ୍ୟା ୭ ହଜାରକୁ ଖସି ଆସିଲାଣି । ନିଜ ନିଜ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ସାମ୍ବାଦିକମାନଙ୍କ ଦାବିକୁ କୌଣସି ସରକାର ଗୁରୁତ୍ୱ ଦେଉ ନଥିବା ତଥା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଥିଲା ବେଳେ କାର୍ଯ୍ୟରତ ସାମ୍ବାଦିକମାନେ ବିଭିନ୍ନ ସମୟରେ ଆକ୍ରୋଶର ଶିକାର ହେଉଥିବା ବେଳେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ହୋଇ ପାରିଲା ନାହିଁ ବୋଲି ସାମ୍ବାଦିକ ମାନେ ମତ ପ୍ରକାଶ କରିଥିଲେ । ଆଗାମୀ ଦିନର ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଏକ ନୂତନ ଖସଡ଼ା ପ୍ରସ୍ତୁତ କରାଯାଇ ସାମ୍ବାଦିକ ମାନଙ୍କର ସମସ୍ୟାକୁ ସରକାରଙ୍କ ନିକରେ ପହଂଚାଇବା ସଂକଳ୍ପ ନିଆଯାଇଥିଲା । ଭାଇଚାରାର ପର୍ବ ହୋଲି ଅବସରରେ ପରସ୍ପର ମଧ୍ୟରେ ଅବିର ଖେଳି ହୋଲି ଉତ୍ସବ ପାଳନ କରିଥିଲେ ସାମ୍ବାଦିକମାନେ । ଶେଷରେ ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସମୃଦ୍ଧ ଓଡ଼ିଶା ଗଠନରେ ବିଜୁଙ୍କ ଭୂମିକା ଆଲୋଚନା

ବଣାଇ,(ନିପ୍ର): ବିଜୁ ଜନତା ଦଳ ପକ୍ଷରୁ ଜନନାୟକ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ଓ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଉପରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ରାଉରକେଲା ସାଙ୍ଗଠନିକ ଜ଼ିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରଞ୍ଜିତ କିସାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ପୂର୍ବତନ ବଣାଇଗଡ଼ ବ୍ଲକ୍ ପୂର୍ବତନ



ସଭାପତି ରଘୁନାଥ ସାହୁ, ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁ ଚରଣ ସ୍ୱାଇଁ, କୋଇଡା ବ୍ଲକ ସଭାପତି କରୁଣାକର ପାତ୍ର,ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ,ବଣାଇଁଗଡ଼ ବ୍ଲକ ଅଧକ୍ଷା ମଞ୍ଜୁଲତା କିସାନ ପ୍ରମୁଖ କର୍ମୀ ଭାଗ ନେଇଥିଲେ ।

## ଜିଲ୍ଲାସ୍ତରୀୟ କୁସ୍ତି କସରତ ପ୍ରତିଯୋଗିତାକୁ ପ୍ରୋତ୍ସାହନ

ରମ୍ଭା,(ନିପ୍ର): ଗଞ୍ଜାମ ଜିଲ୍ଲାସ୍ତରୀୟ ସୌକିନ ଶରୀର ଗଠନ ସଂଘ ପକ୍ଷରୁ ଫିଟ୍‌ନେସ ସ୍କୋୟାର ଜିମ ରମ୍ଭା ଆନୁକୂଲ୍ୟରେ ୪୯ତମ ସିନିୟର ଗଞ୍ଜାମ ଜିଲ୍ଲାସ୍ତରୀୟ କୁସ୍ତି କସରତ ପ୍ରତିଯୋଗିତା ଜିମର ଅଧକ୍ଷ ପ୍ରତାପ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟକ ତଥା( ଗଞ୍ଜାମ ଟାଇଗର ) ରମେଶ ଚନ୍ଦ୍ର ଜେନା (ମୁଖ୍ୟ ଅତିଥି ), ଗଞ୍ଜାମ ଜିଲ୍ଲା ଆଡସିନାଲ ଏସପି ପ୍ରଶାନ୍ତ କୁମାର ଦାସ (ମୁଖ୍ୟ ବକ୍ତା ), ରମ୍ଭା ଥାନା ଆଇ ଆଇ ସି କୁମାର ମୁଦୁଲୀ (ସମ୍ମାନିତ ଅତିଥି ), ଗଞ୍ଜାମ ଜିଲ୍ଲା ଆମେଚର ବଡି ବିଲଡିଂ ଆସୋସିଏସନର ସଭାନେତ୍ରୀ ଦିଦିଲତା ବିଶୋଇ ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଥିଲେ । ପ୍ରତିଯୋଗୀ ଆଗାମୀ ପିଢ଼ି ଉତ୍ସାହି ଯୁବକଯୁବତୀଙ୍କୁ ଶ୍ରୀ ଜେନା ବଡି ବିଲଡିଂ ପ୍ରତିଯୋଗିତାରେ ସୁନ୍ଦର ସ୍ୱାସ୍ଥ୍ୟ ପାଇବା ସହ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତରରେ କିପରି ପହଞ୍ଚାଇବ ଏହା ଏକ ମାଧ୍ୟମ ବୋଲି ଉଲ୍ଲେଖ କରିଥିଲେ । ତତ୍‌ସହିତ ଆଗେ ଦେଶୀ ବଡି ବିଲଡିଂ ହେଉଥିଲା, କିନ୍ତୁ ଡିଜିଟାଲ ଦୁନିଆରେ ମେସନାରୀ ପ୍ରଚଳନ ହେବା ଫଳରେ ପ୍ରତିଯୋଗୀ




ମାନଙ୍କୁ ଏକ ନୂଆଁ ଆଲୋକ ସୃଷ୍ଟି କରିଲା । କାର୍ଯ୍ୟକ୍ରମରେ ଉପସ୍ଥାପକ ରୂପେ କାହ୍ନୁ ଚରଣ ରାଉତ ରହିଥିବା ବେଳେ ଜଜ ରୂପେ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ, ଏସ ରାଜେଶ ବାବୁ ଆଚାରୀ ଉମା ଚରଣ ଶତପଥି , ଏସ ସନ୍ତୋଷ କୁମାର ଆଚାରୀ, ଗୋକୁଳା ନନ୍ଦ ପାତ୍ର, ପ୍ରଦୀପ କୁମାର ଶତପଥୀ ପ୍ରମୁଖ ପ୍ରତିଯୋଗୀ ମାନଙ୍କର ୫୫କେଜି, ୬୦କେଜି, ୬୫କେଜି, ୭୦କେଜି, ୪୫କେଜି, ୮୦କେଜି, ୮୫କେଜି ଓ ୯୦ କେଜି ସୃଷ୍ଟି କରାଯାଇ କ୍ରମାନ୍ୱୟରେ ପ୍ରଥମ, ଦ୍ୱିତୀୟ, ତୃତୀୟଙ୍କୁ ମଞ୍ଚାସିନ ବ୍ୟକ୍ତି ମାନେ ମାନପତ୍ର ସହ ସିଲଡ଼ ଦେଇ ସମ୍ବର୍ଦ୍ଧନା କରିଥିଲେ । ଗଞ୍ଜାମ ଶ୍ରୀ - ୨୦୨୬ରେ ୫୫କେଜି ସେନିଅର ବିଭାଗରେ କେ. ଶିବ ରାଓ (ହଳଦିଆପଦର), ୬୦କେଜି ରାମଚନ୍ଦ୍ର ଗୌଡ଼( ଏଫ ଡ ଏ ଫିଟନେସ) ଛତ୍ରପୁର, ୬୫କେଜି କ୍ୟାଟୋଗୋରୀରେ ନାରାୟଣ ନାୟକ (ଓଜନ ), ୭୦କେଜି କ୍ୟାଟୋଗୋରୀରେ ରବୀନ୍ଦ୍ର ବେହେରା (ଆର ଜେ ଫିଟନେସ ) ପୁରୁଷୋତ୍ତମପୁର, ୭୫କେଜି କ୍ୟାଟୋଗୋରୀରେ ନିଗମାନନ୍ଦ ରାଉଳ (ଶରୀର ଗର୍ଜି ଜିମ ) ବ୍ରହ୍ମପୁର, ୮୦କେଜି ଦିଲୀପ କୁମାର ମିଶ୍ର( ଫିଟନେସ ଜିମ )ବ୍ରହ୍ମପୁର, ୮୫କେଜି ଜିତେନ୍ଦ୍ର କୁମାର ପଲେଇ (ଯେ. କେ ଫିଟନେସ )ଆସ୍କା, ୯୦କେଜି କ୍ୟାଟୋଗୋରୀରେ ସଞ୍ଜୟ କୁମାର ଜେନା (ଷ୍ଟାର ଫିଟନେସ )ଭଞ୍ଜନଗର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅନୁରୂପ ଭାବେ ୪୦ରୁ ୫୦ବର୍ଷ ମଧ୍ୟରେ ମନୋଜ କୁମାର ନାୟକ ମୁନ୍ସିପାଲ ଜିମ ବ୍ରହ୍ମପୁର, ମାଷ୍ଟରର୍ସ ୫୦ବର୍ଷ ତଦୂର୍ଦ୍ଧ ଶିବ ନାରାୟଣ ଦାସ ଲୋଡ଼ସ ଫିଟନେସ ସୈନିକ ଜିମ ଗୋପାଳପୁର, ଜୁନିଅର ପୁରୁଷ ଖେଳିଳୀରେ ଆକାଶ ଗମାଙ୍ଗ ଓଜନରେ , (ବ୍ରହ୍ମପୁର ) ସେନଇର ପୁରୁଷ ଖେଳିଳୀରେ ଶରୀର ଗଠନରେ ୧୬୪ ସେଣ୍ଟି ମିଟର ପ୍ରତିଯୋଗିତାରେ ଚନ୍ଦନ ଜେନା ମହାକାଳ ଜିମ, ବ୍ରହ୍ମପୁର,ପୁରୁଷ ଖେଳାଳିଙ୍କ ଶରୀର ଗଠନରେ ୧୬୪ସେଣ୍ଟି ମିଟର ନିଗମାନନ୍ଦ ରାଉଳ ବେଷ୍ଟ ପସଏର, ଉତୀର୍ଣ୍ଣ କରିଥିବା କୁସ୍ତିକସରତ ନାରାୟଣ ନାୟକ ବ୍ରହ୍ମପୁର, ଚାମ୍ପିୟନ ଅଫ ଚାମ୍ପିୟନ ଗଞ୍ଜାମ ଶ୍ରୀ -୨୦୨୬ ର ଜିତେନ୍ଦ୍ର କୁମାର ପଲାଇ ଆସକା ପ୍ରମୁଖ । ଏଥି ସହିତ ଆଗାମୀ ଦିନରେ ଉପରୋକ୍ତ ସହରାଞ୍ଚଳରେ ରମ୍ଭା ଫିଟନେସ ଜିମ ପକ୍ଷରୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା କରିବା ପାଇଁ ବିଭିନ୍ନ ବକ୍ତା ଆହ୍ୱାନ ଦେଇଥିବା ଜଣାଯାଇଛି । କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ପ୍ରଚାର ପ୍ରସାର କରାଯିବା ଫଳରେ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଅନେକ ଉତ୍ସାହି ଯୁବକ ଓ ଖେଳ ପ୍ରେମୀ ମାନଙ୍କର ଦଳ ଦଳ ହୋଇ ସୁଅ ଛୁଟିବାରେ ଲକ୍ଷ୍ୟ କରାଯାଇଥିଲା ।

ତିଥି : (ଚତୁର୍ଥୀ) : (ଚିତ୍ରା ତୁଳା)
ଅମୃତବେଳା: ଦିବା ଘ.୧୦।୫ ଗତେ ଘ୧।୧୭ ମଧ୍ୟେ

## ଆଜିର ଅନୁଚିନ୍ତନ

ଅଶ୍ୱମାନଙ୍କ ମଧ୍ୟରେ ଅମୃତ ସହିତ ସମୁଦ୍ରରୁ ବାହାରିଥିବା ଉଚ୍ଚୈଃଶ୍ରବା ନାମକ ଅଶ୍ୱକୁ, ଶ୍ରେଷ୍ଠ ହସ୍ତୀମାନଙ୍କ ମଧ୍ୟରେ ଐରାବତ ନାମକ ହସ୍ତୀକୁ ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ରାଜାଙ୍କୁ ମୋର ବିଭୂତି ବୋଲି ଜାଣ ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ରାଜନୀତିରେ ଭାଗ୍ୟ !

ଭାରତୀୟ ରାଜନୀତିରେ ପଟ୍ଟ ପରିବର୍ତ୍ତନ କରିବାରେ ସବୁଠୁ ଧୁରନ୍ଧର କିଏ ବୋଲି ପ୍ରଶ୍ନ ଉପସ୍ଥାପିତ ହେଲେ ନିର୍ଦ୍ଦ୍ୱନ୍ଦ୍ୱରେ ସେ ହେବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ଏପରି ପଟ୍ଟ ପରିବର୍ତ୍ତନ କାରଣରୁ ତାଙ୍କ ଉଦ୍ଦେଶ୍ୟରେ ରାଜନୈତିକ ମହଲରେ ଯେଉଁ ବ୍ୟଙ୍ଗନାମ ତାଙ୍କୁ ଦିଆଯାଇଥାଏ ତାହା ହେଉଛି 'ପଲ୍ଟୁରାମ'। ନିକଟରେ ରାଜ୍ୟସଭା ପ୍ରାର୍ଥୀ ଭାବେ ରାଜ୍ୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ସେ। ଯାହାକୁ ନେଇ ସମାଲୋଚନା କରାଯାଉଛି ଯେ ବିହାର ରାଜନୀତିକୁ ଅଲବିଦା ଜଣାଇବା ପାଇଁ ତାଙ୍କ ପାଇଁ କରାଯାଇଛି ଏପରି ବାଟ। ଗତ ୨୦୨୫ ନଭେମ୍ବରରେ ଅନୁଷ୍ଠିତ ବିହାର ବିଧାନସଭା ନିର୍ବାଚନରେ ତାଙ୍କ ଦଳ ଜେଡିୟୁ ପାଇଥିଲା ୮୫ ଆସନ। ଅପରପକ୍ଷେ ବିଜେପି ପଲାକୁ ଯାଇଥିଲା ୮୯ ଆସନ। ଏହା ସତ୍ତ୍ୱେ ନୀତୀଶ ଦଶମ ଥର ପାଇଁ ଏହି ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ହେବାରେ ତାଙ୍କ ପଛରେ ରହିଛି ଦୁଇ ଦଶନ୍ଧିର ଇତିହାସ।

ଦିନେ ସେ ବିରୋଧୀ ମେଣ୍ଟ ( ଇଣ୍ଡିଆ) କୁ ଏକାଠି କରିବାରେ କେବଳ ପ୍ରମୁଖ ତଥା ଚର୍ଚ୍ଚିତ ରାଜନେତା ନ ଥିଲେ, ଅଧିକନ୍ତୁ ଏହାର ପ୍ରଥମ ସମ୍ମେଳନ ପାଟନା ଠାରେ ୨୦୨୩ ଜୁନରେ ଆୟୋଜନ କରିବାରେ ସଫଳ ହୋଇଥିଲେ। ପରବର୍ତ୍ତୀ ଜୁଲାଇରେ ବେଙ୍ଗାଲୁରୁ ଠାରେ ଆୟୋଜିତ ସମ୍ମେଳନରେ ସେ ମଧ୍ୟ ଯୋଗ ଦେଇଥିଲେ। ଏପରିକି ବିରୋଧୀଙ୍କ ପକ୍ଷରୁ ତାଙ୍କୁ ପ୍ରଧାନମନ୍ତ୍ରୀ ପଦ ସୁଯୋଗ ସୃଷ୍ଟି ନିମିତ୍ତ ବିରୋଧୀ ମେଣ୍ଟର ଆବାହକ ହେବାକୁ ସୁଯୋଗ ଦିଆଯାଇଥିଲେ ହେଁ ଏଥିରେ ବାଧକ ସାଜିଥିଲେ ମମତା ବାନାର୍ଜୀ। ଫଳରେ ସେ ପକ୍ଷ ପରିବର୍ତ୍ତନ କରିବାକୁ ଉଚିତ ମନେ କରିଥିଲେ। ତେଣୁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରେ ସେ ଯୋଗ ଦେଇଥିଲେ। ସମାଲୋଚକମାନେ ଏବେ ଯାହା ଚର୍ଚ୍ଚା କରୁଛନ୍ତି ତାହା ହେଉଛି ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର ଦାଖଲ ପରଠାରୁ ତାଙ୍କର ଦଳ ଉପରେ ନା କର୍ତ୍ତୃତ୍ୱ ରହୁଛି ନା ସରକାରରେ କର୍ତ୍ତୃତ୍ୱ। ୨୦୨୩ରେ ମର୍ଯ୍ୟାଦାଜନକ ପ୍ରଧାନମନ୍ତ୍ରୀ ପ୍ରାର୍ଥିତ୍ୱର ସୁଯୋଗ ଠାରୁ ୨୦୨୬ରେ ରାଜ୍ୟସଭା ପ୍ରାର୍ଥୀ ପାଇଁ ପ୍ରାର୍ଥିପତ୍ର ଦାଖଲର ଅବଧି ୩ବର୍ଷରୁ ସୁଦ୍ଧା କମ୍। ଏହାକୁ ରାଜନୀତିରେ ଭାଗ୍ୟର ବିଡ଼ମ୍ବନା କହିଲେ ଅତ୍ୟୁକ୍ତି ହେବନାହିଁ। ଜାତୀୟ ରାଜନୀତିରେ ମେଣ୍ଟ ରାଜନୀତିର ଫଳଶ୍ରୁତି କିପରି ତାହା ମହାରାଷ୍ଟ୍ରର ଶିବସେନା, ପଂଜାବର ଅକାଳି ଦଳ ଓ ବିହାରର ଜେଡିୟୁରେ ପ୍ରତିଫଳିତ ବୋଲି ସମାଲୋଚକ ମହଲରେ ଆଲୋଚନା କରାଯାଉଛି।

ବିହାରରେ ନୀତୀଶ ନିଜ ପଦଚିହ୍ନ ସ୍ୱରୂପ ତାଙ୍କ ପୁତ୍ର ନିଶାନ୍ତ ଉପମୁଖ୍ୟମନ୍ତ୍ରୀ ଭାବରେ ରାଜନୈତିକ ଯାତ୍ରା ଆରମ୍ଭ କରିପାରନ୍ତି, ଏପରି କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ପଦରେ ବିଜେପିର ଯେଉଁ ୩ ଜଣଙ୍କ ନାମ ଚର୍ଚ୍ଚାରେ ରହିଛି ସେମାନେ ହେଲେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଓ ବିହାର ମନ୍ତ୍ରୀ ଦିଲ୍ଲୀପ କୁମାର ଜୟସ୍ୱାଲ। ବିହାରର ଗୃହ ବିଭାଗ ଦାୟିତ୍ୱ ସମ୍ଭାଳୁଥିବା ତଥା ବିଜେପିର ସବୁଠୁ ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ଚୌଧରୀଙ୍କ ନାମ ଉଚ୍ଚାରିତ ହୁଏ। ସେହିପରି ନିତ୍ୟାନନ୍ଦ ରାଏ କେନ୍ଦ୍ର ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ (କନିଷ୍ଠ) ଦାୟିତ୍ୱରେ ଅଛନ୍ତି। ଦିନେ ସେ ରାଜ୍ୟରେ ଦଳର ଥିଲେ ପୂର୍ବତନ ମୁଖ୍ୟ। ଥରେ ଥିଲେ ବିଧାୟକ ଓ ତିନି ପାଳି ଥିଲେ ସାଂସଦ। ସେମିତି ଜୟସ୍ୱାଲ ବିହାର ବିଜେପି ମୁଖ୍ୟ ତଥା ବିଧାୟକ ପରିଷଦରେ ତିନି ପାଳି ଧରି ଥିଲେ ସଦସ୍ୟ। ସୁତରାଂ ରାଜ୍ୟର ମୁଖିଆ କିଏ ହେବେ ତାହା ଏବେଠୁ ଆକଳନ କରିବା ମୁସ୍କିଲ। କାରଣ ବିଜେପି କାହା ମୁଣ୍ଡରେ ଶିରପା ବାନ୍ଧିବ ତାହା ଦଳରେ ବ୍ୟାପକ ବିଚାର ବିମର୍ଶ ପରେ ସ୍ଥିର ହୋଇଥାଏ। କିନ୍ତୁ ନୀତୀଶଙ୍କ ସଦ୍ୟ ରାଜ୍ୟସଭା ଅଭିଯାନ ଯେଉଁ ସନ୍ଦେଶ ରଖେ, ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ।

# ଅଶାନ୍ତ ମଧ୍ୟପ୍ରାଚ୍ୟ

**ଡାକ୍ତର ରାଜକିଶୋର ପଣ୍ଡା**

> **“ ଇରାନରେ କ୍ଷମତାର ପରିବର୍ତ୍ତନ ଏହି ଆକ୍ରମଣର ମୂଳ ଲକ୍ଷ୍ୟ, ଯାହାକୁ ଆମେରିକା ଓ ଇସ୍ରାଏଲ ସହ କିଛି ଦେଶ ସମର୍ଥନ କରୁଛନ୍ତି। ଜୁନ ୨୦୨୫ ର ଆକ୍ରମଣ ପରେ ଏହା ମଧ୍ୟ କୁହାଯାଉଥିଲା ଯେ, ଇରାନ ଏହାର ପରମାଣୁ ବା ଆଣବିକ ସାମଗ୍ରୀକୁ ସୁରକ୍ଷିତ ସ୍ଥାନକୁ ହସ୍ତାନ୍ତର କରିଛି ବୋଲି। ତେଣୁ ଓମାନର ମଧ୍ୟସ୍ଥତାରେ ଏକ ଶାନ୍ତି ଆଲୋଚନା ଆମେରିକା ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିଲା । ଏହା କିଛି ଦୂର ଅଗ୍ରସର ହୋଇଥିଲା ମଧ୍ୟ। ଆନ୍ତର୍ଜାତିକ ସୂତ୍ରରୁ ମିଳୁଥିବା ଖବର ଅନୁଯାୟୀ ଇରାନ ଏହାର ଆଣବିକ ପଦାର୍ଥ ଯାହାକି ଓଜନରେ ତିନିଶହରୁ ଚାରିଶହ କେ.ଜି. ଓ ଷାଠିଏ ପ୍ରତିଶତ ବର୍ଦ୍ଧିତ ୟୁରାନିୟମକୁ ନଷ୍ଟ ବା ହସ୍ତାନ୍ତର କରିବା ପାଇଁ ରାଜି ମଧ୍ୟ ହୋଇଯାଇଥିଲା।**

ଫେବୃୟାରୀ ଅଠେଇଶି ତାରିଖ ସକାଳେ ଆମେରିକା ଓ ଇସ୍ରାଏଲର ଏକ ମିଳିତ ତଥା ସମନ୍ୱିତ ବାୟୁସେନା ଆକ୍ରମଣ ଇରାନ ଉପରେ ହୋଇଛି। ଏହି ଆକ୍ରମଣର ନାମ ଦିଆଯାଇଛି 'ଅପରେସନ୍ ଏପିକ୍ ଫ୍ୟୁରି'। ବର୍ଷ ବର୍ଷ ଧରି ଦେଶର ସାଧାରଣ ଜନତାଙ୍କ ଉପରେ ଅତ୍ୟାଚାର କରାଯାଇ ଠିଆ କରାଯାଇଥିବା ଇରାନର ଧର୍ମଯାଜକମାନଙ୍କର ଶାସନ ବ୍ୟବସ୍ଥାକୁ ଏହି ଆକ୍ରମଣ ମାଟିରେ ମିଶାଇ ଦେଇଛି। ଦୀର୍ଘ ୩୭ ବର୍ଷ ଧରି, ଦେଶର ସର୍ବୋଚ୍ଚ ନେତା ଥିବା ଆୟୋତୋଲ୍ଲା ଅଲ୍ଲୀ ଖାମେନେଇ, ତାଙ୍କ ପରିବାର ବର୍ଗ, ଘନିଷ୍ଠ ସହଯୋଗୀ,ପ୍ରମୁଖ ଆର୍ମି କମାଣ୍ଡର ତଥା ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସର ମୁଖ୍ୟ ସେନାଧକ୍ଷ ଏଥିରେ ମୃତ୍ୟୁର ଶିକାର ହୋଇଛନ୍ତି। ଦୁଇଟି ପ୍ରମୁଖ କାରଣ ଏହି ଆକ୍ରମଣର। ତାହା ହେଉଛି ଇରାନର ତଥାକଥିତ ବିବାଦୀୟ ପରମାଣୁ କାର୍ଯ୍ୟକ୍ରମ ଓ ସେଠାକାର ସାଧାରଣ ଜନତାଙ୍କର ତୀବ୍ର ସରକାର ବିରୋଧୀ ଆନ୍ଦୋଳନ। ପ୍ରଥମେ ଆମେ ଦେଖିବା ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟକୁ। ଜୁନ୍ ୨୦୨୫ ରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନର ପରମାଣୁ କାର୍ଯ୍ୟକ୍ରମ ସ୍ଥଳ ଓ ସୈନ୍ୟ ଆଡ୍‌ଡା ଉପରେ ଆକ୍ରମଣ କରିଥିଲେ। ଏହାପରେ ବିଶ୍ୱ ସମ୍ମୁଖରେ ମିଳିତ ବିବୃତି ଦେଇଥିଲେ ଯେ, ଇରାନର ଆଣବିକ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ଏବେ ପୁଣି ଥରେ ପରମାଣୁ କାରଣ ନେଇ ଇରାନ ଉପରେ ଆକ୍ରମଣ କରିବା, ସମଗ୍ର ବିଶ୍ୱ ସମ୍ମୁଖରେ ସନ୍ଦେହର ଏକ ପ୍ରାଚୀର ଠିଆ କରିଛି। ତେବେ ଖାମେନେଇଙ୍କ ମୃତ୍ୟୁରୁ ନିଷ୍କର୍ଷ ଏହା ମଧ୍ୟ ବାହାରୁଛି ଯେ, ଇରାନରେ କ୍ଷମତାର ପରିବର୍ତ୍ତନ ଏହି ଆକ୍ରମଣର ମୂଳ ଲକ୍ଷ୍ୟ, ଯାହାକୁ ଆମେରିକା ଓ ଇସ୍ରାଏଲ ସହ କିଛି ଦେଶ ସମର୍ଥନ କରୁଛନ୍ତି। ଜୁନ ୨୦୨୫ ର ଆକ୍ରମଣ ପରେ ଏହା ମଧ୍ୟ କୁହାଯାଉଥିଲା ଯେ, ଇରାନ ଏହାର ପରମାଣୁ ବା ଆଣବିକ ସାମଗ୍ରୀକୁ ସୁରକ୍ଷିତ ସ୍ଥାନକୁ ହସ୍ତାନ୍ତର କରିଛି ବୋଲି। ତେଣୁ ଓମାନର ମଧ୍ୟସ୍ଥତାରେ ଏକ ଶାନ୍ତି ଆଲୋଚନା ଆମେରିକା ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିଲା । ଏହା କିଛି ଦୂର ଅଗ୍ରସର ହୋଇଥିଲା ମଧ୍ୟ। ଆନ୍ତର୍ଜାତିକ ସୂତ୍ରରୁ ମିଳୁଥିବା ଖବର ଅନୁଯାୟୀ ଇରାନ ଏହାର ଆଣବିକ ପଦାର୍ଥ ଯାହାକି ଓଜନ୍‌ରେ ତିନିଶହରୁ ଚାରିଶହ କେ.ଜି. ଓ ଷାଠିଏ ପ୍ରତିଶତ ବର୍ଦ୍ଧିତ ୟୁରାନିୟମକୁ ନଷ୍ଟ ବା ହସ୍ତାନ୍ତର କରିବା ପାଇଁ ରାଜି ମଧ୍ୟ ହୋଇଯାଇଥିଲା। ସାଧାରଣତଃ ଦଶ ବା ଏହାଠାରୁ ସାମାନ୍ୟ ଅଧିକ ସଂଖ୍ୟକ ଆଣବିକ ଅସ୍ତ୍ର ତିଆରି କରିବା ପାଇଁ ନବେ ପ୍ରତିଶତ ବର୍ଦ୍ଧିତ ୟୁରାନିୟମ ଦରକାର ହୋଇଥାଏ। ତେଣୁ ଶାନ୍ତି ଆଲୋଚନା ଚାଲିଥିବା ସମୟରେ ମଧ୍ୟ ଆମେରିକାର ଆକ୍ରମଣ ସନ୍ଦେହଜନକ। ଏବେ ଟ୍ରମ୍ପଙ୍କ ଏହି ପଦକ୍ଷେପର ସମୟ ଓ କିଛି ସମ୍ଭାବ୍ୟ କାରଣ ଉପରେ ଆଖି ପକାଯାଉ। ଦର୍ଶନ ଶାସ୍ତ୍ରରେ ଗୋଟିଏ ନିୟମ ଅଛି। ଏହାର ନାମ 'ଓକାମସ୍ ରେଜର'। ଏହି ତତ୍ତ୍ୱଟି ସମସ୍ୟାର ସମାଧାନ ସମ୍ପର୍କିତ ଅଟେ। ଏହା ଅନୁଯାୟୀ ଯେକୌଣସି ସମସ୍ୟାର ସମାଧାନ ସର୍ବଦା କ୍ଷୁଦ୍ର, ସରଳ ଓ ସିଧାସଳଖ ତଥ୍ୟକୁ ନେଇ କରାଯିବା ଦରକାର। ଏହାକୁ ମଧ୍ୟ କୁହାଯାଏ 'ଲ ଅଫ୍ ପାର୍ସିମୋନି'। ଏହା ଅନୁଯାୟୀ ଟ୍ରମ୍ପଙ୍କ ଏହି ଆକ୍ରମଣର ମୁଖ୍ୟ କାରଣ ସରଳ ଭାଷାରେ, ଇରାନକୁ ଆଣବିକ ଶକ୍ତିରୁ ବଞ୍ଚିତ କରିବା ଓ ସେଠାରେ କ୍ଷମତା ଓ ଶାସନ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଘଟାଇବା। ଏଥିପାଇଁ ଟ୍ରମ୍ପ ଇରାନର ବିଦ୍ରୋହୀ ଜନତାଙ୍କୁ ଆହ୍ୱାନ କରିଥିଲେ ଯେ, ସେମାନେ ଇସଲାମୀୟ ସରକାରକୁ କବ୍‌ଜା କରି ଏହାକୁ ଧ୍ୱଂସ କରନ୍ତୁ। ଆଗାମୀ ଶତାବ୍ଦୀ ପାଇଁ ଏହା ସେମାନଙ୍କ ପକ୍ଷରେ ଏକ ସୁବର୍ଣ୍ଣ ସୁଯୋଗ। ମାତ୍ର ଏଭଳି କହିବା ପରେ ମଧ୍ୟ ଟ୍ରମ୍ପ ପଦକ୍ଷେପ ନେବାରେ ଅପେକ୍ଷାକୃତ ବିଳମ୍ବ କଲେ। ଏହା ମଧ୍ୟରେ ହଜାର ହଜାର ସଂଖ୍ୟାରେ ବିଦ୍ରୋହୀ ଜନତା ନିହତ ହେଲେ। ଅନୁମାନ କରାଯାଉଛି କି ଜାନୁୟାରୀ ମାସରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର ପର୍ଯ୍ୟାପ୍ତ ସୈନ୍ୟ ଓ ଯୁଦ୍ଧ ସାମଗ୍ରୀ ମହଜୁଦ ନ ଥିଲା। ତେଣୁ ଏଗୁଡ଼ିକ ଠୁଳ ହେବା ପରେ ହିଁ ଟ୍ରମ୍ପ ଆକ୍ରମଣ କରିଛନ୍ତି।



ନ୍ୟୁୟର୍କ ଟାଇମ୍‌ସ ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସି.ଆଇ.ଏ ପାଖରେ ଖାମେନେଇ ଓ ତାଙ୍କର ଘନିଷ୍ଠ ସହଯୋଗୀମାନଙ୍କର ଗୁପ୍ତ ବୈଠକର ସମୟ ସୂଚନା ଥିଲା। ତେଣୁ ଏହି ସୂଚନାକୁ ଭିତ୍ତିକରି ହିଁ ଆକ୍ରମଣ ହେଲା। ବର୍ତ୍ତମାନ ଟ୍ରମ୍ପଙ୍କର ଦୁଇ ପ୍ରମୁଖ ଘନିଷ୍ଠ ସହଯୋଗୀ ହେଉଛନ୍ତି ଇସ୍ରାଏଲର ରାଷ୍ଟ୍ରପତି ନେତାନ୍ୟାହୁ ଓ ସାଉଦି ଯୁବରାଜ ମହମ୍ମଦ ବିନ ସଲମାନ। ଟ୍ରମ୍ପଙ୍କୁ ଇରାନ ସହ ଚାଲିଥିବା ଶାନ୍ତି କଥାବାର୍ତ୍ତା ବନ୍ଦ କରି ଆକ୍ରମଣ କରିବା ପାଇଁ ପ୍ରବର୍ତ୍ତାଇବା ପଛରେ ନେତାନ୍ୟାହୁଙ୍କର ହାତ ଅଛି ବୋଲି ବିଶ୍ୱାସ କରାଯାଉଛି। ସାଉଦି ଯୁବରାଜ ବିନ ସଲମାନ ଯଦିଓ, ଇରାନ ଆକ୍ରମଣରେ, ଆମେରିକାକୁ ସାଉଦି ଆକାଶ ମାର୍ଗ ବ୍ୟବହାର କରିବାକୁ ଅନୁମତି ଦେଇନଥିଲେ, ଗୁପ୍ତଭାବେ କିନ୍ତୁ ଏହି ଆକ୍ରମଣକୁ ସେ ସମର୍ଥନ କରୁଛନ୍ତି। ଏହି ଆକ୍ରମଣର ଏପ୍‌ଷ୍ଟେନ ଫାଇଲ ସହିତ ସମ୍ପର୍କକୁ ମଧ୍ୟ ଆମେ ଅଣଦେଖା କରିପାରିବା ନାହିଁ। ସୂତ୍ର ଅନୁଯାୟୀ ଡେମୋକ୍ରାଟ୍ ସାଂସଦମାନଙ୍କର ଅଭିଯୋଗ ଅନୁସାରେ ଆମେରିକାର ନ୍ୟାୟ ବିଭାଗ କିଛି ସମ୍ବେଦନଶୀଳ ଏପ୍‌ଷ୍ଟେନ ନଥିକୁ ସର୍ବସାଧାରଣ ପାଇଁ ଜାରି କରିନାହିଁ। କାରଣ ଏଥିରେ ରାଷ୍ଟ୍ରପତି ଟ୍ରମ୍ପଙ୍କର ଜନୈକ ନାବାଳିକା / ନାବାଳକଙ୍କୁ ଯୌନ ନିର୍ଯାତନା ଦେବାର ପ୍ରମାଣ ରହିଛି। ଉଭୟ ଟ୍ରମ୍ପ ଓ ଆମେରିକାର ନ୍ୟାୟ ବିଭାଗ ଏହାକୁ ମିଥ୍ୟା ବୋଲି କହି ଖାରଜ କରିଆସୁଛନ୍ତି। ତେଣୁ ଦେଶର ଜନତାଙ୍କର ଧ୍ୟାନ ଏହି ମାମଲାରୁ ହଟାଇବା ପାଇଁ ମଧ୍ୟ ଟ୍ରମ୍ପ ଏହି ସମୟକୁ ଆକ୍ରମଣ ପାଇଁ ବାଛି ଥାଇପାରନ୍ତି।

ନିର୍ବାଚନ ପ୍ରଚାର ବେଳେ ଆମେରିକାକୁ ଏହାର ପୁରୁଣା ଯୁଦ୍ଧଗୁଡ଼ିକରୁ ଉଦ୍ଧାର କରି, ଆଉ କୌଣସି ନୂଆ ଯୁଦ୍ଧରେ ଏହାକୁ ସାମିଲ ନ କରାଇବା ପାଇଁ ଟ୍ରମ୍ପଙ୍କର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋଙ୍କର ଅପସାରଣ ପରଠାରୁ, ଟ୍ରମ୍ପ ଯୁଦ୍ଧକୁ ନିଜର ଜୀବନ ସଙ୍ଗିନୀ କରିଛନ୍ତି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଟ୍ରମ୍ପଙ୍କର ଏହି ପଦକ୍ଷେପ ଦ୍ୱାରା ଆମେରିକାର ବୈଦେଶିକ ନୀତିରେ, ଅନ୍ୟରାଷ୍ଟ୍ରର ସରକାରଙ୍କର ଅପସାରଣ, ଏକ ପ୍ରକାର ସ୍ଥାୟୀ ମାନ୍ୟତା ପାଇଯାଇଛି।

(କ୍ରମଶଃ)

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର,
ମୋ- ୮୧୪୪୦୪୨୯୯୭

# ମହିଳା ଦିବସର ଅନୁଚିନ୍ତା

**ଅଧ୍ୟାପକ ରାଜେଶ ରାୟ**

ମହିଳାଙ୍କ ଅଭୂତପୂର୍ବ ସଫଳତାକୁ ସ୍ମରଣ ରଖିବା ପାଇଁ ୧୯୨୧ ମସିହାରେ ମାର୍ଚ୍ଚ ୮ ତାରିଖକୁ ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ ମହିଳା ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ, ମତଦାନ ଆନ୍ଦୋଳନର ସଫଳତା ଅନ୍ତର୍ଜାତୀୟ ମହିଳା ଦିବସର ଲୋକପ୍ରିୟତାକୁ ହ୍ରାସ କରିଥିଲା ହେଲେ ୧୯୬୦ ଦଶକରେ ନାରୀବାଦର ଅଭିବୃଦ୍ଧି ଏବଂ ଜାତିସଂଘ ପ୍ରାୟୋଜକତା (୧୯୭୫) ଦ୍ୱାରା ସହାୟତା ପାଇ, ବିଂଶ ଶତାବ୍ଦୀର ଶେଷ ଭାଗରେ ଏହା ପୁନର୍ଜୀବନ ପାଇଲା । ସେବେଠୁ ଏହି ଦିବସଟି ଶହେ ବର୍ଷରୁ ଅଧିକ ସମୟ ଧରି ପାଳିତ ହୋଇଆସୁଛି । ୧୯୧୧ ମସିହାରୁ ଲିଙ୍ଗଗତ ସମାନତାକୁ ପ୍ରାଧାନ୍ୟ ଦେଇ ଏହା ସମସ୍ତଙ୍କର ଚିନ୍ତା ପ୍ରକଟ କରିଥିଲା । ଭାରତବର୍ଷରେ ଏହିଦିନ ମହିଳାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଅଧିକାର ଓ ସମାନତାକୁ କେନ୍ଦ୍ରକରି ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୁଏ । ବର୍ତ୍ତମାନ ସମୟରେ ବିଶେଷକରି ଆମ ରାଜ୍ୟ ଓଡ଼ିଶାରେ ମହିଳାଙ୍କ ବିକାଶ ଓ ସୁରକ୍ଷା ପାଇଁ କେଉଁ ସବୁ ଆଦର୍ଶଗୁଡ଼ିକ ସୃଷ୍ଟି ହୋଇଛି । ତାହା ଉପରେ ନଜର ପକାଇଲେ ଆମେ ଦେଖିପାରିବା ଯେ ମହିଳା ସଶକ୍ତିକରଣକୁ ଗୁରୁତ୍ୱକୁ ନୂଆ ଭାବେ ଶାସନ ଗାଦିରେ ବସିଥିବା ବିଜେପି ସରକାର ସୁଭଦ୍ରା ଯୋଜନା ଭଳି ଏକ ଐତିହାସିକ ଯୋଜନା ପ୍ରଣୟନ କରିଛନ୍ତି ଯେଉଁଥିରେ ସବୁ ବର୍ଗର ଯୋଗ୍ୟ ମହିଳାଙ୍କୁ ପ୍ରତିବର୍ଷ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରୁଛି । ଯାହାଦ୍ୱାରା ମହିଳା ମାନେ କିଛିମାତ୍ରାରେ ଆର୍ଥିକ ସଶକ୍ତ ହେବାସହ ସ୍ୱାବଲମ୍ବୀ ହେବାର ରାସ୍ତା ପାଉଛନ୍ତି । ୨୦୦୧ ମସିହାରେ ଆରମ୍ଭ ହୋଇଥିବା ମିଶନ ଶକ୍ତି ନାମକ ଏକ ଦୀର୍ଘକାଳୀନ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମୀଣ ମହିଳାମାନଙ୍କୁ ନେଇ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ରୂପାନ୍ତରଣ କରିବା ସହ ପ୍ରାୟ ୭୦ ଲକ୍ଷ ମହିଳାଙ୍କ ପାଇଁ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରାଯାଉଛି। ମହିଳାମାନଙ୍କୁ ଉଦ୍ୟୋଗୀ ଏବଂ ବୃତ୍ତିଗତ ଡ୍ରାଇଭର କ୍ଷେତ୍ରରେ ସଶକ୍ତ ହେବା ପାଇଁ ୨୦୨୫ ମସିହାରେ ଆମ ସୁବାହକ ନାମକ ଏକ ଯୋଜନା ପ୍ରଣୟନ କରି ୧୧ପ୍ରତିଶତ ସୁଧ ସବ୍‌ସିଡି ସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି । ଉଚ୍ଚ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଛାତ୍ରୀଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ପାଇଁ ଶକ୍ତିଶ୍ରୀ ଭଳି ପଦକ୍ଷେପ ଗ୍ରହଣ କରାଯାଇଛି ଯେଉଁଥିରେ ଛାତ୍ରୀଙ୍କ ପ୍ରତି ହେଉଥିବା ନିର୍ଯାତନାର ଅଭିଯୋଗ (ଟେକ୍ସଟ୍/ଅଡିଓ/ଭିଡିଓ) ସିଧାସଳଖ ସରକାରଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଏକ ମୋବାଇଲ୍ ଆପ୍‌ର ପ୍ରଚଳନ କରାଯାଇଛି । ସେହିପରି କନ୍ୟାମାନଙ୍କ ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ଏବଂ ବିବାହ ନିମନ୍ତେ କନ୍ୟା ସୁମଙ୍ଗଳ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରି କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଉଛି । ରାଜନୈତିକ କ୍ଷେତ୍ରକୁ ବିଚାର କଲେ ପଞ୍ଚାୟତିରାଜ ନିର୍ବାଚନରେ ଓଡ଼ିଶା ମହିଳା ମାନଙ୍କୁ ୫୦ ପ୍ରତିଶତ ଏବଂ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଛି । ପ୍ରତିବର୍ଷ ପୋଷଣ ସପ୍ତାହ ଭଳି ସର୍ବ ଗ୍ରହଣୀୟ କାର୍ଯ୍ୟକ୍ରମ ଆୟୋଜନ କରି ଗର୍ଭବତୀ ମହିଳା ଓ ପୁଷ୍ଟି ଅଭାବ ମହିଳା ମାନଙ୍କୁ ଉପଚାର କରାଯାଉଛି । ଏତେ ସବୁ ପନ୍ଥା ଆପଣେଇ ମହିଳାଙ୍କ ଉନ୍ନତିକୁ ପ୍ରେରଣା ଦିଆଯାଉଛି ସତ କିନ୍ତୁ ଆଜି ବି ମହିଳାଙ୍କ ଉପରେ ଅତ୍ୟାଚାର , ନିର୍ଯାତନା ତଥା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅସମାନତା ବଢ଼ି ବଢ଼ି ଚାଲିଛି ଯାହାର ପ୍ରମୁଖ କାରଣ ହେଉଛି ପ୍ରତିଟି ସୋପାନରେ ଅବହେଳାର ନଗ୍ନ ଚିତ୍ର । ଏଠାରେ କେବଳ ଯୋଜନା ପ୍ରଣୟନ କରିଦେଲେ ହେବନି ବରଂ ସଠିକ୍ କାର୍ଯ୍ୟକାରୀ ଏବଂ ନିରୀକ୍ଷଣ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ।

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର , କୋରାପୁଟ
ମୋ:- ୬୩୭୧୫୫୫୯୪୦

# ନାରୀ ଶକ୍ତି: ସଂଘର୍ଷରୁ ସଫଳତା, ସମ୍ମାନରୁ ସମାନତା

**ଅଖିଳ ତରାଇ**

> **“ ଉଚ୍ଚଶିକ୍ଷିତା ଥିବା ସତ୍ତ୍ୱେ ସନ୍ତୋଷଜନକ ନିଯୁକ୍ତି ନ ପାଇ ଅଧିକାଂଶ ମହିଳା ଘରର ଚାରି କାନ୍ଥ ଭିତରେ ପେଶି ହେଉଛନ୍ତି । ନିର୍ଯାତିତା ହେଉଥିବା ନେଇ ମଧ୍ୟ ବହୁ ନଜିର ରହିଛି । ତେବେ, ସମାଜରେ ଏଭଳି ମହିଳା ମଧ୍ୟ ଅଛନ୍ତି, ଯେଉଁମାନେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ବଳରେ ସ୍ୱାବଲମ୍ବୀ ହୋଇ ଅନ୍ୟ ପାଇଁ ପ୍ରେରଣା ପାଲଟୁଛନ୍ତି । ମହିଳାଙ୍କ ସୁରକ୍ଷା ପାଇଁ ମଧ୍ୟ ଆମ ଦେଶରେ ବିଭିନ୍ନ ପ୍ରକାରର ଆଇନର ପ୍ରଚଳନ ରହିଛି । ଆତ୍ମନିର୍ଭର ପାଇଁ ପ୍ରତ୍ୟେକ ମହିଳାଙ୍କର ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି । ମହିଳାମାନଙ୍କୁ ଏଥିରୁ ବଞ୍ଚିତ ରଖିବା ଅପରାଧ । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ ।**

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆମେ ଆନ୍ତର୍ଜାତିକ ମହିଳା ଦିବସ ଭାବେ ପାଳନ କରୁ। ଏହି ଦିବସଟି କେବଳ ଉତ୍ସବ ପାଳନ ପାଇଁ ନୁହେଁ, ବରଂ ନାରୀର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ରାଜନୈତିକ ସଫଳତାକୁ ସ୍ୱୀକୃତି ଦେବାର ଏକ ମାଧ୍ୟମ। ନାରୀ ହେଉଛି ସୃଷ୍ଟିର ଆଧାରଶିଳା। ତା' ବିନା ସମାଜର କଳ୍ପନା ଅସମ୍ଭବ। କିନ୍ତୁ ଆଜିର ଆଧୁନିକ ଯୁଗରେ ମହିଳାମାନେ ଯେଉଁ ସ୍ଥିତିରେ ଅଛନ୍ତି, ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରେ। ଗୋଟିଏ ପଟେ ଆମେ ନାରୀ ସଶକ୍ତିକରଣର ନାରା ଦେଉଛୁ, ଅନ୍ୟପଟେ ବାସ୍ତବ ଜୀବନର କଠୋର ସଂଘର୍ଷରେ ନାରୀ ଆଜି ବି ଅବହେଳିତ।

କ୍ଷେତରୁ କର୍ମକ୍ଷେତ୍ର ନାରୀର ସଂଘର୍ଷ କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀ ମଧ୍ୟରେ ସୀମିତ ନୁହେଁ। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସେ ସବୁଠି ସଂଗ୍ରାମ କରୁଛି। ଗ୍ରାମୀଣ ଅର୍ଥନୀତିରେ ମହିଳାଙ୍କ ଅବଦାନ ଅତୁଳନୀୟ। ସକାଳ ନ ହେଉଣୁ ନିଜ ପରିବାର ଚଳାଇବା ପାଇଁ ସେ ହାତରେ ମାଛ ଟୋକେଇ ଧରି କିମ୍ବା ପନିପରିବା ଧରି ଗାଁ ଗାଁ ବୁଲି ବିକ୍ରି କରେ। ଖରା, ବର୍ଷା, ଶୀତ କୌଣସିଟି ତା'ର ଗତିକୁ ଅଟକାଇ ପାରେନାହିଁ। ଜାନିଯାତ୍ରା କିମ୍ବା ପର୍ବପର୍ବାଣି ସମୟରେ ଯେତେବେଳେ ସମସ୍ତେ ମଜା କରୁଥାନ୍ତି, ସେତେବେଳେ ଏହି ମହିଳାମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଦୂରଦୂରାନ୍ତର ଯାଏଁ ଯାଇ କଣ୍ଠିମାଳ, ଚୁଡ଼ି ବା ଖେଳନା ବିକ୍ରି କରିଥାନ୍ତି। ତାଙ୍କ ମୁହଁରେ ଥିବା ବଳିରେଖା ତାଙ୍କ ବୟସର କ୍ଳାନ୍ତିକୁ ପ୍ରତିଫଳିତ କରେ ସତ, କିନ୍ତୁ ପରିବାର ପ୍ରତି ଥିବା ମମତା ତାଙ୍କୁ କେବେ ହାରିବାକୁ ଦିଏ ନାହିଁ।

ପୁରୁଷପ୍ରାଧାନ୍ୟ ସମାଜରେ ନାରୀର ସଫଳତା ଆମ ସମାଜ ପାରମ୍ପରିକ ଭାବେ ପୁରୁଷ ପ୍ରାଧାନ୍ୟ ହୋଇଥିଲେ ମଧ୍ୟ ନାରୀ ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଜିର ଭାରତରେ ନାରୀ କେବଳ ଘରକୋଣରେ ସୀମିତ ନୁହେଁ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ଭବନରେ ଆଜି ଜଣେ ମହିଳା (ମହାମହିମ ଦ୍ରୌପଦୀ ମୁର୍ମୁ) ଅଧିଷ୍ଠିତ। ଦେଶର ଅର୍ଥନୀତିକୁ ପରିଚାଳନା କରୁଥିବା ଅର୍ଥମନ୍ତ୍ରୀ (ନିର୍ମଳା ସୀତାରମଣ) ମଧ୍ୟ ଜଣେ ମହିଳା। ଏହା ପ୍ରମାଣ କରେ ଯେ ନାରୀ ପାଖରେ ନିଷ୍ପତ୍ତି ନେବାର ଏବଂ ନେତୃତ୍ୱ ନେବାର ଅସୀମ କ୍ଷମତା ରହିଛି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଏବଂ ରାଜନୀତି— ପ୍ରତିଟି କ୍ଷେତ୍ରରେ ମହିଳାମାନେ ନିଜର ସ୍ୱାକ୍ଷର ରଖିଛନ୍ତି। ପୂର୍ବ ଅପେକ୍ଷା ସମାଜରେ ନାରୀ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଛି ଏବଂ ସେମାନଙ୍କୁ ଅଧିକ ସମ୍ମାନ ମିଳୁଛି।

ଏକ ଅଦୃଶ୍ୟ ଶ୍ରମ ଜଣେ କର୍ମଜୀବୀ ମହିଳାଙ୍କ ଜୀବନରେ ଏକ କସରତ ଭଳି। ସେ ସକାଳୁ ଉଠି ଘରର ସବୁ କାମ ସାରେ, ରୋଷେଇ କରେ, ପିଲାଙ୍କୁ ପଢ଼ାଏ ଏବଂ ତା'ପରେ ନିଜ ଅଫିସ ବା କାର୍ଯ୍ୟସ୍ଥଳକୁ ଯାଏ। ଅଫିସରୁ ଫେରିବା ପରେ ମଧ୍ୟ ତା'ର ବିଶ୍ରାମ ନ ଥାଏ। ରାତିର ଖାଦ୍ୟ ପ୍ରସ୍ତୁତି ଠାରୁ ଆରମ୍ଭ କରି ପରଦିନର ପ୍ରସ୍ତୁତି ପର୍ଯ୍ୟନ୍ତ ସେ ସବୁଥିରେ ବ୍ୟସ୍ତ ରୁହେ। ଏହି ସବୁ କାମକୁ ଅନେକ ସମୟରେ 'ଗୃହିଣୀ କାମ' କହି ସାମାନ୍ୟ କରାଯାଏ, କିନ୍ତୁ ଏହି ଅଦୃଶ୍ୟ ଶ୍ରମ ବିନା ଗୋଟିଏ ସୁସ୍ଥ ପରିବାର ଗଢ଼ିବା ସମ୍ଭବ ନୁହେଁ। ଚାକିରି ଏବଂ ପରିବାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ନାରୀ ସବୁବେଳେ ସିଦ୍ଧହସ୍ତ। ଆଇନର ସୁରକ୍ଷା ଓ ଦୁରୁପଯୋଗ: ଏକ ଜଟିଳ ସତ୍ୟ ନାରୀମାନଙ୍କୁ ସାମାଜିକ ଓ ପାରିବାରିକ ନିର୍ଯାତନାରୁ ରକ୍ଷା କରିବା ପାଇଁ ଭାରତୀୟ ସମ୍ବିଧାନରେ ସ୍ୱତନ୍ତ୍ର ଆଇନ ରହିଛି। ଘରୋଇ ହିଂସା ରୋଧ ଆଇନ, ଯୌତୁକ ନିରୋଧ ଆଇନ ଏବଂ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ କଡ଼ା ନିୟମ ରହିଛି। ଏହି ଆଇନଗୁଡ଼ିକ ଅସହାୟ ନାରୀଙ୍କ ପାଇଁ ଏକ ବଡ଼ ସାହାରା। କିନ୍ତୁ ସବୁ ଶକ୍ତିର ଏକ ନକାରାତ୍ମକ ଦିଗ ମଧ୍ୟ ଥାଏ।

ବର୍ତ୍ତମାନ ସମୟରେ ଦେଖାଯାଉଛି ଯେ, କିଛି ମହିଳା ନିଜର ସ୍ୱାର୍ଥ ସିଦ୍ଧି ପାଇଁ କିମ୍ବା ପ୍ରତିଶୋଧ ପରାୟଣ ହୋଇ ଆଇନର ଆଶ୍ରୟ ନେଇ ନିର୍ଦ୍ଦୋଷ ପୁରୁଷଙ୍କୁ ହଇରାଣ କରୁଛନ୍ତି। ମିଥ୍ୟା ଅଭିଯୋଗ ଆଧାରରେ ପରିବାରକୁ ଭାଙ୍ଗିଦେବା କିମ୍ବା ପୁରୁଷମାନଙ୍କୁ ସାମାଜିକ ଭାବେ ଅପମାନିତ କରିବା ଭଳି ଘଟଣା ବଢ଼ିବାରେ ଲାଗିଛି। ଏହା କେବଳ ସେହି ପୁରୁଷଙ୍କ ପାଇଁ କ୍ଷତିକାରକ ନୁହେଁ, ବରଂ ଏହା ଦ୍ୱାରା ସେହି ପ୍ରକୃତ ପୀଡ଼ିତା ମହିଳାମାନଙ୍କର ବିଶ୍ୱସନୀୟତା ହ୍ରାସ ପାଉଛି, ଯେଉଁମାନେ ପ୍ରକୃତରେ ସାହାଯ୍ୟ ଆବଶ୍ୟକ କରନ୍ତି। ଆଇନ ହେଉଛି ନ୍ୟାୟ ପାଇଁ, ପ୍ରତିଶୋଧ ପାଇଁ ନୁହେଁ—ଏହି ବାର୍ତ୍ତା ସବୁ ମହଲରେ ପହଞ୍ଚିବା ଜରୁରୀ। ଟକ୍ସିକ ଫେମିନିଜିମ୍‌ର ଭୟାବହତା 'ଫେମିନିଜିମ୍' ବା ନାରୀବାଦର ପ୍ରକୃତ ଅର୍ଥ ହେଉଛି ସମାନ ଅଧିକାର ଓ ସମାନ ସମ୍ମାନ। କିନ୍ତୁ ଆଜିକାଲି 'ଟକ୍ସିକ ଫେମିନିଜିମ୍' ନାମକ ଏକ ବିକୃତ ଧାରା ସମାଜକୁ ପ୍ରଭାବିତ କରୁଛି। ଏହି ଚିନ୍ତାଧାରାରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ ନାରୀର ସଶକ୍ତିକରଣ ଅପେକ୍ଷା ପୁରୁଷ ଜାତିକୁ ନିନ୍ଦିତ କରିବାରେ ଅଧିକ ଆନନ୍ଦ ପାଆନ୍ତି। ଉଗ୍ର ନାରୀବାଦ ଯୋଗୁଁ ସମାଜରେ ପୁରୁଷ ଓ ନାରୀଙ୍କ ମଧ୍ୟରେ ଥିବା ସହଯୋଗ ଓ ସୌହାର୍ଦ୍ଦ୍ୟର ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଜଣେ ନାରୀ ସଶକ୍ତ ହେବାର ଅର୍ଥ ନୁହେଁ ଯେ ସେ ପୁରୁଷକୁ ତଳକୁ ଦେଖାଇବ। ପ୍ରକୃତ ସଶକ୍ତିକରଣ ହେଉଛି ଯେଉଁଠି ପୁରୁଷ ଓ ନାରୀ ପରସ୍ପରର ସହଯୋଗୀ ହୋଇ ଗୋଟିଏ ସୁନ୍ଦର ସମାଜ ଗଠନ କରିବେ।

ଯେତେବେଳେ ନାରୀ ନିଜକୁ 'ଶ୍ରେଷ୍ଠ' ଏବଂ ପୁରୁଷକୁ 'ଶତ୍ରୁ' ଭାବେ ଗ୍ରହଣ କରେ, ସେତେବେଳେ ସାମାଜିକ ସନ୍ତୁଳନ ବିଗିଡ଼ିଯାଏ। ଏହି କାରଣରୁ ଅନେକ ସମୟରେ ପୁରୁଷମାନେ ମାନସିକ ଚାପ ଓ ନିର୍ଯାତନାର ଶିକାର ହୋଇଥାନ୍ତି। ଅସନ୍ତୁଳନ ଓ ସମାଧାନର ପନ୍ଥା ଆଜି ବି ଅନେକ କ୍ଷେତ୍ରରେ ନାରୀକୁ ନିଜର ଅଧିକାର ପାଇଁ ଲଢ଼ିବାକୁ ପଡୁଛି। କର୍ମକ୍ଷେତ୍ରରେ ସମାନ କାମ ପାଇଁ ସମାନ ମଜୁରି ନ ମିଳିବା, କିମ୍ବା ରାତି ଅଧରେ ବାହାରେ ଯିବାବେଳେ ସୁରକ୍ଷାକୁ ନେଇ ଭୟ ରହିବା—ଏହି ସବୁ ସମସ୍ୟା ଏବେ ବି ଜାରି ରହିଛି।

ଅନ୍ୟପଟେ, ନାରୀ ପ୍ରତି ହେଉଥିବା ହଇରାଣକୁ ରୋକିବା ସହ ପୁରୁଷ ପ୍ରତି ହେଉଥିବା ଅନ୍ୟାୟକୁ ମଧ୍ୟ ରୋକିବା ଆବଶ୍ୟକ। ଆମକୁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ । ଉଭୟ ପୁରୁଷ ଓ ନାରୀଙ୍କୁ ନିଜର ଅଧିକାର ଓ ଦାୟିତ୍ୱ ବିଷୟରେ ସଠିକ୍ ଶିକ୍ଷା ଦିଆଯିବା ଉଚିତ। ଘରର କାମ କେବଳ ନାରୀର ନୁହେଁ, ଏହା ଉଭୟଙ୍କର। ପରିବାରର ପୁରୁଷମାନେ ଯଦି ଘର କାମରେ ସାହାଯ୍ୟ କରିବେ, ତେବେ ନାରୀର କାର୍ଯ୍ୟଭାର ହ୍ରାସ ପାଇବ। ଆଇନର ପ୍ରୟୋଗ ସମୟରେ ପକ୍ଷପାତ ନ କରି ପ୍ରକୃତ ସତ୍ୟକୁ ଯାଞ୍ଚ କରାଯିବା ଉଚିତ, ଯେପରି କୌଣସି ନିର୍ଦ୍ଦୋଷ ଦଣ୍ଡ ନ ପାଏ।

ନାରୀର ସଂଘର୍ଷକୁ ସ୍ୱୀକୃତି ଦେବା ସହ ତା'ର ସ୍ୱାଧୀନତାକୁ ସମ୍ମାନ ଦେବା ହିଁ ପ୍ରକୃତ ମହିଳା ଦିବସର ଉଦ୍ଦେଶ୍ୟ। ନିଷ୍କର୍ଷ : ମହିଳା ଦିବସ କେବଳ ଗୋଟିଏ ଦିନ ପାଇଁ ସୋସିଆଲ ମିଡିଆରେ ଫଟୋ ଅପଲୋଡ଼ କରିବା ବା ଶୁଭେଚ୍ଛା ଜଣାଇବାର ନାମ ନୁହେଁ। ଏହା ହେଉଛି ନାରୀର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା ଏବଂ ତାକୁ ସମାଜର ମୁଖ୍ୟ ସ୍ରୋତରେ ସମ୍ମାନର ସହ ସାମିଲ କରିବାର ଏକ ନିରନ୍ତର ପ୍ରକ୍ରିୟା। ନାରୀ ଜଣେ ମା', ଭଉଣୀ, ପତ୍ନୀ ଏବଂ କନ୍ୟା ହେବା ସହିତ ଜଣେ ମୁକ୍ତ ମଣିଷ। ତାକୁ ନିଜର ଆକାଂକ୍ଷା ପୂରଣ କରିବା ପାଇଁ ସୁଯୋଗ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

ସେହିପରି ନାରୀବାଦର ଆଢୁଆଳରେ କାହାରିକୁ ହଇରାଣ କରିବା ମଧ୍ୟ ଅପରାଧ। ଆସନ୍ତୁ ଏହି ମହିଳା ଦିବସରେ ଏକ ଏଭଳି ସମାଜ ଗଠନ ପାଇଁ ଶପଥ ନେବା, ଯେଉଁଠି ପୁରୁଷ ଓ ନାରୀ ମଧ୍ୟରେ କୌଣସି ପ୍ରତିଯୋଗିତା ରହିବ ନାହିଁ, ବରଂ ରହିବ ପରସ୍ପର ପ୍ରତି ସମ୍ମାନ ଓ ସହଭାଗିତା। ଯେଉଁଦିନ ରାସ୍ତା କଡ଼ର ସେହି ପରିଶ୍ରମୀ ମହିଳା ଏବଂ କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀ ମହିଳା ଉଭୟ ସୁରକ୍ଷିତ ଓ ସମ୍ମାନିତ ଅନୁଭବ କରିବେ, ସେଦିନ ହିଁ ନାରୀ ସଶକ୍ତିକରଣର ସ୍ୱପ୍ନ ସାର୍ଥକ ହେବ। ନାରୀ ଶକ୍ତିର ଜୟ ହେଉ, ମାତ୍ର ସେହି ଶକ୍ତି ବିନାଶ ପାଇଁ ନୁହେଁ, ବିଶ୍ୱର ବିକାଶ ପାଇଁ ଉଦ୍ଦିଷ୍ଟ ହେଉ।

ଗଞ୍ଜାମ , ମୋ: ୭୭୮୭୦୦୧୦୦୧

# ବନାଗ୍ନି ସଚେତନତା ସଭା

ଭବାନୀପାଟଣା,୬ ।୩ (ନିପ୍ର); କଳାହାଣ୍ଡି ଏଜେନସି ଫର ଏନଭାଇରନମେଣ୍ଟ ଏଣ୍ଡ ୱାଇଲ୍ଡ ଲାଇଫ (କେଫ୍ୟୁ) ପକ୍ଷରୁ କଳାହାଣ୍ଡି ଦକ୍ଷିଣ ବନ ଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ସାଇସୁରନି ରେଞ୍ଜର ଗୁଣପୁର ଠାରେ ବନାଗ୍ନି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କେଫ୍ୟୁ ଓ ସାଇସୁରନି ବନାଞ୍ଚଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାଏକ, ଗୁଣପୁର ମୋ ଜଙ୍ଗଲ ଯୋଜନାର କ୍ଷେତ୍ର ଅଧିକାରୀ ମୁନ୍ନା ବାଗ, ଗୁଣପୁର ବନ ସୁରକ୍ଷା ସମିତିର ସଂଯୋଜିକା ଶକୁନ୍ତଳା ଦିଶାରୀ, କେଫ୍ୟୁ ସଂଗଠନର ପ୍ରତିଷ୍ଠାତା ସଦସ୍ୟ ପ୍ରକୃତିବନ୍ଧୁ ଡୋଳାମଣି ସାହୁ, ଗୁଣପୁର ଯୁବକସଂଘର ସଭାପତି ସନ୍ତୋଷ କୁମାର ସିଂ, ଗୁଣପୁର ବନ ସୁରକ୍ଷା ସମିତିର ସଦସ୍ୟ ସଦସ୍ୟା, ଗୁଣପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଆଶୁତୋଷ ପ୍ରଧାନ, ପଣ୍ଡିତ ରତିକାନ୍ତ ପଣ୍ଡା, ଗୁଣପୁର ମହିଳା ସବୁଜ ବାହିନୀର ଅଧ୍ୟକ୍ଷା ମାମୁନି ପାତ୍ର , ଗୁଣପୁର ସରପଞ୍ଚଙ୍କ ପ୍ରତିନିଧି ପବିତ୍ର ମାଝୀ ଓ ଗାଁର ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇ ବନାଗ୍ନି ସଚେତନତା ସଭା ଉପରେ ଆଲୋଚନା କରିଥିଲେ । ଜଙ୍ଗଲ ପୋଡିଯିବା ଦ୍ୱାରା ବିରଳ ଔଷଧି ଗଛ, ସରୀସୃପ, ବନ୍ୟପ୍ରାଣୀ ଓ ପକ୍ଷୀ ସମୂହ ପ୍ରାଣ ହରାଉଛନ୍ତି ଏବଂ ପୃଥିବୀରୁ ଏହା ଲୁପ୍ତପ୍ରାୟ ପ୍ରାଣୀ ଭାବରେ ଗଣତି ହେଉଥିବା ବିଷୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମତାମତ ଦେଇଥିଲେ । ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ନିମନ୍ତେ ସରକାର ଆଣିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ସ୍ଥାନୀୟ ଜଙ୍ଗଲର ରକ୍ଷଣ ବେକ୍ଷଣ କରିବା ପାଇଁ ଉପସ୍ଥିତ ଆଲୋଚକ ଗଣ ମତାମତ ରଖିଥିଲେ । ଗୁଣପୁର ବନ ସୁରକ୍ଷା ସମିତିର ସଦସ୍ୟ ସଦସ୍ୟ ଓ ଗ୍ରାମବାସୀ ସ୍ଥାନୀୟ ଜଙ୍ଗଙ୍କୁ ସୁରକ୍ଷା ଦେବା ପାଇଁ ଏହି ସଭାରେ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ରତିକାନ୍ତ ପଣ୍ଡା ପରିଚାଳନା କରିଥିବାବେଳେ ପ୍ରକୃତିବନ୍ଧୁ ଡୋଳାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଚ୍ଚ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି

ଆସିକା,୬ ।୩ (ନିପ୍ର):ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ଭେଟନଇ ଭୀମସେନ ଉଚ୍ଚବିଦ୍ୟାଳୟ ଠାରେ ସମାଜ ରିଲିଫ ଫଣ୍ଡ ସହାୟତାରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମାଜ ଦିଲ୍ଲୀ ଲୋକସଭା ମଣ୍ଡଳ ସମ୍ପାଦକ ତଥା ଦୈନିକ ମୁଦ୍ରଣ ତଥା ପ୍ରକାଶକ ରବୀନ୍ଦ୍ର କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ କରାଯାଇଥିଲା। ଏହି




ସଭାରେ ମୁଖ୍ୟ ଅତିଥିଭାବେ ସମାଜ ଦିଲ୍ଲୀ ଲୋକସଭା ମଣ୍ଡଳ ସମ୍ପାଦକ ତଥା ଦୈନିକ ମୁଦ୍ରାଣ ତଥା ପ୍ରକାଶକ ରବୀନ୍ଦ୍ର କୁମାର ଜେନା,ମୁଖ୍ୟବକ୍ତା ଭାବେ ଓଡିଶା ରିଲିଫ କମିଟି ସଦସ୍ୟ ମୁରଲୀ ଧର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଶେରଗଡ଼ ବ୍ଲକ ବାଦୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବୁ ପ୍ରଧାନ,ବରଗାଁ ବାସୁଦେବ ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ବିଜୟ କୁମାର ଜେନା, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସଭାପତି ରାଜେନ୍ଦ୍ର ସାହୁ,ଭେଟନଇ ସରପଞ୍ଚ ପ୍ରତିନିଧି ଟୁଲୁ ଜେନା, ଆସିକା ବ୍ଲକ ଉପାଧ୍ୟକ୍ଷା ଏସ. ରେଶମା ଦୋରା,ପୂର୍ବତନ ସରପଞ୍ଚ ନରୋତ୍ତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପାରଳାରେ ଗ୍ରୀଷ୍ମ ଆରମ୍ଭରୁ ଉପରମୁହାଁ ପାରଦ

ପାରଳାଖେମୁଣ୍ଡି,୬ ।୩(ନିପ୍ର):ଗ୍ରୀଷ୍ମ ଆରମ୍ଭରୁ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ପାରଦ ଉପରମୁହାଁ ହୋଇଛି। ଗତ ତିନିଦିନ ହେଲା ତାପମାତ୍ରାରେ ବୃଦ୍ଧି ହୋଇଥିବା ସହ ପାରଳାଖେମୁଣ୍ଡି ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଛି। ବିଗତ ଦୁଇଦିନର ତଥ୍ୟାନୁସାରେ ପାରଳାଖେମୁଣ୍ଡି ଉତ୍ତପ୍ତ ସହରର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଆଜି ମଧ୍ୟ ସର୍ବାଧିକ ତାପମାତ୍ରା ୩୭.୨ ଡିଗ୍ରି ରହିଥିବା ଜଣାପଡ଼ିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗତବର୍ଷ ବି ପାରଳାଖେମୁଣ୍ଡିରେ ପ୍ରଚଣ୍ଡ ରୌଦ୍ର ଅନୁଭୂତ ହୋଇଥିବା ବେଳେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଚଳିତବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଗ୍ରୀଷ୍ମର ପ୍ରଭାବ ଲୋକଙ୍କୁ ଚିନ୍ତାରେ ପକାଇଛି। ଅନ୍ୟପକ୍ଷରେ ପରିବେଶ ପ୍ରଦୂଷଣ, ଜଙ୍ଗଲ ଅବକ୍ଷୟ ଓ ପୋଡୁଚାଷ ତାପମାତ୍ରା ବୃଦ୍ଧି ପାଇବାର ମୁଖ୍ୟ କାରଣ ବୋଲି ପରିବେଶବିତ କହିଛନ୍ତି। ସହର ଆଖପାଖରେ ବେଆଇନ କାଜୁ ପ୍ରୋସେସିଂ କମ୍ପାନି ଓ ଗ୍ରାନାଇଟ କମ୍ପାନି ପରିବେଶକୁ ପ୍ରଦୂଷଣ କରୁଛି। ସରକାରଙ୍କ ସମସ୍ତ ନୀତିନିୟମକୁ ଖିଲାପ କରୁଥିଲେ ସୁଦ୍ଧା ପ୍ରଶାସନ ସବୁ ଜାଣିଶୁଣି ଚୁପ। ବ୍ୟାପକ ବନୀକରଣ ଓ ପୋଡୁଚାଷ ବନ୍ଦ ଦିଗରେ ବ୍ୟାପକ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆକ୍ରମଣ : ତିନି ଗିରଫ

ପାରଳାଖେମୁଣ୍ଡି,୬ ।୩ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟ ସେବାକୁ ନେଇ ଚର୍ଚ୍ଚାରେ ରହୁଛି । କେତେବେଳେ ରୋଗୀସେବାରେ ନିୟୋଜିତ ଡାକ୍ତରଙ୍କ ଅନୁପସ୍ଥିତି ତ କେତେବେଳେ ଚିକିତ୍ସାରେ ଅବହେଳା ଆଉ କେତେବେଳେ କର୍ମଚାରୀଙ୍କ ନାଲି ଆଖି ଦେଖାଇବା ଆଦି ଘଟଣା ଘଟିବା ନିତିଦିନିଆରେ ପରିଣତ ହେଲାଣି । ତେବେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ତିନି ଜଣ ଆକ୍ରମଣ କରି ଗିରଫ ହୋଇଥିବା ଘଟଣା ସାମନାକୁ ଆସିଛି । ପାରଳାଖେମୁଣ୍ଡି ଆଦର୍ଶ ଥାନା ସୂତ୍ରରୁ ପ୍ରକାଶ ଯେ ବୁଧବାର ସନ୍ଧ୍ୟା ୭.୩୦ ସମୟରେ ନର୍ସିଂ ଅଫିସର ମନୋଜ କୁମାର ଶବର



(୨୯) କର୍ମରତ ସମୟରେ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ୍ ଦେଉଥିବା ବେଳେ ପାରଳାଖେମୁଣ୍ଡି ସହରର କାମ୍ପସାହିର ଅବ୍ଦୁଲ ଇମତିଆଜ (୨୧) ଏବଂ ତାଙ୍କ ସହଯୋଗୀ ଅବ୍ଦୁଲ ଇଜାଜ (୨୩) ଓ ଟି. ଭାନୁପ୍ରସାଦ (୨୩) ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କର୍ମରେ ବାଧା ଦେଇଥିଲେ। ଏହା ସହିତ ସେମାନେ ମିଳିମିଶି ମନୋଜଙ୍କୁ ମାଡ ମାରି ରକ୍ତାକ୍ତ କରିଦେଇଥିଲେ । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ନର୍ସିଂ ଅଫିସର ମନୋଜ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ୭୨/୨୬ରେ ଏକ ମାମଲା ରୁଜୁ କରି ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏହାପରେ ତିନି ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟକୁ ଚାଲାଣ କରାଯାଇ ତଦନ୍ତ ଜାରି ରହିଥିବାର ସୂଚନା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ପ୍ରେସବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ରଥର ଶୁଭାରମ୍ଭ

ବଣାଇ,୬ ।୩ (ନିପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ୍ରମେ ବଣାଇ ବନଖଣ୍ଡ କାର୍ଯ୍ୟାଳୟ ପରିସରରୁ ଜଙ୍ଗଲ ନିଆଁ ନିରାକରଣ ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ କରାଯିବା ସହ ବଣାଇଁର ୟୁଥ କ୍ଲବ୍ ଯୁବଗୋଷ୍ଠୀଙ୍କୁ ନେଇ ଏକ ସଚେତନତା ବାଇକ୍ ରାଲିର ଆୟୋଜନ ହୋଇଯାଇଛି । ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଆଗକୁ ଗ୍ରୀଷ୍ମପ୍ରବାହ ମାଡ଼ି ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ମନୁଷ୍ୟ କୃତ ନିଆଁ ଲାଗିଯିବାରୁ ଜଙ୍ଗଲ ସହିତ ବନ୍ୟଜନ୍ତୁ ମଧ୍ୟ ବିପଦରେ ପଡିଥାନ୍ତି । ଏଣୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତାର ବାର୍ତ୍ତା ନେଇ ଏହି ରଥ ପ୍ରତ୍ୟେକ ଗାଁ କୁ ଗାଁ ସହ ପ୍ରତ୍ୟେକ ବନ ସଂରକ୍ଷଣ ସମିତି ଏବଂ ବିଭିନ୍ନ ଅନୁଷ୍ଠାନକୁ ବୁଲିବ ଓ ଏହା ବଣାଇ ବନଖଣ୍ଡର ସାତ ଗୋଟି ବନାଞ୍ଚଳ ସୋଲ , ଜର୍ଡା , ତାମଡା, ବଣାଇଁ କୁଲିପୋଷ ବରସୁଆଁ କୋଇଡା ଇତ୍ୟାଦିର ବିଭିନ୍ନ ଗାଁ ବୁଲି ଜଙ୍ଗଲ ସହ ଜୀବଜନ୍ତୁ ଏବଂ ପରିବେଶର ସୁରକ୍ଷା ବାର୍ତ୍ତା ପ୍ରଚାର କରିବ ଓ ଜଙ୍ଗଲରେ ନିଆଁ ନିୟନ୍ତ୍ରଣ, ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଏହି ରଥ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜଙ୍ଗଲ ବିଭାଗର ଏହା ଏକ ଅଭିନବ ପ୍ରୟାସ ।

# ରାଜ୍ୟରେ ଭାପୁରକୁ ପରିଚିତ କରିଛି ଓଲି ପିଆଜ

ଭାପୁର,୬ ।୩(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ମଧ ଦେଇ ମହାନଦୀ ପ୍ରବାହିତ ହୋଇଥିବାରୁ ବ୍ଲକର ଅଧିକାଂଶ ଅଞ୍ଚଳର ଜନସାଧାରଣ କୃଷି ଉପରେ ନିର୍ଭର କରିଚଳିଥାନ୍ତି। ବିଶେଷକରି, ପଦ୍ମବତୀ, କରବର, ଶାସନ, ଫତେଗଡ଼, କେନ୍ଦୁପଲ୍ଲୀ ପଂଚାୟତବାସୀ କୃଷିକୁ ନିଜ ବେଉସା ଭାବରେ ଗ୍ରହଣ କରିଥାନ୍ତି। ଏତେଦ ବ୍ୟତୀତ ସମସ୍ତଙ୍କର ନିଜନିଜ ବାଡ଼ି ବଗିଚାରେ ଘର ଚଳଣି ପାଇଁ ଶାଗ ପଟାଳି, ରସୁଣ, ପିଆଜ ଆଦି ଲଗେଇଥାନ୍ତି କିନ୍ତୁ, ଏମାନଙ୍କ ମଧ୍ୟରୁ ପିଆଜ ହେଉଛି ଜଣେ ଚାଷୀ ପୁଅର ମୁଖ୍ୟ ତରକାରି। ଚାଷୀ ପୁଅର ପଖାଳ କଂସା ସାଙ୍ଗକୁ ଲୁଣ ଓ ପିଆଜ ହେଲେ ଶାନ୍ତିରେ ଭାତ ପେଟକୁ ଯାଇଥାଏ। ପିଆଜ ଦୁଇ ପ୍ରକାର। ତାହା ମଧ୍ୟରୁ ଭାପୁର ଅଂଚଳରେ ଓଲି ବା କୋଲା ପିଆଜ ସମସ୍ତଙ୍କ ବାଡ଼ିବଗିଚାରେ ଦେଖିବାକୁ ମିଳିଥାଏ କିନ୍ତୁ, ଉଲି ପିଆଜ କମ ଦେଖାଯାଏ। ଏହି କୋଲା ପିଆଜ ଫତେଗଡ଼ ପଂଚାୟତର ମଣିପୁର ଗ୍ରାମର କାଳିଗିରି ପାଟରେ ବିଶେଷ ଭାବରେ ଚାଷ ହୋଇଥାଏ ଏବଂ କରବର ଗ୍ରାମ ମହାନଦୀ ଉପକୂଳବର୍ତ୍ତୀ ଅଞ୍ଚଳର କୃଷକ ମାନଙ୍କର ଏହା ପାରମ୍ପରିକ ଚାଷ। ଏହି



କୋଲା ପିଆଜକୁ ମଧ ଦେଶୀ ପିଆଜ କୁହାଯାଇଥାଏ।ଏହି ପିଆଜ ସାଧାରଣତଃ ଖୋର୍ଦ୍ଧା, ଭୁବନେଶ୍ୱର ବଜାରର କୁ ବିକ୍ରି ପାଇଁ ଯାଇଥାଏ। ସାଧାରଣ ପିଆଜ ଠାରୁ କୋଲା ବା ଓଲି ପିଆଜର ଦାମ ଚଢା ହୋଇଥିଲେ ମଧ ଖାଉଟି ଏହାକୁ ଆଦର କରିଥାଏ।ଏହି ପିଆଜର ବାସ୍ନା ଓ ସ୍ୱାଦ ଲୋକଙ୍କ ହୃଦୟକୁ ଜିତିଥାଏ। ସରସା ମାଟି ଅର୍ଥାତ,ବାଲିଆ ଓ ଖଳି ମାଟିରେ ଏହା ଭଲ ଅମଳ ଦେଇଥାଏ। ମାଟିରେ ଉର୍ବର ଅଂଶ ଏବଂ ଅମ୍ଳ ଅଧିକ ରହିଥିବା ଦରକାର ଏବଂ ୩୦ ରୁ ୩୫ ଡିଗ୍ରୀ ଉତ୍ତାପରେ ଏହି ପିଆଜ ଭଲ ଉତ୍ପାଦନ ହୋଇଥାଏ। ବିଶେଷକରି, ଚାଷୀ ପୁଅ ମାଟି କୁ ପରୀକ୍ଷା କରି ଅଧିକ ଜୈବିକ ସାର ପ୍ରୟୋଗ କରିବା ଦ୍ୱାରା ଏହି ପିଆଜ ଅଧିକ ଲାଭ ଦେଇଥାଏ। ବର୍ଷକରେ ଛଅ ମାସ ଏହାର ଚାଷ ହୋଇଥାଏ ।ଅର୍ଥାତ୍ ଅକ୍ଟୋବର ଓ ନଭେମ୍ବର ମାସର ଶୀତ ଋତୁ, ଜାନୁଆରୀ ଓ ଫେବୃଆରୀ ମାସ ର ଗ୍ରୀଷ୍ମ ଋତୁ ଏବଂ ଜୁନ ଓ ଜୁଲାଇ ମାସର ବର୍ଷା ଋତୁରେ ଏହି ପିଆଜ ଉତ୍ପାଦନ ହୋଇଥାଏ। ଏହି ପିଆଜ କେଜି ପ୍ରତି ୭୦ ରୁ ୧୦୦ ଟଙ୍କା ମଧ୍ୟରେ ଚାଷୀ ପୁଅ ବିକ୍ରି କରିଥାଏ। ରାଜ୍ୟ ସରକାରଙ୍କ କୃଷି ବିଭାଗ ଏହି କୋଲା ପିଆଜ ଚାଷ ପାଇଁ କୃଷକମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଲେ ରାଜ୍ୟରେ ଭାପୁର ଅଂଚଳରେ



ଏହା ବେଶ ଆଦୃତ ହୋଇପାରିବ ବୋଲି ଭାପୁର ଅଞ୍ଚଳର ଚାଷୀ ଦଣ୍ଡପାଣି ଜେନା, ଆର୍ତ୍ତବନ୍ଧୁ ରାଉତ, ଜଗବନ୍ଧୁ ସାହୁ,ଲକ୍ଷ୍ମଣ ଦାସ ଆଦି ମତ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ କୃଷି ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି।

## ଭୂଆସୁଣୀ ମନ୍ଦିରରୁ ବଡ଼ ଧରଣର ଚୋରି

ପିପିଲି ,୬ ।୩ (ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଅଲଣ୍ଡାପଡା ଗ୍ରାମର ଆରାଧ୍ୟ ଠାକୁରାଣୀ ମାଆ ଭୂଆସୁଣୀ ମନ୍ଦିରରୁ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତ ପ୍ରକ୍ରିୟାକୁ ବଳଙ୍ଗା ପୋଲିସ ପକ୍ଷରୁ ଜୋରଦାର କରାଯାଇଛି। ବଳଙ୍ଗା ଥାନା ଆଇଆଇସି ପୁରୀରୁ ଆସିଥିବା ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହାୟତାରେ ଶୁକ୍ରବାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମନ୍ଦିର ଠାରୁ କିଛି ଦୂରରେ ଗହୀର ମଝିରେ ପଡ଼ିଥିବା ପାଞ୍ଜି ପତ୍ରିକାକୁ କୁକୁର ଯାଇ ଚିହ୍ନଟ କରି ଅଛି। ସେଠାରୁ ଘଟଣା ସ୍ଥଳରୁ ୭ କି:ମି ଦୂର ଗୋପ ଥାନା ଡଭାର ପର୍ଯ୍ୟନ୍ତ ଯାଇଥିଲା। ପୋଲିସ ଟିମ୍ ସନ୍ଧାନୀ କୁକୁରକୁ ନେଇ ଗୋପ ଥାନା ଅଂଚଳକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ସେହି ଅଞ୍ଚଳର ବୋଲି ହୋଇ ଥିବା ନେଇ ସନ୍ଦେହ ହୋଇଛି। ସବୁଠାରୁ ବଡ଼କଥା ମନ୍ଦିରରେ ଲାଗିଥିବା ସିସିଟିଭିରେ ଜଣେ ଦୁର୍ବୃତ୍ତ ଚିତ୍ର କଏଦ ହୋଇ ଥିବା ବେଳେ ଉକ୍ତ ସିସିଟିଭି ଛବିକୁ ନେଇ ଦୁର୍ବୃତ୍ତ ସମ୍ପର୍କରେ ଅଧିକ ଜାଣିବା ପାଇଁ ପୋଲିସ ଟିମ ଜିଲ୍ଲାର ବିଭିନ୍ନ ଥାନାକୁ ଅବଗତ କରାଇ ଅଛି। ସୂଚନା ଥାଉ କି ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତ ମାନେ ମନ୍ଦିର ତାଲା କାଟି ପୂଜା ପାଉଥିବା ୩ ଗୋଟି ମୂର୍ତ୍ତିର ସୁନା ଆଖି ତାଡି ଦେବା ସହ ରୁପା କୀରିଟ ଓ ନଗଦ ଟଙ୍କା ସହିତ ଲକ୍ଷାଧିକ ସାମଗ୍ରୀକୁ ଚୋରି କରି ନେଇ ଥିବା ନେଇ ଗ୍ରାମବାସୀମାନଙ୍କ ପକ୍ଷରୁ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ନିମ୍ନମାନର କେନାଲ ପୋଲ ନିର୍ମାଣକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ,୬ ।୩: କେନ୍ଦୁଝର ଜିଲ୍ଲାରେ କୃଷିର ଉନ୍ନତି ପାଇଁ ନଦୀବନ୍ଧ ନିର୍ମାଣ କରାଯାଇ ଚାଷ ଜମିକୁ ଜଳସେଚନ କରାଯିବା ଲକ୍ଷ୍ୟ ରଖି ଚମ୍ପୁଆ ଉପଖଣ୍ଡସ୍ଥ ଯୋଡା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ଠାରେ ବୈତରଣୀ ନଦୀ ଉପରେ କାନପୁର ବୃହତ୍ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି। ତେବେ ଏହି କାନପୁର ନଦୀ ବନ୍ଧ ପ୍ରକଳ୍ପ ନାମରେ ହେଉଥିବା କେନାଲ କାମରେ ଚଂଚକତା କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାର ସଲାସୁତରାରେ ନିମ୍ନମାନର କାମ କରି ମାଲେମାଲ ହେଉଥିଲେ ମଧ୍ୟ ବିଭାଗ କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଫଳରେ ନିର୍ମାଣ କରାଯାଉଥିବା ନିମ୍ନମାନର କେନାଲ ଓ କେନାଲ ପୋଲ ଗୁଡିକର ସ୍ଥାୟିତ୍ୱକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଫୁଟବଲ ପଡିଆ। ଏଠାରେ ପଡିଆ ସମ୍ମୁଖରେ ଏକ ଶାଖା କେନାଲ କାର୍ଯ୍ୟ ଚାଲିଥିବା ବେଳେ ପଡିଆ ଭିତରକୁ ପ୍ରବେଶ କରିବା ପାଇଁ ଏକ ପୋଲର ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ପୋଲ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ପୋଲ ପାଇଁ ବେସ ତିଆରି ନକରି କିମ୍ବା କୌଣସି ପିଲର, ବିମ ନଦେଇ କେନାଲ କାନ୍ଥ ଉପରେ ସିଧାସଳଖ ପୋଲ ଛାତ ଢ଼ଳେଇ କରାଯାଉଛି। କେନାଲ କାର୍ଯ୍ୟ ପାଇଁ ସରକାର ସ୍ୱତନ୍ତ୍ର ବାଲି ବ୍ୟବସ୍ଥା କରିଥିବା ବେଳେ ଏଠି ନିମ୍ନମାନର ବାଲିରେ ଢ଼ଳେଇ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ତା' ସହିତ ଏହି ପୋଲ ନିର୍ମାଣ କାର୍ଯ୍ୟ କେବଳ ମିସ୍ତ୍ରୀ ମାନଙ୍କ ଭରସାରେ ଛାଡି ଦେଇ କାର୍ଯ୍ୟ ସମୟରେ କୌଣସି ଅଧିକାରୀ କିମ୍ବା ସୁପରଭାଇଜର ରହୁ ନଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଖେଳ ପଡିଆରେ କୌଣସି ସରକାରୀ, ବେସରକାରୀ କ୍ରିଡ଼ା କାର୍ଯ୍ୟକ୍ରମ ସମୟରେ ଛୋଟ ବଡ଼ ଚାରି ଚକିଆ ଯାନ ପ୍ରବେଶ କରିବାଟା ସ୍ୱାଭାବିକ ହୋଇଥିବା ବେଳେ ବିନା ପିଲର ବେସରେ ନିର୍ମାଣ କରାଯାଉଥିବା ଏହି ପୋଲ କେତେ ଦିନ ଓଜନ ସମ୍ଭାଳିବ ତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ପାଲଟିଛି। ଯାହାକୁନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ତେଣୁ ଏଥିପ୍ରତି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବେଆଇନ ମଦ ବିକ୍ରୟ କରୁଥିବା ଅଭିଯୁକ୍ତଙ୍କ ଘର ଉଚ୍ଛେଦ କଲା ପୁରୀ ପୋଲିସ

ପୁରୀ,୬ ।୩: ପୁରୀ ଜିଲ୍ଲାରେ ବେଆଇନ ମଦ ବିକ୍ରୟ ଓ ଅବୈଧ କାର୍ଯ୍ୟକଳାପ ଉପରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ପାଇଁ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ନିୟମିତ ଭାବରେ ଅଭିଯାନ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ମଦ ବିକ୍ରି କରୁଥିବା ଏକ ବ୍ୟକ୍ତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶୁକ୍ରବାର ସତ୍ୟବାଦୀ ଥାନା ଅଧୀନ ରାୟଚକ୍ରଧରପୁର ଗ୍ରାମ ନଦୀବନ୍ଧ ଅଞ୍ଚଳରେ ଥିବା ସରକାରୀ ଜମି ଉପରେ ବେଆଇନ ଭାବରେ ଘର ଓ ଦୋକାନ ନିର୍ମାଣ କରି ମଦ ବିକ୍ରୟ କରୁଥିବା ଅଭିଯୋଗରେ ଗୃହ ଉଚ୍ଛେଦ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ପୋଲିସ ଏବଂ ତହସିଲ ପ୍ରଶାସନଙ୍କ ଉପସ୍ଥିତିରେ ସଫଳତାର ସହ କାର୍ଯ୍ୟ କରାଯାଇଛି। ଉକ୍ତ ବ୍ୟକ୍ତି ହେଲେ ରାୟଚକ୍ରଧରପୁର ଗ୍ରାମର ପ୍ରଦୀପ କୁମାର ଭୋଇ (୪୦), ପିତା – ସ୍ୱର୍ଗତ ମାଗୁଣି ଭୋଇ, ସାକିନ – ରାୟଚକ୍ରଧରପୁର, ଥାନା – ସତ୍ୟବାଦୀ, ଜିଲ୍ଲା – ପୁରୀ। ସେ ସରକାରୀ ଜମି ଉପରେ ଅବୈଧ ଭାବରେ ଘର ଓ ଦୋକାନ ତିଆରି କରି ଦୀର୍ଘଦିନ ଧରି ବେଆଇନ ଭାବରେ ମଦ ବିକ୍ରୟ କରୁଥିବା ନେଇ ଅଭିଯୋଗ ଥିଲା। ଏହି ସୂଚନା ମିଳିବା ପରେ ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ସତ୍ୟବାଦୀ ଥାନା ପୋଲିସକୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ଭବାନୀପାଟଣା, ୬/୩ (ନି.ପ୍ର)– ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା ଡାକସେବା ବିଭାଗ ତରଫରୁ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଡାକସେବା ଉପ-ଅଧିକ୍ଷୀକା ଆରତି ପୃଷ୍ଟି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ତନ୍ମୟ କୁମାର ଦରୱାନ ଏହି ଶିବିରର ଲକ୍ଷ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆରତୀ ପୃଷ୍ଟି, ଜିଲ୍ଲା ଡାକସେବା ଉପ-ଅଧିକ୍ଷୀକା ଡାକସେବା ଉପଲବ୍ଧ କରାଉଥିବା ଅନେକ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଅନେକ ସରକାରୀ ସୁବିଧା ଓ ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସମସ୍ତ ଛାତ୍ରଛାତ୍ରୀ ଓ ଯୁବକଯୁବତୀମାନଙ୍କୁ ଏହି ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ କରିଥିଲେ।

# ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ ସୂଚନା ଫଳକ ନେଇ ଚର୍ଚ୍ଚା

ପାରଳାଖେମୁଣ୍ଡି,୬ ।୩ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଓଡ଼ିଆ ଭାଷା ତଥା ସଂସ୍କୃତିକୁ ଅପମାନ କରିବା ଦୈନନ୍ଦିନ ଘଟଣାରେ ପରିଣତ ହେବାରେ ଲାଗିଛି । ଗୋଟିଏ ପଟେ ଓଡ଼ିଆ ଅସ୍ମିତା ଦ୍ୱାହି ଦେଇ ଶାସନ କରୁଥିବା ସରକାରଙ୍କ ଓଡ଼ିଆ ଅସ୍ମିତା ଗଜପତିରେ ଚୁଲିକୁ ଯାଇଛି ବୋଲି ଆଲୋଚନା ହେଉଛି । ତେବେ ସରକାରୀ କାର୍ଯ୍ୟକ୍ରମ ଓ ସରକାରୀ ଫଳକରେ ଏପରି ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅପମାନ କରିବା ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି । ଗତ ମାସରେ ହୋଇଥିବା ସୁଭଦ୍ରା ଶକ୍ତି ମେଳାରେ ପ୍ରଥମେ ପାରଳାଖେମୁଣ୍ଡି ସହରର ନାମର ବନାନ ତ୍ରୁଟି ଓ ପରେ ଜଗନ୍ନାଥଙ୍କ ଜଣାଣରେ ଫ୍ୟାସନ୍ ଶୋ ପ୍ରଦର୍ଶନକୁ ନେଇ ଖୁବ୍ ଚର୍ଚ୍ଚାରେ ଥିବା ବେଳେ ଏବେ ପୂର୍ତ୍ତ ବିଭାଗର ସୂଚନା ଫଳକରେ ବ୍ୟାପକ ତ୍ରୁଟି ଉଲ୍ଲେଖ ଥିବାର ଦେଖିବାକୁ ମିଳିଛି । ଯାହାକୁ ନେଇ ଗତ କାଲି ଠାରୁ ସହରବାସୀ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ସୋସିଆଲ ମିଡିଆରେ ବନାନ ତ୍ରୁଟି ଫଳକକୁ ପୋଷ୍ଟ କରୁଥିବା ଏବଂ ଏଥିକୁ ନେଇ ବିଭିନ୍ନ ମନ୍ତବ୍ୟ ମଧ ଦିଆଯାଉଥିବାର ଦେଖିବାକୁ ମିଳୁଛି । ସହରର ପ୍ରମୁଖ ସ୍ଥାନଗୁଡ଼ିକୁ ସୂଚାଇବାକୁ ଯାଇ ପୂର୍ତ୍ତବିଭାଗ ବିଭିନ୍ନ ସ୍ଥାନରେ ଫଳକ ଲଗାଇଛି , ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏପରି ଓଡ଼ିଆ ଭାଷାକୁ ଅପଭ୍ରଂଶ କରି ଲେଖାଯାଇଥିବାକୁ




ନେଇ ନାନାଦି ଆଲୋଚନା ହେଉଛି। ରାଜ ପ୍ରାସାଦ ବଦଳରେ "ରାଜପ୍ରସାଦ" ଏବଂ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ବଦଳରେ "ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ବିଦ୍ୟାଳୟ" ଲେଖାଯାଇଥିବାର ଦେଖାଯାଇଛି। ଏହା ଦ୍ୱାରା ଓଡ଼ିଆ ଭାଷାକୁ ଅପଭ୍ରଂଶ କରାଯାଥିବାର ସାଧାରଣରେ ଅଭିଯୋଗ ହୋଇଛି । ବିଶେଷ କରି ସରକାରୀ କାର୍ଯ୍ୟକ୍ରମ ଓ ସରକାରୀ ଫଳକରେ ଏପରି ବ୍ୟତିକ୍ରମ ହେଉଥିବାରୁ




ଉପାନ୍ତରେ ଓଡ଼ିଆ ଭାଷା ବିପଦରେ ପଡିଥିବାର ବିଭିନ୍ନ ମହଲରେ ଆଲୋଚନା ହେଉଛି ।

ଏନେଇ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ କହିଛନ୍ତି ଯେ ତ୍ରୁଟିପୂର୍ଣ୍ଣ ଲେଖାକୁ ଆଜି ହିଁ ସଂଶୋଧନ ପାଇଁ ପଠାଇ ଦିଆଯାଇଛି । ଆଗାମୀ ଦିନରେ ଏପରି ତ୍ରୁଟିପୂର୍ଣ୍ଣ ଲେଖା ନ ଯିବା ପାଇଁ ଗୁରୁତ୍ୱ ଦିଆଯିବ ବୋଲି ଜଣାଇଛନ୍ତି ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ଭବାନୀପାଟଣା, ୬/୩ (ନି.ପ୍ର)– ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଅସହାୟ ଓ ଭିନ୍ନକ୍ଷମ ମାନଙ୍କୁ ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ମା ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ବସୁଥିବା ଅସହାୟ ଓ ଭିନ୍ନକ୍ଷମ ଭିକ୍ଷୁକ ମାନଙ୍କୁ ଗ୍ରିଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଗୋଟିଏ ଲେଖାଏଁ ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପ ସଭାପତି ମନିନ୍ଦ୍ର ମହାନ୍ତି, ଜୋନ ମହିଳା ସଭାନେତ୍ରୀ ଲଳିତା ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ବରିଷ୍ଠ ବିଜେଡି ନେତା ଧର୍ମେନ୍ଦ୍ର ନାଏକ, ପ୍ରଶାନ୍ତ ନାଏକ, କାଉନସିଲର କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ମହେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଭବାନୀପାଟଣାରେ ଅତ୍ୟାଧୁନିକ ଷ୍ଟାଡିୟମ ଆବଶ୍ୟକ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କଲେ ଭବାନୀଶଙ୍କର ନିଆଲ

ଭବାନୀପାଟଣା,୬ ।୩ (ନିପ୍ର):କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟରେ ରାଜ୍ୟର ଦ୍ୱିତୀୟ ସର୍ବ ବୃହତ୍ ଆୟତନ ବିଶିଷ୍ଟ ଷ୍ଟାଡିୟମ ଭାବେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ରହିଛି। ତେବେ ବର୍ଷ ତମାମ ଏଠାରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟକ୍ରମ, ପର୍ବ, ଉତ୍ସବ ପାଳିତ ହେଉଥିବାବେଳେ ଏହି ଷ୍ଟାଡିୟମ ନିର୍ମାଣର ପ୍ରକୃତ ଉଦ୍ଦେଶ୍ୟ ଆଜିଯାଏଁ ସଫଳ ହୋଇପାରୁନାହିଁ। ସେହିପରି ସହର ମଧ୍ୟସ୍ଥଳରେ ଏହି ଷ୍ଟାଡିୟମ ଥିବାବେଳେ ଅନେକ ସମୟରେ ଏହାର ଭିତ୍ତିଭୂମି ବିକାଶ ସମ୍ଭବ ହୋଇପାରୁନାହିଁ। ଏଣୁ ପଶ୍ଚିମ ଓଡ଼ିଶାର ପ୍ରମୁଖ ସ୍ଥାନ କଳାହାଣ୍ଡିରେ ଏକ ସର୍ବ ସୁବିଧା ସମ୍ପନ୍ନ ଓ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରାୟ ୨୫ ଏକର ଜମି ଯୋଗାଇଦେବା ସହିତ ଏଥିପାଇଁ ପାଞ୍ଚଶହ କୋଟି ଟଙ୍କା ବ୍ୟୟ ବରାଦ ଓ ରାଜ୍ୟ କ୍ରୀଡ଼ା ସଚିବଙ୍କ ଅଧ୍ୟକ୍ଷତାରେ ଜାଗା ଚିହ୍ନଟ ଏବଂ ଅନୁଦାନ ଯୋଗାଇଦେବାକୁଦାବି କରିଛନ୍ତି ବିକଶିତ କଳାହାଣ୍ଡି ନୂଆପଡ଼ା ଅଧକ୍ଷ ଡ ଭବାନୀ ଶଙ୍କର ନିଆଲ। ବର୍ଷର ଶେଷଦିନରେ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏନେଇ ଚିଠି ଲେଖି ଦାବି କରିଛନ୍ତି। କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ସେ ଏହି ଦାବି କରିଥିବା ଜଣାପଡିଛି। ସେହିପରି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରମୁଖଙ୍କୁ ଦାବି ସମ୍ପର୍କରେ ଅବଗତ କରାଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେଓଡିଶା ସରକାର ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ୧,୦୦୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ଷ୍ଟାଡିୟମ୍ ନିର୍ମାଣ କରିବେ। ଏହି ବିକାଶ ଆଗାମୀ ଚାରି ବର୍ଷ ମଧ୍ୟରେ ରାଜ୍ୟର ୧୪ଟି ବ୍ଲକରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଥିବା ଏକ ବୃହତ୍ତର ୪,୧୨୪ କୋଟି ଟଙ୍କା ଯୋଜନାର ଏକ ଅଂଶ। ଏହି ଆକାଂକ୍ଷୀ ପ୍ରକଳ୍ପ ଓଡିଶାର ସ୍ଥିତିକୁ ଭାରତର ଏକ ପ୍ରମୁଖ କ୍ରୀଡା କେନ୍ଦ୍ର ଭାବରେ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ବିବୃତି ସହିତ ଓଡିଶାର ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଦୁଇଥର ସଫଳତାର ସହ ହକି ବିଶ୍ୱକପ୍ ଆୟୋଜନ କରିବା ପରେ, ଆମ ସରକାର ଆମର ଆଥଲେଟ୍ମାନଙ୍କ ପାଇଁ କ୍ରୀଡା ସୁବିଧାର ଗୁଣବତ୍ତା ଏବଂ ସୁଗମତା ଉନ୍ନତ କରିବାକୁ ପ୍ରତିବଦ୍ଧ।' ବ୍ୟାପକ ୪,୧୨୪ କୋଟି ଟଙ୍କା ଯୋଜନାରେ ଓଡିଶାର ବିଭିନ୍ନ ବ୍ଲକରେ ଉଚ୍ଚମାନର ଷ୍ଟାଡିୟମ୍ ବିକାଶ ଅନ୍ତର୍ଭୁକ୍ତ, ଯାହା ସ୍ଥାନୀୟ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ରାଜ୍ୟରେ ଆଥଲେଟିକ୍ସରେ ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ମଧ୍ୟ ଆଲୋକପାତ କରାଯାଇଛି ଯେ, ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍ ଆୟୋଜନ କରିବା ଦ୍ୱାରା ଭବିଷ୍ୟତରେ ଓଡିଶାକୁ ପ୍ରତିଷ୍ଠିତ କଣ୍ଟିନେଣ୍ଟାଲ୍ ଟୁର୍ ଗୋଲ୍ଡ ଆୟୋଜନ କରିବାର ପଥ ପରିଷ୍କାର ହେବ, ଯାହା ଆନ୍ତର୍ଜାତୀୟ କ୍ରୀଡା ମାନଚିତ୍ରରେ ରାଜ୍ୟର ସୁନାମକୁ ଆହୁରି ମଜଭୁତ କରିବ। ଇତିହାସରେ, ରାଷ୍ଟ୍ର ଗଠନରେ କ୍ରୀଡା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଉଦାହରଣ ସ୍ୱରୂପ, ଗ୍ରୀସରେ ପ୍ରାଚୀନ ଅଲିମ୍ପିକ୍ସ ବିଭିନ୍ନ ସହର-ରାଜ୍ୟର ଆଥଲେଟ୍ମାନଙ୍କୁ ଏକାଠି କରି ଏକତା ଏବଂ ଅଂଶୀଦାର ପରିଚୟ ଭାବନା ସୃଷ୍ଟି କରିଥିଲା। ସେହିଭଳି, ଆଧୁନିକ ଅଲିମ୍ପିକ୍ ଗେମ୍ସରେ କ୍ରୀଡାର ଅନ୍ତର୍ଭୁକ୍ତି ଏକ ବିଶ୍ୱସ୍ତରୀୟ ମଞ୍ଚରେ ରାଷ୍ଟ୍ରମାନଙ୍କୁ ଏକାଠି କରିବାର କ୍ଷମତାର ପ୍ରମାଣ। ନିକଟ ଅତୀତରେ, ୧୯୯୫ ରଗବି ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ବିଜୟ ପୋଷ୍ଟ-ଆପାର୍ଟହାଇଡ୍ ଯୁଗରେ ଏକତା ଏବଂ ସମନ୍ୱୟର ପ୍ରତୀକ ପାଲଟିଥିଲା। କ୍ରୀଡା ଭିତ୍ତିଭୂମିରେ ବିନିଯୋଗ କେବଳ ଏକ ରାଷ୍ଟ୍ରର କ୍ରୀଡା କ୍ଷମତାକୁ ବଢାଇ ନଥାଏ, ବରଂ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ମଧ୍ୟ ଆଣିଥାଏ। ଷ୍ଟାଡିୟମ୍, କ୍ରୀଡା ପରିସର, ଏବଂ ତାଲିମ ସୁବିଧା ନିର୍ମାଣ ନିଯୁକ୍ତି ସୁଯୋଗ ସୃଷ୍ଟି କରେ ଏବଂ ସ୍ଥାନୀୟ ଅର୍ଥନୀତିକୁ ଉତ୍ସାହିତ କରେ। ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଏବଂ ଚାମ୍ପିଅନସିପ୍ ଭଳି କ୍ରୀଡା କାର୍ଯ୍ୟକ୍ରମ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ, ଯାହା ଆତିଥ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିଥାଏ।

# ଭାରତ ୩୦ ଦିନ ଯାଏଁ କିଣିପାରିବ ରୁଷ୍ ତେଲ

ନୂଆଦିଲ୍ଲୀ,୦୬/୦୩; ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଥମିବାର ନାଁ ନେଉନାହିଁ । ଦିନକୁ ଦିନ ଉଗ୍ର ହେଉଛି ଇରାନ ଏବଂ ଇସ୍ରାଏଲ-ଆମେରିକା ଲଢେଇ । ଇସ୍ରାଏଲ ଏବଂ ଆମେରିକାର ମିଳିତ ଆକ୍ରମଣ ପରେ ଇରାନ ରକ୍ତମୁଖା ହୋଇଛି । ପ୍ରତିଶୋଧ ନେଇ ଇସ୍ରାଏଲ ଏବଂ ଆମେରିକା ଉପରେ ଆକ୍ରମଣ କରୁଛି ଇରାନ । ଯୁଦ୍ଧର ପ୍ରଭାବ ବୈଶ୍ୱିକ ଅର୍ଥନୀତି ଉପରେ ପଡିଛି । ଷ୍ଟ୍ରେଟ୍ ଅଫ୍ ହୋର୍ ବନ୍ଦ ଥିବାରୁ ବିଭିନ୍ନ ଦେଶକୁ ତୈଳ ପରିବହନ ହୋଇପାରୁ ନାହିଁ । ଏପରିକି ଗଲ୍ଫ ଦେଶରେ ଯୁଦ୍ଧର ମାହୋଲ ଥିବାରୁ ବିଭିନ୍ନ ତୈଳ ରିଫାଇନରୀ ବନ୍ଦ ରହିଛି । ଏହାରି ଭିତରେ ଭାରତକୁ ବଡ ରିହାତି ଦେଇଛି ଆମେରିକା । ଋଷ ତୈଳ କିଣିବା ପାଇଁ ଆମେରିକା ପ୍ରଶାସନ ଭାରତକୁ କହିଛି । ଇରାନ ଯୁଦ୍ଧ ଯୋଗୁଁ ହୋଇଥିବା ତୈଳ ସଂକଟ ମଧ୍ୟରେ ଆମେରିକା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ରୁଷରୁ ୩୦ ଦିନ ପାଇଁ ଭାରତକୁ ତେଲ ବିକ୍ରି କରିବାକୁ ଅସ୍ଥାୟୀ ଛାଡ ପ୍ରଦାନ କରିଛି । ଏହା ମାସ ମାସ ଧରି ସମୁଦ୍ରରେ ଫସି ରହିଥିବା ରୁଷୀୟ ତୈଳ ଜାହଜ ଏବଂ ଭାରକୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରିବ । ଇରାନ ଯୁଦ୍ଧ ମଧ୍ୟରେ ବିଶ୍ୱ ତୈଳ ବଜାର ଉପରେ ଚାପ କମ କରିବାକୁ ଆମେରିକା ଭାରତକୁ ଫସି ରହିଥିବା ରୁଷୀୟ ତୈଳ ବିକ୍ରୟ କରିବାକୁ ଅନୁମତି ଦେଇଥିବା ରିପୋର୍ଟ ମିଳିଛି । ଏହା ଏକ ଅସ୍ଥାୟୀ ୩୦ ଦିନର ଛାଡ ରହିଛି । ରିପୋର୍ଟ ଅନୁସାରେ, ଯୁଦ୍ଧ ଆରମ୍ଭ ହେବା ପରେ ଭାରତର ଗଚ୍ଛିତ ତୈଳକୁ ନେଇ ଆଶା ଏବଂ ଆଶଙ୍କା ଦେଖାଦେଇଥିଲା । ଦେଶରେ ମାତ୍ର ୫୬ ଦିନର ଅଶୋଧିତ ଏବଂ ଶୁଦ୍ଧ ତୈଳ ଥିବା ନେଇ ଜଣା ପଡିଥିଲା । ଯାହା ପରେ ଚିନ୍ତା ବଢିଥିଲା । ଯୁଦ୍ଧ ପାଇଁ ପେଟ୍ରୋଲ-ଡିଜେଲ ଆମାଦାନୀ ପ୍ରଭାବିତ ହୋଇଥିଲା । ଏବେ ଭାରତ ଋଷଠୁ ୩୦ ଦିନ ଯାଏଁ ତୈଳ ଆମଦାନୀ କରିପାରିବ । ଫଳରେ ସମୁଦ୍ରରେ ଅଟକିଥିବା ଅନେକ ଋଷ ତୈଳ ଜାହାଜଙ୍କୁ ଆଶ୍ୱସ୍ତି ମିଳିବ । କୁହାଯାଉଛି ଯେ, ଆମେରିକା-ଇରାନ ଯୁଦ୍ଧରେ ବୈଶ୍ୱିକ ବଜାରରେ ଚାପ ସୃଷ୍ଟି ହେଉଛି । ଏହି ଚାପ କମ୍ କରିବାକୁ ସମୁଦ୍ରରେ ଅଟକି ଥିବା ଶହ ଶହ ଋଷ ତୈଳ ଜାହାଜ ଭାରତକୁ ତୈଳ ବିକ୍ରି କରିପାରିବେ । ୩୦ ଦିନ ପାଇଁ ଏହି ଆଶ୍ୱସ୍ତି ପ୍ରଦାନ କରାଯାଇଛି । ରୟଟର୍ସ ଅନୁସାରେ. ଆମେରିକାର ଦୁଇ ଜଣ ବରିଷ୍ଠ ଅଧିକାରୀ ଋଷ ଉପରେ ଲାଗିଥିବା କଟକଣାକୁ ସାମୟିକ ସମୟ ପାଇଁ ହଟାଇ ଦେଇଛନ୍ତି । ସମୁଦ୍ରରେ ଫସିଥିବା ଋଷ ତୈଳ ସିପମେଣ୍ଟ ଆଗକୁ ବଢିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ରିପୋର୍ଟ କରାଯାଇଥିଲା ଯେ ଭାରତୀୟ ରାଷ୍ଟ୍ରାୟତ୍ତ ତୈଳ ବିଶୋଧନାଗାରଗୁଡ଼ିକ ବ୍ୟବସାୟୀମାନଙ୍କ ଠାରୁ ପ୍ରାୟ ୨୦ ନିୟୁତ ବ୍ୟାରେଲ ରୁଷୀୟ ତୈଳ କିଣି ସାରିଛନ୍ତି । ସୂଚନାଯୋଗ୍ୟ, ଋଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେଲା ପରେ ବିଭିନ୍ନ ଦେଶକୁ ଋଷଠୁ ତେଲ ନ କିଣିବାକୁ କହିଥିଲା । ଏହାସହ କଟକଣା ମଧ୍ୟ ଲଗାଇଥିଲା । କିନ୍ତୁ ଭାରତ ଋଷଠୁ ତୈଳ କିଣିବା ଜାରି ରଖିଥିଲା । ତେଲ କାହାଠୁ କିଣା ହେବ ଏହା ଭାରତର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ନୂଆଦିଲ୍ଲୀ ସଙ୍କେତ ଦେଇଥିଲା ।



## ବିନା ଟିକେଟ୍‌ରେ ଯାତ୍ରା କରୁଥିଲେ ହୋଇପାରେ ୬ ମାସ ଜେଲ୍

ନୂଆଦିଲ୍ଲୀ, ୬/୩ : ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଟ୍ରେନରେ ଯାତ୍ରା କରନ୍ତି । ରେଲୱେକୁ ସାଧାରଣ ଲୋକଙ୍କ ପାଇଁ ସବୁଠୁ ବଡ଼ ଟ୍ରାନ୍ସପୋର୍ଟ ନେଟୱର୍କ ଭାବେ ମନେକରାଯାଏ । କିନ୍ତୁ ଅନେକ ଥର କିଛି ଯାତ୍ରୀ ଟ୍ରେନରେ ବିନା ଟିକେଟ୍‌ରେ ଯାତ୍ରା କରିବାକୁ ଚେଷ୍ଟା କରିଥାନ୍ତି, ଯାହା କେବଳ ଏକ ଭୁଲ ନୁହେଁ , ଏହାସହ ଆଇନଗତ ଅପରାଧ ମଧ୍ୟ । ସମ୍ପ୍ରତି ରେଲୱେ , ଯାତ୍ରୀମାନଙ୍କୁ ସଚେତନ କରାଇବା ପାଇଁ ଏକ ପ୍ରମୁଖ ମେସେଜ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାରି କରିଛି । ରେଲୱେ ସ୍ପଷ୍ଟ ଭାବେ କହିଛି ଯେ, ବିନା କୌଣସି ବୈଧ ଟିକେଟ୍ କିମ୍ବା ପାସ୍‌ରେ ଟ୍ରେନ୍‌ରେ ଯାତ୍ରା କରିବା ଆଇନ ବିରୁଦ୍ଧ । ରେଲୱେ ଆକ୍ଟର ଧାରା ୧୩୭ ଅନୁସାରେ ଏମିତି କରୁଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହୋଇ ପାରେ । ଏଥିରେ ଜୋରିମନା ଲାଗିବା ସହ ଜେଲ୍ ଦଣ୍ଡ ହୋଇ ପାରେ ।

### ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ...

## ଚିନ୍ତା ପ୍ରକଟ କଲେ ରାଜନାଥ



ନୂଆଦିଲ୍ଲୀ,୬।୩: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଚିନ୍ତା ପ୍ରକଟ କରିଛନ୍ତି । ଯୁଦ୍ଧ ପାଇଁ ଦେଶରେ ଅର୍ଥନୈତିକ ପ୍ରଭାବ ପଡ଼ିବା ନେଇ ଚେତାବନୀ ଦେଇଛନ୍ତି । ପର୍ସିଆନ ଗଲ୍ଫ ଅଞ୍ଚଳ ବିଶ୍ୱର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଅଞ୍ଚଳରେ ବ୍ୟାଘାତ ହେଲେ ତେଲ ଓ ଗ୍ୟାସ ଯୋଗାଣରେ ପ୍ରଭାବ ପଡ଼ିବ । ଯାହା ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଛନ୍ତି । ଇସ୍ଲାମିକ ସାଧାରଣତନ୍ତ୍ର ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ୍‌ର ଘମାଘୋଟ ଯୁଦ୍ଧ ଦିନକୁ ଦିନ ପରିସ୍ଥିତିକୁ ଜଟିଳ କରୁଛି । ଯୁଦ୍ଧ ଜାରି ରହିଲେ ଭବିଷ୍ୟତରେ ଏହା ଆହୁରି ପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀମାନେ ମଧ୍ୟ ମତ ପ୍ରକାଶ କରିଛନ୍ତି । ଏପରିକି ଯୁଦ୍ଧ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ଅନ୍ୟ ଭୂଖଣ୍ଡକୁ ବ୍ୟାପିବା ଆରମ୍ଭ ହୋଇଛି । ବୁଧବାର ଭାରତୀୟମାନେ ହୋଲି ଖେଳିବାରେ ବ୍ୟସ୍ତ ଥିବାବେଳେ ଭାରତ ମହାସାଗରରେ ଆମେରିକା ନୌସେନା ପକ୍ଷରୁ ଇରାନ୍‌ର ଏକ ଯୁଦ୍ଧଜାହାଜକୁ ଆକ୍ରମଣ କରାଯାଇଛି । ଆମେରିକାର ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନୀୟ ଯୁଦ୍ଧଜାହାଜ ଆଇଆରଆଇଏସ ଡେନାକୁ ଟାର୍ଗେଟ କରି ବୁଡ଼ାଇଦେବାରେ ସକ୍ଷମ ହୋଇଛି । ଏହି ଘଟଣାକ୍ରମ ପରେ ଯୁଦ୍ଧର କ୍ରମବର୍ଦ୍ଧିଷ୍ଣୁ ପରିସୀମା ଓ ପ୍ରଭାବ ଭାରତ ପାଇଁ ଚିନ୍ତାର କାରଣ ହୋଇଛି । ଏହାକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି । ଭାରତ ନିଜ ପଡ଼ୋଶୀ ଦେଶଗୁଡ଼ିକ ଉପରେ ନିୟନ୍ତ୍ରଣ ହରାଇଥିବା ବିରୋଧୀ ପକ୍ଷରୁ ଅଭିଯୋଗ କରାଯାଇଛି ।

# ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ

## 'ଶାନ୍ତି ପାଇଁ ପ୍ରସ୍ତୁତ, ହେଲେ ସାର୍ବଭୌମତ୍ୱ ଉପରେ ବୁଝାମଣା ନୁହେଁ': ଇରାନ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୬/୩: ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ସଂଘର୍ଷକୁ ଆଜି (ଶୁକ୍ରବାର) ସପ୍ତମ ଦିନ । ଏହି ଆକ୍ରମଣରେ ୧୨୦୦ ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି ଏବଂ ହଜାର ହଜାର ଲୋକ ଆହତ ହୋଇସାରିଲେଣି । ଇସ୍ରାଏଲ ବୋମା ବିସ୍ଫୋରଣ କରି ଇରାନର ଅନେକ ସହରକୁ ଧ୍ୱଂସ କରିଦେଇଛି । ସାତ ଦିନ ଧରି ଉଭୟ ଦେଶ ମଧ୍ୟରେ ବିମାନ ଆକ୍ରମଣ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି । ଏହି ସମୟରେ, ଇରାନ ରାଷ୍ଟ୍ରପତି ପେଜେଶ କିୟାନ ଏକ ବଡ ବୟାନ ଜାରି କରିଛନ୍ତି । ଇରାନ ରାଷ୍ଟ୍ରପତି ପେଜେଶ କିୟାନ ଟ୍ୱିଟ୍ କରି କହିଛନ୍ତି କି,'କିଛି ଦେଶ ମଧ୍ୟସ୍ଥତା କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ଆମେ ସ୍ପଷ୍ଟ କରି ଦେଉଛୁ କି, ଆମେ ଏହି ଅଞ୍ଚଳରେ ସର୍ବଦା ଶାନ୍ତି ବଜାୟ ରଖିବା ପାଇଁ ପ୍ରତିବଦ୍ଧ, ତଥାପି ଆମ ଦେଶର ସମ୍ମାନ ଏବଂ ସ୍ୱାଧୀନତାକୁ ରକ୍ଷା କରିବାରେ ଆମେ ପଛକୁ ଘୁଞ୍ଚିବୁ ନାହିଁ । ମଧ୍ୟସ୍ଥତା ସେମାନଙ୍କ ବିରୁଦ୍ଧରେ ହେବା ଉଚିତ ଯେଉଁ ମାନେ ଇରାନ ଲୋକଙ୍କୁ କମ୍ ଆକଳନ କରିଥିଲେ ଏବଂ ଏହି ସଂଘର୍ଷକୁ ଉସୁକାଇଥିଲେ ।' ଏହି ସମୟରେ ପୂର୍ବରୁ,ଗୁରୁବାର ଆମେରିକାର ପ୍ରତିନିଧି ସଭା ଇରାନ ଉପରେ ଆକ୍ରମଣ ରୋକିବା ପାଇଁ ଏକ ଯୁଦ୍ଧ କ୍ଷମତା ପ୍ରସ୍ତାବକୁ ସଂକ୍ଷିପ୍ତ ଭାବରେ ପ୍ରତ୍ୟାଖ୍ୟାନ କରିଥିଲା । ଏହି ମତ ପାର୍ଥକ୍ୟକୁ ସଂସଦ ଭିତରେ ବଢୁଥିବା ଅଶାନ୍ତିର ପ୍ରାରମ୍ଭିକ ସଙ୍କେତ ଭାବରେ ଦେଖାଯାଉଛି, କାରଣ ଏହି ଯୁଦ୍ଧର ଦ୍ରୁତ ବିସ୍ତାରିତ ପରିସର ଆମେରିକାର ଘରୋଇ ଏବଂ ବିଶ୍ୱ ପ୍ରାଥମିକତାକୁ ପରିବର୍ତ୍ତନ କରୁଛି । ସାମ୍ପ୍ରତିକ ଦିନ ମଧ୍ୟରେ ଏହା ଦ୍ୱିତୀୟ ବିଫଳ ପ୍ରସ୍ତାବ । ପୂର୍ବରୁ ସେନେଟ୍ ସମାନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା ।



## କ୍ରୁଜ୍ କ୍ଷେପଣାସ୍ତ୍ରକୁ ଅଟକାଇ ନଷ୍ଟ କରିଛି ସାଉଦି ଆରବ



ନୂଆଦିଲ୍ଲୀ,୬।୩: ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ ଏହା କେନ୍ଦ୍ରୀୟ ଅଲ-ଖାର୍ଜ ଅଞ୍ଚଳ ନିକଟରେ ଏକ କ୍ରୁଜ୍ କ୍ଷେପଣାସ୍ତ୍ରକୁ ଅଟକାଇ ନଷ୍ଟ କରିଛି । 'ଅଲ-ଖାର୍ଜ ଗଭର୍ଣ୍ଣମେଣ୍ଟର ପୂର୍ବରେ ଏକ କ୍ରୁଜ୍ କ୍ଷେପଣାସ୍ତ୍ରକୁ ଅଟକାଇ ନଷ୍ଟ କରାଯାଇଥିଲା,' ମନ୍ତ୍ରଣାଳୟ ଏକ୍ସ ରେ ଏକ ପୋଷ୍ଟରେ ଏହା କହିଛି । ଶୁକ୍ରବାର ପୂର୍ବ ତେହେରାନରେ ଦୁଇଟି ଜୋରଦାର ବିସ୍ଫୋରଣ ଶୁଣାଯାଇଥିଲା, ଏକ ସମ୍ବାଦ ସରବରାହ ସଂସ୍ଥାର ସାମ୍ବାଦିକମାନେ କହିଛନ୍ତି, ଇରାନ ରାଜଧାନୀର ଏକ ଅଞ୍ଚଳରେ ଯାହା ପ୍ରାୟତଃ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଏହାର ଅଭିଯାନରେ ପ୍ରଭାବିତ ହୋଇଛି ।ଜଣେ ସାମ୍ବାଦିକ ସ୍ଥାନୀୟ ସମୟ ପ୍ରାୟ ସନ୍ଧ୍ୟା ୬:୦୦ ଟାରେ ଦୁଇଟି ବିସ୍ଫୋରଣ ଶୁଣିଥିଲେ ଏବଂ ସହରର ପୂର୍ବରେ ଆକାଶରୁ ଦୁଇଟି ବଡ଼ କଳା ଧୂଆଁର ମେଘ ଉଡୁଥିବାର ଦେଖିଥିଲେ । କ'ଣ ଟାର୍ଗେଟ କରାଯାଇଥିଲା ତାହା ତୁରନ୍ତ ସ୍ପଷ୍ଟ ହୋଇନଥିଲା ।

## ରିଲାଏନ୍ସ ପାୱାର ଉପରେ ଇଡିର ଚଢ଼ଉ

ମୁମ୍ବାଇ, ୬/୩: ଶିଳ୍ପପତି ଅନିଲ ଅମ୍ବାନୀଙ୍କ କମ୍ପାନି ରିଲାଏନ୍ସ ପାୱାରର ହାଇଦ୍ରାବାଦ ଓ ମୁମ୍ବାଇର ବିଭିନ୍ନ ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ଉ କରାଯାଇଛି । ବୈଦେଶିକ ମୁଦ୍ରା ପରିଚାଳନା ଆଇନ (ଫିଏମ୍‌ଏଲ୍‌ଏ) ଅଧୀନରେ ଅନିଲଙ୍କ ବିରୋଧରେ ଚାଲିଥିବା ତଦନ୍ତର ଅଂଶ ସ୍ୱରୂପ ଏହି ଚଢ଼ଉ ହୋଇଛି । ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରିଲାଏନ୍ସ ପାୱାର ଓ ଏହାର ଅଧିକାରୀମାନଙ୍କ ସହ ଜଡ଼ିତ ୧୦-୧୨ଟି ସ୍ଥାନରେ ଚଢ଼ଉ ଚାଲିଛି । ଇଡିର ୧୫ଟି ଦଳ ଏହି ଚଢ଼ଉରେ ସାମିଲ ହୋଇଛନ୍ତି । ଅନିଲଙ୍କ ବିରୋଧରେ ବ୍ୟାଙ୍କ ଋଣ ଠକେଇ, ଆର୍ଥିକ ଅନିୟମିତତା ଓ ଜାଲିଆତି ଅଭିଯୋଗ ରହିଛି । ସେଥିପାଇଁ ତାଙ୍କ ସହ ଜଡ଼ିତ କମ୍ପାନିଗୁଡ଼ିକର ତଦନ୍ତ କରାଯାଉଛି । କିଛି ଦିନ ପୂର୍ବେ ଅନିଲ ବ୍ୟକ୍ତିଗତ ଭାବେ ଇଡିରେ ହାଜର ହୋଇଥିଲେ । ତାଙ୍କ ମୁମ୍ବାଇସ୍ଥିତ ବିଶାଳ ଘରକୁ ମଧ୍ୟ ଇଡି ଜବତ କରିଛି । ତଦନ୍ତ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ଅନିଲଙ୍କ ୧୫ ହଜାର କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଜବତ କରାଯାଇସାରିଲାଣି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନିଲଙ୍କ ବିରୋଧରେ ଆସିଥିବା ମାମଲାଗୁଡ଼ିକର ତଦନ୍ତ କରିବା ପାଇଁ ଇଡି ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ଗଠନ କରିଛି । ଆର୍ଥିକ ଅନିୟମିତତାକୁ ନେଇ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି) ବିରୋଧରେ ଇଡି ପକ୍ଷରୁ ତିନିଟି ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଛି ।

## ୧୬ ବର୍ଷ ତଳର ପିଲାଙ୍କୁ ସାମାଜିକ ଗଣମାଧ୍ୟମ ମନା



ବେଙ୍ଗାଲୁର, ୬/୩: କର୍ଣ୍ଣାଟକ ସରକାର ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବାକୁ ଯାଉଛନ୍ତି । ଛୋଟ ପିଲାଙ୍କ ମଧ୍ୟରେ ସ୍ମାର୍ଟଫୋନ ବ୍ୟବହାର ବୃଦ୍ଧି, ଅନଲାଇନ ନିରାପତ୍ତା ଓ ଅଧିକ ସମୟ ଫୋନରେ ସମୟ ଦେବା ଉପରେ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିଛନ୍ତି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ୨୦୨୬-୨୭ ରାଜ୍ୟ ବଜେଟ୍ ଉପସ୍ଥାପନ କରିବା ଅବସରରେ ଶୁକ୍ରବାର ଏହି ଘୋଷଣା କରିଛନ୍ତି । କର୍ଣ୍ଣାଟକ ସରକାର ଏପରି ପଦକ୍ଷେପ ନେବାରେ ପ୍ରଥମ ରାଜ୍ୟ ହେବ । ଏହାପୂର୍ବରୁ ଆନ୍ଧ୍ର ପ୍ରଦେଶ ଓ ଗୋଆ ସରକାର ମଧ୍ୟ ଛୋଟ ପିଲାଙ୍କ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ କଟକଣା ଲଗାଇବା ଉପରେ ଚିନ୍ତା କରୁଥିଲେ । କର୍ଣ୍ଣାଟକ ସରକାର ଏନେଇ ଅନେକ ଦିନ ହେଲା ଚିନ୍ତା କରି ଆସୁଥିଲେ । ରାଜ୍ୟ ଆଇଟି ଓ ବାୟୋଟେକ୍ନଲୋଜି ମନ୍ତ୍ରୀ ପ୍ରିୟଙ୍କ ଖଡ଼ଗେ ପୂର୍ବରୁ ମଧ୍ୟ ଏ ସମ୍ପର୍କରେ ଘୋଷଣା କରିଥିଲେ ।

### କତାରର ଚେତାବନୀ...

## ୧୫୦ ଡଲାର ଟପିବ ତେଲ

ନୂଆଦିଲ୍ଲୀ, ୬/୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଜାରି ରହିଲେ ଅଶୋଧିତ ତୈଳ ବଜାରରେ ନିଆଁ ଲାଗିଯିବ । ତେଲର ବ୍ୟାରେଲ ପିଛା ଦାମ୍ ୧୫୦ ଡଲାରରୁ ଅଧିକ ହୋଇଯିବ ବୋଲି କତାର ଚେତାବନୀ ଦେଇଛି । କତାରର ଶକ୍ତିମନ୍ତ୍ରୀ ସାଦ ଅଲ-କାବି କହିଛନ୍ତି ଯେ ଯୁଦ୍ଧ ଲାଗିରହିଲେ ତେଲ ଉତ୍ପାଦନ ବନ୍ଦ କରିବାକୁ ଦେଶଗୁଡ଼ିକ ବାଧ୍ୟ ହେବ । ତାହା ସାରା ବିଶ୍ୱ ପାଇଁ ଏକ ଶକ୍ତ ଧକ୍କା ହେବ । ଏହାର ପ୍ରଭାବରେ ତେଲ ମହଙ୍ଗା ହେବା ଆଶଙ୍କା ରହିଛି । ସେ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ସମ୍ପର୍କରେ କହିଛନ୍ତି ଯେ ଯଦି ଏହି ପଥ ଦେଇ ସାମୁଦ୍ରିକ ପରିବହନ ବାଧାପ୍ରାପ୍ତ ହେବ ତେବେ ଦୁଇରୁ ତିନି ସପ୍ତାହ ଭିତରେ ଅଶୋଧିତ ତୈଳ ମୂଲ୍ୟ ୧୫୦ ଡଲାର ଅତିକ୍ରମ କରିବ । ଯୁଦ୍ଧ ବନ୍ଦ ନ ହେଲେ ମଧ୍ୟପ୍ରାଚ୍ୟର ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଫୋର୍ସ ମାଜିୟୁର ଘୋଷଣା କରିବେ ଓ ତେଲ ଯୋଗାଣ ସ୍ଥଗିତ ରଖିବାକୁ ବାଧ୍ୟ ହେବେ । ତୈଳ ଦର ବଢ଼ିଲେ ତାହା ବିଶ୍ୱ ଅର୍ଥନୀତିକୁ ତଳକୁ ଟାଣିବ । ସାରା ବିଶ୍ୱର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ପ୍ରଭାବିତ ହେବ । ଉପସାଗରୀୟ ଦେଶଗୁଡ଼ିକ ପେଟ୍ରୋକେମିକାଲ୍ ଓ ସାରରେ ବ୍ୟବହାର କରାଯାଉଥିବା ଉପାଦାନ ବିପୁଳ ପରିମାଣରେ ଯୋଗାଇଥାନ୍ତି । ଯଦି ସେହି ସବୁ ସାମଗ୍ରୀ ଅନ୍ୟ ଦେଶରେ ପହଞ୍ଚିବାରେ ଅସୁବିଧା ହେବ ତେବେ ବିଶ୍ୱବ୍ୟାପୀ କାରଖାନାଗୁଡ଼ିକରେ ଉତ୍ପାଦନ କମିଯିବ । ନିକଟରେ ଇରାନର ଡ୍ରୋନ ଆକ୍ରମଣ ପରେ କତର ଏହାର ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି)ର ସର୍ବବୃହତ୍ କାରଖାନା ରାସ୍ ଲାଫାନକୁ ବନ୍ଦ କରିଦେଇଛି । କତାର ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଉତ୍ପାଦନକାରୀ ଦେଶ । ଇରାନ ଆକ୍ରମଣ ଦ୍ୱାରା କେତେ କ୍ଷତି ହୋଇଛି ତାହାକୁ ବର୍ତ୍ତମାନ ଆକଳନ କରାଯାଉଛି । ମରାମତି ପାଇଁ କେତେ ସମୟ ଲାଗି ତାହା ମଧ୍ୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବାକାବି କହିଛନ୍ତି । ଯଦି କୌଣସି ସମୟରେ ଯୁଦ୍ଧ ବନ୍ଦ ହୋଇଯାଏ ତେବେବି ଯୋଗାଣ ସ୍ୱାଭାବିକ ହେବା ଲାଗି ଏକ ମାସରୁ ଅଧିକ ସମୟ ଲାଗିଯିବ ବୋଲି ସେ କହିଛନ୍ତି । ବିଶ୍ୱର ଏକ ପଞ୍ଚମାଂଶ ତୈଳ ଓ ଗ୍ୟାସ୍ ହରମୁଜ୍ ପ୍ରଣାଳୀ ଦେଇ ପରିବହନ ହୋଇଥାଏ । ଏହା ହେଉଛି ଏକ ସଂକୀର୍ଣ୍ଣ ସାମୁଦ୍ରିକ ପଥ ଯାହା ପାରସ୍ୟ ଉପସାଗରକୁ ଅନ୍ତର୍ଜାତୀୟ ଜାହାଜ ଜଳପଥ ସହ ଯୋଡୁଛି । କାବି ଏହା ମଧ୍ୟ ଚେତାଇ ଦେଇଛନ୍ତି ଯେ ଯୁଦ୍ଧ ପ୍ରଭାବରେ ପ୍ରାକୃତିକ ଗ୍ୟାସ୍ ବି ମହଙ୍ଗା ହେବ ।

## ଆମେରିକା ପାଇଁ ମହଙ୍ଗା ପଡୁଛି ଇରାନ ସହ ମହାସମର

ୱାସିଂଟନ୍, ୬/୩: ମାର୍ଚ୍ଚ ୬ତାରିଖ ଶୁକ୍ରବାର ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧକୁ ସପ୍ତାହେ ପୁରିଛି । ଏହି ମହାଯୁଦ୍ଧରେ ଆମେରିକୀୟ 'ଥିଙ୍କ ଟ୍ୟାଙ୍କ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଇଣ୍ଟରନ୍ୟାସନାଲ୍ ଷ୍ଟଡିଜ୍' (ସିଏସଆଇଏସ) ଏହି ବ୍ୟୟବହୁଳ ଯୁଦ୍ଧକୁ ନେଇ ଏକ ବିଶ୍ଳେଷଣ କରିଛି । ଏହି ଆକଳନ ୱାଶିଂଟନ୍ ସ୍ଥିତ 'ସିଏସଆଇଏସ୍'ର ବିଶେଷଜ୍ଞ ମାର୍କ କାନସିଆନ୍ ଓ କ୍ରିସ୍ ପାର୍କଙ୍କ ଦ୍ୱାରା କରାଯାଇଥିବାବେଳେ ରିପୋର୍ଟ କହିଛି, ପ୍ରଥମ ୧୦୦ ଘଣ୍ଟାର ଯୁଦ୍ଧରେ ଆମେରିକାକୁ ପ୍ରାୟ ୩.୭ ବିଲିୟନ ଡଲାର ଅର୍ଥାତ ପ୍ରାୟ ୩୧ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଛି । ସେହି ହିସାବରେ ପ୍ରତିଦିନ ହାରାହାରି ଖର୍ଚ୍ଚ ପ୍ରାୟ ୮୯୧ ମିଲିୟନ୍ ଡଲାର, ଅର୍ଥାତ ପ୍ରାୟ ୯୦କୋଟି ଡଲାର ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି । ବିଶେଷଜ୍ଞମାନେ କହିଛନ୍ତି ଯେ ମହଙ୍ଗା ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ଓ ବୋମା ବ୍ୟବହାର ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବାଧିକ ଖର୍ଚ୍ଚ ହୋଇଛି । ଥିଙ୍କ ଟ୍ୟାଙ୍କରିପୋର୍ଟରେ କୁହାଯାଇଛି ଯେ ପାଟ୍ରିଅଟ୍ ଭଳି ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ସିଷ୍ଟମ ପାଇଁ ୧.୭ ବିଲିୟନ ଡଲାର ଖର୍ଚ୍ଚ ହୋଇଛି, ଯେତେବେଳେ କି କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଆକ୍ରମଣାତ୍ମକ ଅସ୍ତ୍ର ପାଇଁ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି । ଏହା ବ୍ୟତିତ ଲଢୁଆ ବିମାନ ଓ ବିମାନ ପରିଚାଳନା ପାଇଁ ୧୨୫ ମିଲିୟନ ଡଲାର ଖର୍ଚ୍ଚ ହୋଇଛି । ରିପୋର୍ଟରେ ଆକଳନ କରାଯାଇଛି ଯେ ଯୁଦ୍ଧର ପ୍ରଥମ ୧୦୦ ଘଣ୍ଟା ମଧ୍ୟରେ ଆମେରିକା ୨୦୦୦ରୁ ଅଧିକ ପ୍ରକାରର ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ର ବ୍ୟବହାର କରିଛି । କେବଳ ଏହି ଅସ୍ତ୍ରଶସ୍ତ୍ରର ଷ୍ଟକକୁ ପୂରଣ କରିବା ପାଇଁ ପ୍ରାୟ ୩.୧ ବିଲିୟନ ଡଲାର ଖର୍ଚ୍ଚ ହୋଇପାରେ ।

## କ୍ଷେପଣାସ୍ତ୍ର ଆକ୍ରମଣ: ଦୁବାଇବାସୀଙ୍କୁ ସତର୍କ ସୂଚନା

ଦୁବାଇ, ୬/୩: ସପ୍ତାହେ ହେଲା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଲାଗିରହିଛି । ଆମେରିକା-ଇରାନ-ଇସ୍ରାଏଲ ଯୁଦ୍ଧର ତାତି ଅନ୍ୟ ଦେଶକୁ ବ୍ୟାପିଛି । ଏଭଳି ପରିସ୍ଥିତିରେ ଦୁବାଇବାସୀଙ୍କୁ ଶୁକ୍ରବାର ସମ୍ଭାବ୍ୟ କ୍ଷେପଣାସ୍ତ୍ର ଆକ୍ରମଣ ନେଇ ସେମାନଙ୍କ ମୋବାଇଲ ଫୋନରେ ସତର୍କ ସୂଚନା ମିଳିଛି । ବାସିନ୍ଦାଙ୍କୁ ଘର ବାହାରକୁ ନ ଯିବାକୁ ଓ ଖୋଲା ସ୍ଥାନକୁ ଏଡ଼ାଇବାକୁ ଚେତାବନୀ ଦିଆଯିବା ସହ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଓ ସତର୍କତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ଦୁବାଇର ଜଣେ ବାସିନ୍ଦା କହିଛନ୍ତି, ଆମେ ଫୋନରେ ଚାରିଟି ସତର୍କତା ମେସେଜ ପାଇଲୁ । ଯେ କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ ଆମେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିଛୁ ଏବଂ ପାସପୋର୍ଟ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସହିତ ଏକ ବ୍ୟାଗ୍ ପ୍ରସ୍ତୁତ ରଖିଛୁ । ଆମେରିକା ଆକ୍ରମଣ ପରେ ଉପସାଗରୀୟ ଦେଶଗୁଡିକ ଉପରେ ଇରାନର ଆକ୍ରମଣ ପରଠାରୁ ମଧ୍ୟପ୍ରାଚ୍ୟରେ ବିମାନଯାତ୍ରା ଗୁରୁତର ଭାବରେ ବ୍ୟାହତ ହୋଇଛି ।

## ଯୁଦ୍ଧ ପ୍ରଭାବ: ସାର ସଂକଟ ଆଶଙ୍କା

ନୂଆଦିଲ୍ଲୀ, ୬/୩: ଇରାନ୍-ଆମେରିକା ଯୁଦ୍ଧ ଫଳରେ ସାରା ବିଶ୍ୱରେ ସାର ଯୋଗାଣ ବାଧାପ୍ରାପ୍ତ ହୋଇଛି । ଅଧିକ ଦିନ ଯୁଦ୍ଧ ଲାଗି ରହିଲେ ଭାରତରେ ଖରିଫ ଋତୁରେ ସାର ଯୋଗାଣ ଗୁରୁତର ଭାବେ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି । ବିଶେଷକରି ପଶ୍ଚିମ ଏସିଆର ବିଭିନ୍ନ ଅଞ୍ଚଳରୁ ସାର ଭାରତକୁ ଆସିଥାଏ । କିନ୍ତୁ ସେଠାରେ ଏବେ ଅଧିକାଂଶ ସାର କାରଖାନା ବନ୍ଦ ରହିଛି । ସଂପ୍ରତି ଭାରତରେ ସାରର ଚାହିଦା ଅଧିକ ଥିବା ବେଳେ ସାର ଯୋଗାଣକୁ ନେଇ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି । ଯୁଦ୍ଧ ପାଇଁ ଭାରତୀୟ କେମିକାଲ ଓ ସାର ଶିଳ୍ପ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ସୂଚନାଯୋଗ୍ୟ, ସାର ଓ ପେଟ୍ରୋକେମିକାଲ ଶିଳ୍ପ ପାଇଁ ଅଧିକାଂଶ କଞ୍ଚାମାଲ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଭାରତକୁ ଆସିଥାଏ । ପ୍ରାକୃତିକ ଗ୍ୟାସ୍ ଦର ଉପରେ ଭାରତୀୟ ସାର ଶିଳ୍ପର ଉତ୍ପାଦକତା ନିର୍ଭର କରିଥାଏ । କିନ୍ତୁ ଏବେ ପ୍ରାକୃତିକ ଗ୍ୟାସ୍‌ର ମୂଲ୍ୟ ବିଶ୍ୱ ବଜାରରେ ବୃଦ୍ଧି ପାଇଛି । ତେଣୁ ଯୁଦ୍ଧ ଲମ୍ବା ସମୟ ଜାରି ରହିଲେ ଘରୋଇ ବଜାରରୁ ମଧ୍ୟ ସାର ଯୋଗାଣ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା କରାଯାଉଛି । ଏବେ କ୍ୱାତାରରୁ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ରପ୍ତାନି ହ୍ରାସ କରାଯାଇଥିବାରୁ ଦେଶ ଭିତରେ ଥିବା ସାର କାରଖାନାଗୁଡ଼ିକରେ ୟୁରିଆ ଉତ୍ପାଦନ ହ୍ରାସ ପାଉଛି । ଖରିଫ ଋତୁ ଆରମ୍ଭ ପୂର୍ବରୁ ଯୋଗାଣରେ ଏଭଳି ବ୍ୟାଘାତ ଭାରତୀୟ କୃଷି ଉତ୍ପାଦନକୁ ପ୍ରଭାବିତ କରିବ ।

### ■ ଇରାନ ଯୁଦ୍ଧର ପ୍ରଭାବ, ଫସି ରହିଛି 'ଧଳା ସୁନା' !

# ଭାରତୀୟ ବଜାରରେ କମିବାରେ ଲାଗିଛି ଦାମ୍



ନୂଆଦିଲ୍ଲୀ,୬।୩: ଇସ୍ରାଏଲ-ଇରାନ ଯୁଦ୍ଧର ପ୍ରଭାବ ଏବେ ଭାରତୀୟ ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ବାସୁମତୀ ଚାଉଳ ରପ୍ତାନି ବିଶେଷ ଭାବରେ ଗୁରୁତର ଭାବରେ ପ୍ରଭାବିତ ହୋଇଛି । ମଧ୍ୟପ୍ରାଚ୍ୟ ବଜାରଗୁଡ଼ିକ ପ୍ରାୟ ବନ୍ଦ ହେବା ସ୍ଥିତିରେ, ଦିଲ୍ଲୀର ନୂତନ ବଜାରରୁ ଚାଉଳ ଯୋଗାଣ ବନ୍ଦ ହୋଇଯାଇଛି, ଏବଂ ମୂଲ୍ୟ ହ୍ରାସ ପାଇବା ଆରମ୍ଭ ହୋଇଛି । ଦିଲ୍ଲୀ ଶସ୍ୟ ବ୍ୟବସାୟୀ ସଂଘର ସଭାପତି ନରେଶ ଗୁପ୍ତା କହିଛନ୍ତି ଯେ ମଧ୍ୟପ୍ରାଚ୍ୟ ବଜାର ଗତ କିଛି ଦିନ ଧରି ପ୍ରାୟତଃ ଅଚଳ ହୋଇପଡ଼ିଛି । ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଚାଉଳର ଚାହିଦା ହ୍ରାସ ପାଇଛି, ଏବଂ ବଜାର ଉପରେ ଚାପ ବୃଦ୍ଧି ପାଉଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ କେବଳ ଗତ ଚାରି ଦିନ ମଧ୍ୟରେ ଚାଉଳର ମୂଲ୍ୟ ହ୍ରାସ ପାଇବା ଆରମ୍ଭ ହୋଇଛି । ନରେଶ ଗୁପ୍ତାଙ୍କ ଅନୁଯାୟୀ, ଭାରତୀୟ ବାସୁମତୀ ଚାଉଳ କେବଳ ଇରାନକୁ ନୁହେଁ ବରଂ ଇରାକ, ବାହାରିନ, କୁଏତ ଏବଂ କାତାର ସମେତ ଅନେକ ମଧ୍ୟପ୍ରାଚ୍ୟ ଦେଶକୁ ମଧ୍ୟ ରପ୍ତାନି କରାଯାଏ । ଯୁଦ୍ଧ ଯୋଗୁଁ, ଏହି ଦେଶଗୁଡ଼ିକ ପାଇଁ ଉଦ୍ଦିଷ୍ଟ ପଠାଇବା ରାସ୍ତାରେ ଅଟକି ରହିଛି, ଯାହା ଯୋଗାଣକୁ ଗୁରୁତର ଭାବରେ ବାଧା ସୃଷ୍ଟି କରୁଛି । ଏହି ସମୟରେ, ରାଇସ ଆଗ୍ରୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସଭାପତି ରାଧେଶ୍ୟାମ ଗର୍ଗ କହିଛନ୍ତି ଯେ ଯୁଦ୍ଧ ଆରମ୍ଭ ହେବା ମାତ୍ରେ ମଧ୍ୟପ୍ରାଚ୍ୟ ବଜାର ହ୍ରାସ ପାଇବା ଆରମ୍ଭ କରିଥିଲା । କେବଳ ଗତ ପାଞ୍ଚ ଦିନରେ ବଜାର ପ୍ରାୟ ୧୦ ପ୍ରତିଶତ ହ୍ରାସ ପାଇଛି । ସେମାନେ କୁହନ୍ତି ଯେ ପରିସ୍ଥିତି କେବେ ସ୍ୱାଭାବିକ ହେବ ତାହା ପୂର୍ବାନୁମାନ କରିବା କଷ୍ଟକର । ରାଇସ ଆଗ୍ରୋ ଇଣ୍ଡିଆର ରାହୁଲଙ୍କ ଅନୁଯାୟୀ, ବର୍ତ୍ତମାନ ଭାରତରୁ ପଠାଯାଇଥିବା ପ୍ରାୟ ୪୦୦,୦୦୦ ଟନ ବାସୁମତି ଚାଉଳ ବିଭିନ୍ନ ସ୍ଥାନରେ ଫସି ରହିଛି । କିଛି ସାମୁଦ୍ରିକ ଯାତ୍ରାପଥରେ ଜାହାଜରେ ଫସି ରହିଛି, କିଛି ବନ୍ଦରରେ ଫସି ରହିଛି ଏବଂ ଅନେକ ଅର୍ଡର ଏବେ ବି ଗୋଦାମରେ ଅଛି । ଭାରତର ବାସୁମତି ଚାଉଳର ମୁଖ୍ୟ ଉତ୍ପାଦକ ପଞ୍ଜାବ ଏବଂ ହରିୟାଣାରେ ଅଛନ୍ତି । ଭାରତର ମୋଟ ବାସୁମତି ରପ୍ତାନିର ଏକ ବଡ଼ ଅଂଶ ଉପସାଗରୀୟ ଦେଶମାନଙ୍କରେ ରହିଛି । କେବଳ ଇରାନ ବାସମତି ଚାଉଳ ରପ୍ତାନିର ପ୍ରାୟ ୨୫ ପ୍ରତିଶତ ଅଟେ । ୨୦୨୪-୨୫ ଆର୍ଥିକ ବର୍ଷରେ, ଭାରତ ଇରାନକୁ ପ୍ରାୟ ୬,୩୭୪ କୋଟି ମୂଲ୍ୟର ବାସୁମତି ଚାଉଳ ରପ୍ତାନି କରିଥିଲା । ବାୱାନ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟର ଅଧ୍ୟକ୍ଷ ଦୀପକ ଗୋୟଲ ବ୍ୟାଖ୍ୟା କରିଛନ୍ତି ଯେ ସେମାନେ ଦୁବାଇରେ ସମ୍ପ୍ରତି ଅନୁଷ୍ଠିତ ଫୁଡ ଏକ୍ସପୋରୁ ବହୁ ସଂଖ୍ୟକ ଚାଉଳ ରପ୍ତାନି ଅର୍ଡର ପାଇଛନ୍ତି ଏବଂ ଏହି ବର୍ଷ ବ୍ୟବସାୟ ବୃଦ୍ଧି ପାଇବାର ଆଶା କରୁଛନ୍ତି । ତଥାପି, ଯୁଦ୍ଧ ପରିସ୍ଥିତିକୁ ପରିବର୍ତ୍ତନ କରିଛି । ଆମେରିକାର ପ୍ରତିବନ୍ଧକ ଏବଂ ଉତ୍ତେଜନା ଇରାନୀ କ୍ରେତାଙ୍କଠାରୁ ଦେୟ ପାଇବା

## ଅଧିକ ସନ୍ତାନ ପାଇଁ ମିଳିବ ଆର୍ଥିକ ପ୍ରୋତ୍ସାହନ

ଆନ୍ଧ୍ରପ୍ରଦେଶ, ୬।୩: ଜନସଂଖ୍ୟା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କ ମାଷ୍ଟରପ୍ଲାନ । ଅଧିକ ସନ୍ତାନ ପାଇଁ ମିଳିବ ଆର୍ଥିକ ପ୍ରୋତ୍ସାହନ । ଆନ୍ଧ୍ରପ୍ରଦେଶରେ ଆସୁଛି ନୂଆ ଜନସଂଖ୍ୟା ନୀତି । ଦୁଇରୁ ଅଧିକ ସନ୍ତାନ ଜନ୍ମ କଲେ ମିଳିବ ୨୫ ହଜାର । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରାଜ୍ୟ ପାଇଁ ଏକ ନୂତନ ଜନସଂଖ୍ୟା ପରିଚାଳନା ନୀତି ଘୋଷଣା କରିଛନ୍ତି । ରାଜ୍ୟରେ ହ୍ରାସ ପାଉଥିବା ପ୍ରଜନନ ହାରକୁ ନେଇ ଚିନ୍ତା ପ୍ରକଟ କରି ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି । ଏଣିକି ଯେଉଁ ପରିବାରରେ ଦ୍ୱିତୀୟ କିମ୍ବା ତା'ଠାରୁ ଅଧିକ ସନ୍ତାନ ଜନ୍ମ ହେବେ, ସେମାନଙ୍କୁ ସରକାରଙ୍କ ପକ୍ଷରୁ ୨୫ ହଜାର ଟଙ୍କାର ନଗଦ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ବିଧାନସଭାରେ ତଥ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶରେ ପ୍ରଜନନ ହାର କମି ୧.୫ ରେ ପହଞ୍ଚିଛି, ଯାହାକି ଜନସଂଖ୍ୟା ସନ୍ତୁଳନ ପାଇଁ ଆବଶ୍ୟକ ୨.୧ ସ୍ତରରୁ ଯଥେଷ୍ଟ କମ୍ । ଏହାଦ୍ୱାରା ଭବିଷ୍ୟତରେ ରାଜ୍ୟରେ ଯୁବକମାନଙ୍କ ସଂଖ୍ୟା କମିବ ଏବଂ ବୟସ୍କଙ୍କ ସଂଖ୍ୟା ବଢ଼ିବ । ଫଳରେ ଚାଷ, ଶିଳ୍ପ ଏବଂ ସେବା କ୍ଷେତ୍ରରେ କାମ କରିବା ପାଇଁ ଶ୍ରମିକ ବା ୱାର୍କଫୋର୍ସର ଅଭାବ ଦେଖାଦେଇପାରେ । ମୁଖ୍ୟମନ୍ତ୍ରୀ ନାଇଡୁ ନିଜର ପୁରୁଣା ନୀତିରୁ 'ୟୁ-ଟର୍ଣ୍ଣ' ନେଇଛନ୍ତି । ପୂର୍ବରୁ ୨୦୦୪ ମସିହା ପୂର୍ବରୁ ତାଙ୍କ ସରକାର ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷଣା କରିଥିଲେ ।

# ଜେଲ୍ ୱାର୍ଡରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ମୃତ୍ୟୁ ରହସ୍ୟମୟ, ପୋଲିସ ତଦନ୍ତ ଆରମ୍ଭ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରର ଝାରପଡ଼ା ଜେଲ୍ ପରିସର ଭିତରେ ଥିବା ସରକାରୀ କ୍ୱାର୍ଟରରେ ଜଣେ ଜେଲ୍ ୱାର୍ଡରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଏହି ରହସ୍ୟମୟ ମୃତ୍ୟୁ ଘଟଣା ଜେଲ୍ କର୍ମଚାରୀ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି । ମୃତ ବ୍ୟକ୍ତି ହେଲେ ସରଥୀ ପ୍ରଧାନ । ସେ ନୟାଗଡ଼ ଜେଲରେ ୱାର୍ଡର ଭାବେ କାର୍ଯ୍ୟରତ ଥିଲେ । ପ୍ରାଥମିକ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଝାରପଡ଼ା ଜେଲ୍ ପରିସର ଭିତରେ ଥିବା ସରକାରୀ କ୍ୱାର୍ଟରରେ ତାଙ୍କ ଝୁଲନ୍ତା ଶବ ଦେଖାଯାଇଥିଲା । ଏହି କ୍ୱାର୍ଟରରେ ତାଙ୍କ ପରିବାର ଲୋକେ ରହୁଥିଲେ । ପରିବାର ସଦସ୍ୟ ଓ ଆଖପାଖର ଲୋକେ ଏହି ଦୃଶ୍ୟ ଦେଖିବା ପରେ ତୁରନ୍ତ ପୋଲିସକୁ ସୂଚନା ଦେଇଥିଲେ । ଖବରପାଇ ଲକ୍ଷ୍ମୀସାଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା । ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ କରାଯାଇଥିଲା । ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ । ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବାବେଳେ ପୋଲିସ୍ ପରିବାର ଲୋକ ଓ ମୃତକଙ୍କ ବନ୍ଧୁଙ୍କ ସହ ଆଲୋଚନା ଆରମ୍ଭ କରିଛି । ୱାର୍ଡର ଶେଷ ଥର କାହା ସହ କଥା ହୋଇଥିଲେ ସେନେଇ ମଧ୍ୟ ଖୋଳତାଡ ଆରମ୍ଭ ହୋଇଛି । ପୋଲିସ ପରିବାର ସଦସ୍ୟ, ସହକର୍ମୀ ଓ ଆଖପାଖର ଲୋକଙ୍କୁ ପଚରାଉଚରା କରୁଛି । ଏହା ଆତ୍ମହତ୍ୟା ହୋଇଥାଇପାରେ ବୋଲି ପ୍ରାଥମିକ ଅନୁମାନ କରାଯାଉଛି । କିନ୍ତୁ, ପୋଲିସ ସମସ୍ତ ଦିଗରୁ ତଦନ୍ତ କରୁଛି । ଜେଲ୍ ପ୍ରଶାସନ ଓ ପୋଲିସ ପକ୍ଷରୁ ମୃତ୍ୟୁର ପୂର୍ଣ୍ଣ କାରଣ ଜାଣିବା ପରେ ବିସ୍ତୃତ ସୂଚନା ଦିଆଯିବ ବୋଲି କୁହାଯାଇଛି । ଅନ୍ୟପକ୍ଷେ ଜେଲ୍ ଭିତରେ ଆତ୍ମହତ୍ୟା ଘଟଣା ବଢ଼ିବାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଗମ୍ଭୀର ଚିନ୍ତାର ବିଷୟ ହୋଇପଡ଼ିଛି । ବନ୍ଦୀ ଓ ଜେଲ୍ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ କ୍ରମାଗତ ପ୍ରଭାବ ପଡୁଥିବା ଏହି ଘଟଣା ଦେଖାଇଛନ୍ତି । ଜେଲରେ ଅତ୍ୟଧିକ ଭିଡ଼ ଓ ଅସୁବିଧାଜନକ ଜୀବନଯାପନ ପରିବେଶ, ଦୀର୍ଘକାଳୀନ ବିଚାର ପ୍ରକ୍ରିୟା ଯୋଗୁଁ ଅନିଶ୍ଚୟତା ଓ ଚିନ୍ତା, ଜେଲ୍ କର୍ମଚାରୀଙ୍କ ପାଇଁ କାମର ଚାପ, ଦୀର୍ଘ ସମୟ ଡ୍ୟୁଟି, ମାନସିକ ସ୍ୱାସ୍ଥ୍ୟ ସହାୟତାର ଅଭାବ ଓ କାଉନସେଲିଙ୍ଗ ସୁବିଧାର ଅପର୍ଯ୍ୟାପ୍ତତା, ସାମାଜିକ କଳଙ୍କ (ବନ୍ଦୀଙ୍କ କ୍ଷେତ୍ରରେ) ଓ କାର୍ଯ୍ୟକ୍ଷେତ୍ରରେ ଅପମାନଜନକ ଆଚରଣ ଆଦି ଲାଗି ଆତ୍ମ ହତ୍ୟା ବୃଦ୍ଧି ପାଉଥିବା ବିଶେଷଜ୍ଞମାନେ କହୁଛନ୍ତି । ଦୀର୍ଘକାଳୀନ ଅନ୍ତର୍ବନ୍ଦୀ ଅବସ୍ଥାରେ ଅନିଶ୍ଚୟତା, ପରିବାର ସହ ସମ୍ପର୍କ ବିଚ୍ଛିନ୍ନତା, ସାମାଜିକ କଳଙ୍କ ଓ ଆତ୍ମସମ୍ମାନ ହାନି, ଡିପ୍ରେସନ୍, ଆତଙ୍କ ଓ ଆତ୍ମହତ୍ୟା ଚିନ୍ତାର ବୃଦ୍ଧି ଭଳି ଘଟଣା ବନ୍ଦୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଥିବାବେଳେ ଜେଲ୍ କର୍ମଚାରୀଙ୍କ କ୍ଷେତ୍ରରେ ପ୍ରମୁଖ ଚାପ ମଧ୍ୟରେ ନିୟମିତ ଉଚ୍ଚ ମାନସିକ ଚାପ ଓ ଭୟର ପରିବେଶରେ ରହିବା, ଦୀର୍ଘ ଡ୍ୟୁଟି ସମୟ ଓ କମ୍ ବିଶ୍ରାମ ନେବା, ବନ୍ଦୀଙ୍କ ସହ ସଂଘର୍ଷ, ଅପମାନ ଓ ହିଂସାର ସମ୍ଭାବନା ରହିବା ଓ କାର୍ଯ୍ୟସ୍ଥଳରେ ମାନସିକ ସହାୟତାର ଅଭାବ ଥିବା ସାମ୍ନାକୁ ଆସୁଛି ।

## ନାବାଳିକା ବଳାତ୍କାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

କଟକ(ନିପ୍ର): ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତକୁ ଶୁକ୍ରବାର କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ସଜା ଶୁଣାଇଛନ୍ତି । ଅଭିଯୁକ୍ତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସଜା ଶୁଣାଇଛନ୍ତି କୋର୍ଟ । ଜରିମାନା ବାବଦ ୨୦ହଜାର ଟଙ୍କା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏହା ବ୍ୟତୀତ ଜରିମାନା ଅନାଦେୟ ଗୋଟିଏ ବର୍ଷ ଅଧିକ କାରାଦଣ୍ଡାଦେଶ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କ୍ଷତିପୂରଣ ବାବଦ ନାବାଳିକାକୁ ୪ ଲକ୍ଷ ଟଙ୍କା ଦେବା ପାଇଁ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ, ୨୦୨୫ ଜୁନ ୭ ତାରିଖରେ ସ୍ଥାନୀୟ ମଂଗଳାବାଗ ଅଂଚଳରେ ଏହି ଜଘନ୍ୟ ଘଟଣା ଘଟିଥିଲା । ନାବାଳିକା ଜଣକ ସାଂଗମାନଙ୍କ ସହ ଖେଳୁଥିବାବେଳେ ତାଙ୍କୁ ଅଭିଯୁକ୍ତ ବଳପୂର୍ବକ କୁକର୍ମ କରିଥିଲା । ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ମା ବାପା ସଂଗେ ସଂଗେ ନାବାଳିକାକୁ ଏସସିବି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ନାବାଳିକାଙ୍କ ପରିବାର ଲୋକ ସ୍ଥାନୀୟ ମଂଗଳାବାଗ ଥାନାରେ ଏତଲା ଦେଲା ପରେ ପୋଲିସ ତଦନ୍ତ ଆଧାରରେ ଅନେକ ପ୍ରମାଣ ହସ୍ତଗତ କରିଥିଲା । ଏହା ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ସମସ୍ତ ସାକ୍ଷୀ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ କୋର୍ଟ କାରାଦଣ୍ଡ ଶୁଣାଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସ୍ୟୁକୁଟର କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

## ୫ଦିନ ହେଲା ପାଣି ପାଇପ ଅଚଳ: ଲୋକେ ହନ୍ତସନ୍ତ

ଚାରିଛକ(ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ଅନ୍ତର୍ଗତ ଭାଣପୁର ଗ୍ରାମରେ ଥିବା ୫୦ହଜାର ଲିଟର ପାନୀୟ ଜଳ ପ୍ରକଳ୍ପର ପାଇପ ଲାଇନଟି ଖରାପ ହୋଇଯାଇ ଥିବାରୁ ୫ ଦିନ ହେଲା ଗ୍ରାମର ଲୋକମାନେ ପିଇବା ପାଣି ଟୋପେ ପାଉନାହାନ୍ତି । ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ସ୍ୱଜଳ ଧାରାରେ ଯୋଜନାରେ ପାନୀୟ ଜଳ ଜନସାଧାରଣ ପିଇବା ପାଇଁ ପ୍ରକଳ୍ପ ସବୁ ନିର୍ମାଣ କରାଯାଇଛି । ଭାଣପୁରଠାରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ଭାଣପୁର, ସାନହୁଲି, ହାଣ୍ଡିଆପଡା, ତୁଳସୀପୁର ଆଦି ଗ୍ରାମକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଇଛି । ମାତ୍ର ଏହି ପାଣି ଟାଙ୍କିର ସପ୍ଲାଇ ପାଇପଟି ଲିକ୍ ହୋଇଯିବା ଫଳରେ ୫ଦିନ ହେବ କୌଣସି ଗ୍ରାମକୁ ପାଣି ଯାଉନାହିଁ । ବାରମ୍ବାର ବାରମ୍ବାର ଠିକାଦାରଙ୍କୁ ଜଣାଇବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଣି ପାଇପର ମରାମତି ହୋଇପାରୁନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

## ଚାଷୀଙ୍କଠାରୁ ସମସ୍ତ ଧାନ କିଣିବାକୁ ସିପିଆଇର ଦାବି

ଚାରିଛକ(ନିପ୍ର): ପୁରୀ ଜିଲ୍ଲାର ଚାଷୀମାନଙ୍କ ଧାନ ବିକ୍ରି ନେଇ ଚାଲିଥିବା ଶୋଷଣ ଓ ଅବ୍ୟବସ୍ଥା ବନ୍ଦ କରିବାକୁ ସିପିଆଇ ପୁରୀ ଜିଲ୍ଲା କମିଟି ପକ୍ଷରୁ ମାର୍ଚ୍ଚ ୬ ତାରିଖରେ ପୁରୀ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ନାମ ରେଜିଷ୍ଟ୍ରି କରିଥିବା ସମସ୍ତ ଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା, ନାମ ରେଜିଷ୍ଟ୍ରି କରିନଥିବା ଚାଷୀମାନଙ୍କ ଧାନ କିଣିବାକୁ ତୁରନ୍ତ ପଦକ୍ଷେପ ନେବା, ମଣ୍ଡିରେ କଟଣି ଚଟଣୀ ବନ୍ଦ କରିବା, ଧାନ ବିକ୍ରି ପାଇଁ ଅଖା ପ୍ରଦାନ ପ୍ରଭୃତି ଦାବିକରି ସିପିଆଇ ପକ୍ଷରୁ ପୁରୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଅଛି । ସିପିଆଇ ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, କୃଷକ ନେତା ଆଶିଷ କାନୁନଗୋ, ପ୍ରଦୀପ୍ତ ମହାନ୍ତି, ବ୍ରଜବନ୍ଧୁ ପ୍ରଧାନ, ଦେବେନ୍ଦ୍ରନାଥ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, ବନମାଳୀ ସାହୁ,ସୁକାନ୍ତ ମହାନ୍ତି,ପ୍ରକାଶ ଚନ୍ଦ୍ର ବେହେରା, ତରୁଣ ନାୟକ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ପୁରୀ ଜିଲ୍ଲାରେ ଧାନ କିଣାରେ ସୁଧାର ନଆସିଲେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସିପିଆଇ ଜିଲ୍ଲା ସମ୍ପାଦକ ଘୋଷଣା କରିଛନ୍ତି ।

### ପୂର୍ବ ଶତ୍ରୁତାରୁ ମିଠା ଦୋକାନୀଙ୍କୁ ଆକ୍ରମଣ, ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର

## ସଙ୍ଗଠିତ ଅପରାଧ: ରୋକ୍ ଲଗାଇବାରେ ପୋଲିସ୍ ବିଫଳ !

ଭୁବନେଶ୍ୱର(ନିପ୍ର): ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁରରେ ଜଣେ ମିଠା ଦୋକାନୀଙ୍କୁ ଆକ୍ରମଣ ହୋଇଛି । ଆହତ ମିଠା ଦୋକାନୀ ହେଲେ ଦିଲୁ ବେହେରା । ଘଟଣା ଘଟିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ସିସିଟିଭି ଯାଞ୍ଚ କରିଛି । ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମଧ୍ୟ ମିଳିଛି । ପୂର୍ବରୁ ଦିଲୁଙ୍କୁ ଅଭିଯୁକ୍ତ ଟାର୍ଗେଟ କରିଥିଲେ । ଖୁବଶୀଘ୍ର ସେମାନଙ୍କୁ କାବୁ କରାଯିବ ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି । ମିଠା କିଣାକୁ ନେଇ ବଚସା ପରେ ଦୁର୍ବୃତ୍ତ ହାଣିଥିଲେ । ପୂର୍ବ ଶତ୍ରୁତାରୁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି । ସୂଚନାଯୋଗ୍ୟ, ଅସୁରକ୍ଷିତ ହୋଇପଡିଲାଣି ରାଜଧାନୀ ଭୁବନେଶ୍ୱର ଘରୁ ବାହାରିବାକୁ ଡର ଲାଗୁଛି । ବିଟ୍ ରାସ୍ତାରେ ଖଣ୍ଡା ବୁଲୁଛି । ଦୁର୍ବୃତ୍ତ ଯାହାକୁ ପାରୁଛନ୍ତି ତାକୁ ହାଣୁଛନ୍ତି । ରାଜଧାନୀର ଛାତି ଉପରେ ଅପରାଧୀ ବେଧଡକ ଭାବେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଥିବାବେଳେ ପୋଲିସ ଯେପରି ନାଚାର ହୋଇ ବସିଛି । ଉଦାହରଣ ସ୍ୱରୂପ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ମିଠା ଦୋକାନୀଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ ହୋଇଛି । ୩ ଦୁର୍ବୃତ୍ତ ବାଇକରେ ଆସି ମିଠା ବ୍ୟବସାୟୀ ଦିଲ୍ଲୀପ ବେହେରାଙ୍କୁ ହାଣିଛନ୍ତି । ଖାଲି ସେତିକି ନୁହେଁ ସେମାନେ ଦୋକାନରେ ପଶି ଭଙ୍ଗାରୁଜା କରିଛନ୍ତି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ମିଠା ଦୋକାନୀଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସାମାନ୍ୟ ବଚସାକୁ ନେଇ ଏ ଆକ୍ରମଣ ହୋଇଥିବା ଜଣାପଡିଛି । ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ଆକ୍ରମଣ ପରେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡିଛନ୍ତି । ପୋଲିସ ଘଟଣାର ଛାନଭିନ୍ ଚଳାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ । କେବଳ ଏହି ଘଟଣା ନୁହେଁ, ଭୁବନେଶ୍ୱରରେ କିଛିଦିନ ହେଲା ଅପରାଧ ବଢିଚାଲିଛି । ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଜଘନ୍ୟ କାଣ୍ଡ ଘଟାଉଛନ୍ତି । ଫେବ୍ରୁଆରି ୨୮ରେ ରାଜଧାନୀରେ ୟୁଟ୍ୟୁବର ରାହୁଲ ମହାରଣାଙ୍କୁ ନିର୍ମମ ଭାବେ ଛୁରି ଭୁସି ହତ୍ୟା କରିଥିଲେ ଦାଦା ଓ ଦୁଇ ପୁତୁରା । ହୋଲି ଦିନ ଭରତପୁର ଫୁଲେଶ୍ୱର ବସ୍ତିରେ ସ୍ତ୍ରୀକୁ ଛୁରୀ ଭୁସି ସ୍ୱାମୀ ହତ୍ୟା କରିଥିଲା । କିଛିଦିନ ତଳେ ପାତ୍ରପଡ଼ା ଅଞ୍ଚଳରେ ୮ଜଣ ଦୁର୍ବୃତ୍ତ ବାଇକରେ ଆସି ଏକ ଦୋକାନରେ ପଶିଥିଲେ । ଆଗରେ ଯାହାକୁ ପାଇଲେ ଖଣ୍ଡା ଓ କାତିରେ ହାଣି ଥିଲେ । ଯାହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା । ସେହିଦିନ ସକାଳୁ ଜଣେ ପୋଲିସ ଅଧିକାରୀଙ୍କ ମାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ କେବଳ ହତ୍ୟାକାଣ୍ଡ ନୁହେଁ, ଖଣ୍ଡା ଭୁଜାଲିରେ ଲୋକଙ୍କୁ ହାଣି ଲହୁଲୁହାଣ କରିବା, ଛିନତାଇ, ଚୋରି, ଡକାୟତି, ବୋମା ତିଆରି ଭଳି ଅପରାଧ ଦିନକୁ ଦିନ ରାଜଧାନୀରେ ବଢ଼ିଚାଲିଛି । ଆଉ ଏଥିରେ ରୋକ୍ ଲଗାଇବା ପୋଲିସ ପାଇଁ ବଡ ଚ୍ୟାଲେଞ୍ଜ ସାଜିଛି । ସେପଟେ ରାଜଧାନୀରେ ପୋଲିସଂକୁ ନେଇ ମଧ୍ୟ ଏବେ ସାଧାରଣରେ ପ୍ରଶ୍ନ ଉଠିଛି ।

## ମଦ'ର ବହୁଳ ପ୍ରସାର ପାଇଁ ଟେଟ୍ରା ପ୍ୟାକ ବିରୋଧରେ ଏଆଇଏମଏସଏସ ପକ୍ଷରୁ ବିକ୍ଷୋଭ




କଟକ(ନିପ୍ର): ଟେଟ୍ରା ପ୍ୟାକ ମଦ ପ୍ରସାର ବନ୍ଦ ସହ ମଦକୁ ସଂପୂର୍ଣ୍ଣ ନିଷିଧ କରିବା ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଆଇଏମଏସଏସ ପକ୍ଷରୁ ଟେଟ୍ରା ପ୍ୟାକ ମଦ ବନ୍ଦ ଦାବିରେ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଉଛି । ବିଜେପି ଦଳ ନିର୍ବାଚନ ସମୟରେ ଓ ନିର୍ବାଚିତ ହେବା ପରେ ଘୋଷଣା କରିଥିଲା ରାଜ୍ୟକୁ ୨୦୨୪ ଅଗଷ୍ଟ ୧୫ ଠାରୁ ସଂପୂର୍ଣ୍ଣ ମଦମୁକ୍ତ ରାଜ୍ୟ କରିବେ । ପରିତାପର ବିଷୟ, ରାଜ୍ୟସରକାର ମଦମୁକ୍ତ କରିବାର ଦୂରର କଥା ଟେଟ୍ରା ପ୍ୟାକ ମଦ ପ୍ରଚଳିତ କରି ରାଜ୍ୟରେ ମଦ ବନ୍ୟା କରିବାର ଯୋଜନା କରିଥିବା ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି । କାଗଜ ଡବାରେ (ଟେଟ୍ରାପ୍ୟାକ) ମଦ ମିଳିଲେ ଗାଁରୁ ସହର ଯାଏ ବିଭିନ୍ନ ଛକ, ବଜାର ଓ ରାସ୍ତା କଡ଼ରେ ଯାତାୟତ କରୁଥିବା ସାଧାରଣ ଲୋକ ଓ କୋମଳମତି ଛାତ୍ରମାନେ ବ୍ୟାଗରେ ଅନାୟାସରେ ଟେଟ୍ରା ପ୍ୟାକ ମଦ ନେଇପାରିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ମଦର ବହୁଳ ପ୍ରସାର ପାଇଁ ଟେଟ୍ରା ପ୍ୟାକ ବିରୁଦ୍ଧରେ ଏଆଇଏମଏସଏସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ବିକ୍ଷୋଭକାରୀମାନେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଏଆଇଏମଏସଏସ ଜିଲ୍ଲା ସଭାନେତ୍ରୀ ମାଳବିକା ସାମଲ, ସଂପାଦିକା ସ୍ୱାଧୀନ ବେହେରା, ଉପସଭାନେତ୍ରୀ ସିପ୍ରା ମହାନ୍ତି, ନାରୀନେତ୍ରୀ ମନସ୍ୱିନୀ ପ୍ରଧାନ, ଜ୍ୟୋସ୍ନାମୟୀ ଦାଶ, ସୁଜାତା ମହାପାତ୍ର, ମାଧବୀଲତା ଚାତାର, ଶ୍ରଦ୍ଧାଞ୍ଜଳୀ ପାତ୍ର, ମାନି ବେହେରା, ନମିତା ବେହେରା ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ।

## ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରା ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ୨୪ ମୌଜା ଅଧିନରେ ହେଉଥିବା ଏହି ଯାତ୍ରାର ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବୈଠକ ମେଳଣ ପଡ଼ିଆ ଠାରେ ଶେଷ ହୋଇଛି । ଏଥିରେ ୨୪ ମୌଜା ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ଶରତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ସମସ୍ତ ଗ୍ରାମର ନେତୃ ମଣ୍ଡଳୀ ଉକ୍ତ ସଭାରେ ଯୋଗଦେଇଥିଲେ । ଯାତ୍ରାକୁ କିଭଳି ଶୃଙ୍ଖଳିତ ଭାବେ ସମାପନ କରାଯିବ ଏଥିପାଇଁ ସମସ୍ତ କୌଶଳକୁ ଆଲୋଚନା କରି ପ୍ରଶାସନର ସହଯୋଗ ନିଆଯାଇଛି । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କୃଷ୍ଣପ୍ରସାଦ ଥାନାର ସହଯୋଗ, ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର, ଅଗ୍ନିଶମ ବିଭାଗ, ଯୋଗଦେଇ ଥିବା ଶହ ଶହ ବ୍ୟବସାୟୀ ମାନଙ୍କ ପାଇଁ ସ୍ଥାନ ନିରୂପଣ ଆଦି କରାଯାଇଛି । କିଭଳି ଭାବରେ ଶାନ୍ତି ଶୃଙ୍ଖଳାରେ ଉକ୍ତ କାର୍ଯ୍ୟ ସମାପନ କରାଯିବ ସେଥିପାଇଁ ଯୁବକ ସଂଘର ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇଛି । ସେହିଭଳି କୃଷ୍ଣପ୍ରସାଦ ବ୍ଲକର ଏକମାତ୍ର ପୁସ୍ତକ ମେଳା ୮, ୯, ୧୦ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି । ଉକ୍ତ ମେଳା ଅପରାହ୍ନ ୪.୩୦ରୁ ଆରମ୍ଭ ହୋଇ ରାତ୍ର ୯ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ଜଣାଯାଇଛି । ପୁସ୍ତକ ମେଳାର ପ୍ରତିଷ୍ଠାତା ଶିକ୍ଷାବିତ୍ ବାନାମ୍ବର ବାରିକୀଙ୍କୁ ଏଥି ପାଇଁ ଧନ୍ୟବାଦ ଅର୍ପଣ କରାଯାଇଛି । ଏଥିରେ ବହୁ ବିଜ୍ଞ ସାହିତ୍ୟିକ ଯୋଗଦେବାର ସୂଚନା ମିଳିଛି । ଗଞ୍ଜାମ, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରୁ ବହୁ ପୁସ୍ତକ ପ୍ରକାଶକ, ବିକ୍ରେତା ଏହି ମେଳାରେ ଯୋଗଦେବାର ବ୍ୟବସ୍ଥା ହୋଇଥିବା ଜଣାପଡିଛି । ଯାନବାହାନ ରଖିବା ନିମନ୍ତେ ଏକ ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଛି । ପ୍ରଥା ଅନୁଯାୟୀ ମାଲୁଦ ଦଧିବାମନ ଦେବଙ୍କ ପୀଠରୁ ଏବଂ ବଜ୍ରକୋଟ କୁଞ୍ଜେଶ୍ୱରୀଙ୍କ ପୀଠରୁ ଦୁଇଟି ଶୁଭ ଖୁଣ୍ଟି ଆସିଥାଏ । ଉକ୍ତ ଶୁଭ ଖୁଣ୍ଟ ୮ ତାରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ପଞ୍ଚୁଦୋଳ ପଡ଼ିଆରେ ପହଁଚିବା ପାଇଁ ସ୍ଥିରୀକୃତ ହୋଇଛି । ୯ ତାରିଖ ଦିନ ସାଜସଜ୍ଜା ପାଟୁଆରରେ ବିଭିନ୍ନ ଗ୍ରାମରୁ ଆସୁଥିବା ୨୩ ଠାକୁର ୧୨ ଘଟିକା ମଧ୍ୟରେ ପଞ୍ଚୁଦୋଳ ପଡ଼ିଆରେ ନିଜ ନିଜ ଆସ୍ଥାନରେ ବିରଜମାନ କରିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି ।

## ଜମିଜମା ବିବାଦକୁ ନେଇ ହତ୍ୟା ଧମକ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଜମିଜମା ବିବାଦକୁ ନେଇ ଧମକଚମକ ଦେବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ରଞ୍ଜନ କୁମାର ମହାରଣା । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ସ୍ନେହାଞ୍ଜଳି ମିଶ୍ର ଖଣ୍ଡଗିରୀ ଥାନା ଅନ୍ତର୍ଗତ ଧର୍ମ ବିହାର ଅଞ୍ଚଳରେ ପରିବାର ସହ ରୁହନ୍ତି । ତାଙ୍କର ଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମ ନଗର, ଲେନ-୧୫ ରେ ୧୨୬୪ ନମ୍ବର ପ୍ଲଟ ରହିଛି, ଯାହାକି ପୂର୍ବରୁ ତାଙ୍କ ମା'ଙ୍କ ନାମରେ ଥିଲା । ପରବର୍ତ୍ତୀ ସମୟରେ ଗତ ୨୦୧୨ ମସିହାରେ ଉକ୍ତ ପ୍ଲଟଟି ତାଙ୍କ ନାମକୁ ପରିବର୍ତ୍ତିତ ହୋଇଥିଲା । ସେହି ପ୍ଲଟକୁ ଲାଗିକରି ଅଭିଯୁକ୍ତ ରଞ୍ଜନ କୁମାର ମହାରଣାଙ୍କ ଏକ ପ୍ଲଟ ରହିଛି । ଗତକାଲି ସକାଳେ ଅଭିଯୋଗକାରିଣୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ରଞ୍ଜନ ଏବଂ ତାଙ୍କ ପତ୍ନୀ ସୁଚେତା ମହାରଣା କିଛି ସହଯୋଗୀଙ୍କ ସହାୟତାରେ ଅଭିଯୋଗକାରିଣୀଙ୍କ ଉକ୍ତ ପ୍ଲଟ ମଧ୍ୟରେ ବେଆଇନ ଭାବେ ପ୍ରବେଶ କରି ଅଶାଳୀନ ଭାବେ ଗାଳିଗୁଲଜ କରିବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ ଏବଂ ଚାରି ପାଖ ପାଚେରୀ ସବୁକୁ ଭାଙ୍ଗି ଦେଇଥିଲେ । ଏହି ବିବାଦକୁ କେନ୍ଦ୍ର କରି ପୂର୍ବରୁ ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ୨୦୨୫ ମସିହା ମଇ ମାସରେ ଶ୍ରୀ ଲିଙ୍ଗରାଜ ଥାନା କେସ ନମ୍ବର-୧୪୬/୨୦୨୫ ରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା । ଠିକ ସେହି ସମୟରେ ଅଭିଯୁକ୍ତଙ୍କ ପତ୍ନୀ ସୁଚେତା ମହାରଣା ମଧ୍ୟ ଅଭିଯୋଗକାରିଣୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ । ଅଭିଯୋଗକାରିଣୀ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ହେତୁ ଉକ୍ତ ପ୍ଲଟର ଦେଖାଶୁଣା କରିବାରେ ଅସୁବିଧା ହୋଇଥାଏ । ଏହାର ସୁଯୋଗ ନେଇ ଅଭିଯୁକ୍ତ ମାନେ ଗତକାଲି ଉକ୍ତ ପ୍ଲଟ ମଧ୍ୟରେ ପଶି ଉପରୋକ୍ତ କାଣ୍ଡ ଭିଆଇବା ସହ ଅଭିଯୋଗକାରିଣୀଙ୍କୁ ୫ ଲକ୍ଷ ଟଙ୍କା ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଯଦି ସେ ଟଙ୍କା ନାଦିଅନ୍ତି ତେବେ, ସେମାନେ ତାଙ୍କୁ ଉକ୍ତ ପ୍ଲଟରେ ପ୍ରବେଶ କରାଇ ଦେବେ ନାହିଁ କିମ୍ବା ସେଠାରେ କୌଣସି ନିର୍ମାଣ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ଧମକ ଦେଇଥିଲେ । ଏହା ବ୍ୟତୀତ ସେ ଅଭିଯୋଗକାରିଣୀଙ୍କ ମାଙ୍କ ନିକଟରୁ ବହୁପୂର୍ବରୁ ସେହି ପ୍ଲଟଟିକୁ କିଣିଥିବା ନେଇ ମିଥ୍ୟା ଦାବୀ ଉପସ୍ଥାପନ କରିଥିଲେ । ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ରଞ୍ଜନ କୁମାର ମହାରଣାଙ୍କୁ ଗିରଫ କରିଥିବା ବେଳେ, ସେ ତାଙ୍କର ଦୋଷ ସ୍ୱୀକାର କରିଥିଲେ ।

## ନୀଳାଦ୍ରି ବିହାରରେ ଯୁବକଙ୍କୁ ଛୁରାମାଡ଼, ପୂର୍ବ ଶତ୍ରୁତାରୁ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର(ନିପ୍ର): ରାଜଧାନୀର ନିଳାଦ୍ରୀ ବିହାର ସେକ୍ଟର-୨ରେ ଛୁରାମାଡ଼ ଘଟଣା ସାମ୍ନାକୁ ଆସିଛି । ଜଣେ ଯୁବକ ଉତ୍ପଳ କୁମାର ନାୟକଙ୍କୁ ଛୁରାମାଡ଼ କରାଯାଇଥିବାବେଳେ ସେ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣା ପୂର୍ବ ଶତ୍ରୁତାରୁ ଘଟିଥିବା ସନ୍ଦେହ କରାଯାଉଛି । ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ୨ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି । ଘଟଣାର ବିବରଣୀ ଅନୁଯାୟୀ, ଉତ୍ପଳଙ୍କୁ ଅଜଣା ବ୍ୟକ୍ତିମାନେ ଛୁରୀରେ ଆକ୍ରମଣ କରିଥିଲେ । ଆହତ ଅବସ୍ଥାରେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇ ଚିକିତ୍ସା ଜାରି ରହିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗ ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି ଏବଂ ସେମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି । ଘଟଣାର କାରଣ ପୂର୍ବ ଶତ୍ରୁତା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସେପଟେ ହୋଲିରେ ସାମାନ୍ୟ ବଚସାକୁ ନେଇ ଏଭଳି ଘଟଣା ଘଟିଥିବା ଚନ୍ଦ୍ରଶେଖରପୁର ପୋଲିସ୍ କହିଛି । ଏହି ମାମଲାର ଆପୋଷ ସମାଧାନ ହେବ ବୋଲି ଉଭୟ ପକ୍ଷ ରାଜି ହୋଇଛନ୍ତି । ଏହି ମଧ୍ୟରେ ୨ ଦିନ ବିତିଥିବାରୁ ଆପୋଷ ସମାଧାନ ନେଇ ପ୍ରଶ୍ନ ଉଠିଛି । ଏହି ମାମଲାକୁ ଚପାଇ ଦିଆଯିବାକୁ ଚେଷ୍ଟା ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ଡେଲିଭରି ବଏକୁ ଆକ୍ରମଣ, ଦୁଇ ଗିରଫ

ଭୁବନେଶ୍ୱର(ନିପ୍ର): ଡେଲିଭରି ବଏକୁ ରାସ୍ତାରେ ଅଟକାଇ ଧମକଚମକ ଦେବା ସହ ଆକ୍ରମଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟି. ବାଲକ୍ରୀଷ୍ଣା ଓ ଏନ. ଉମେଶ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଦିଲ୍ଲୀପ କୁମାର ଡାକୁଆ ଡୋମିନସରେ ଗତ ଏକମାସ ଧରି ଡେଲିଭରି ପାର୍ଟନର ଭାବରେ କାମ କରିଆସୁଛନ୍ତି । ଗତକାଲି ସନ୍ଧ୍ୟା ପ୍ରାୟ ୭:୩୦ ସମୟରେ, ଯେତେବେଳେ ସେ ଡୋମିନସରୁ ଅର୍ଡର ଡେଲିଭରି ଦେଇ ଫେରୁଥିଲେ, ଠିକ ସେତିକି ବେଳେ ଅଭିଯୁକ୍ତ ଏନ. ଉମେଶ ଏକ ଏନ-ଟର୍କ ସ୍କୁଟରରେ ଭୁଲ ପାର୍ଶ୍ୱରୁ ଆସି ତାଙ୍କୁ ଶବର ସାହି ରାସ୍ତାରେ ଜୋରଜବରଦସ୍ତ ଅଟକାଇଥିଲେ । ଅଭିଯୋଗକାରୀ ଏପରି ବାଧା ସୃଷ୍ଟି କରିବାର କାରଣ ପଚାରିବାରୁ, ଏନ. ଉମେଶ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ହତ୍ୟା ଧମକ ଦେଇଥିଲେ । ଏହା ପରେ, ସେ ଅଭିଯୋଗକାରୀଙ୍କ ଗାଡ଼ିର ଚାବି ଜୋରଜବରଦସ୍ତ ଛଡ଼ାଇ ନେଇଯାଇଥିଲେ । ଏହି ସମୟରେ, ତାଙ୍କର ଅନ୍ୟ ଜଣେ ସହଯୋଗୀ ଟି. ବାଲକ୍ରୀଷ୍ଣା ଘଟଣା ସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲେ । ସେମାନେ ଉଭୟ ମିଳିତ ଭାବରେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲେ ଏବଂ ଏକ ଚାବି ଦ୍ୱାରା ତାଙ୍କ ଆଖିକୁ ଏବଂ ଓଠକୁ ଆଘାତ କରିଥିଲେ । ଯାହା ଫଳରେ ଅଭିଯୋଗକାରୀଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇଥିଲା । ଆକ୍ରମଣ ସମୟରେ, ସେମାନେ ତାଙ୍କ ପକେଟରୁ ନଗଦ ୫,୦୦୦ ଟଙ୍କା ଏବଂ ଏକ ଇମିଟେସନ୍ ମୁଦି ମଧ୍ୟ ବଳପୂର୍ବକ କାଢି ନେଇଯାଇଥିଲେ । ପରେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ । ତଦନ୍ତ ସମୟରେ, ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ଷ୍ଟେସନ ବଜାର ଅଞ୍ଚଳରେ ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ସମୟରେ ଉଭୟ ଏହି ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ ।

## ନୂତନ ଗୃହ ଦାବିରେ ରାସ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ

କଟକ(ନିପ୍ର): ସ୍ଥାନୀୟ ଖାନନଗର ସ୍ଥିତ ଉତ୍କଳମଣି ସ୍ମାରକୀ ସରକାରୀ ବିଦ୍ୟାପୀଠର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଶୁକ୍ରବାର ନୂତନ ଶ୍ରେଣୀଗୃହ ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ଏହି ବିଦ୍ୟାଳୟଟି ୧୯୬୨ ମସିହାରେ ନିର୍ମିତ ହୋଇଥିଲା । ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀଯାଏ ୧୫୦ରୁ ଅଧିକ ପିଲା ପାଠ ପଢୁଛନ୍ତି । ସଂପ୍ରତି ସ୍କୁଲ ବିପଦସଂକୁଳ ଅବସ୍ଥାରେ ରହିଛି । ଛାତରୁ କଂକ୍ରିଟ ଖସି ରଡ଼ ଦିଶୁଛି । ଯେକୌଣସି ମୁହୂର୍ତ୍ତରେ କୌଣସି ବଡ଼ ଧରଣର ଅଘଟଣ ଘଟିବାର ସମ୍ଭାବନା ରହିଛି । ଏହି ପ୍ରରିପେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ନୂଆ ଶ୍ରେଣୀଗୃହ ପ୍ରତିଷ୍ଠା ପାଇଁ ଦାବିକରି ଆଜି ଆନ୍ଦୋଳନକୁ ଓହ୍ଲାଇଥିଲେ । ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ତାଲା ପକାଇ ରାଜରାସ୍ତାରେ ଆନ୍ଦୋଳନ କରି ରାସ୍ତା ଅବରୋଧ କରିଥିଲେ । କୋମଳମତି ଛାତ୍ରଛାତ୍ରୀମାନଙ୍କର ରାସ୍ତା ଅବରୋଧ ଯୋଗୁ ଖାନନଗର ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ପରେ ପୋଲିସ ଓ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଘଟଣା



ସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ବୁଝାସୁଝା କରିଥିଲେ । ୬ ମାସ ମଧ୍ୟରେ ସ୍କୁଲର ନୂତନ ଗୃହ ନିର୍ମାଣ କରାଯିବାକୁ ବିଧାୟକ ଶ୍ରୀ ବିଶ୍ୱାଳ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୁତ ହୋଇଥିଲା ।

**AFFIDAVIT**

By virtue of an affidavit sworn before The Executive Magistrate, Pipili affidavit no.616 dated on 06.03.2026, I Sumanta Nayak S/o-Narahari Nayak, Durgadasapur, Po-Mangalpur, Ps-Pipili, Dist-Puri, Pin-752104, Odisha do hereby declare that I have changed my name from Sumant Nayak to Sumanta Nayak. Henceforth I shall be known as Sumanta Nayak for all purposes.

**Sd/-Sumanta Nayak**

**AFFIDAVIT**

By virtue of an affidavit sworn before The Executive Magistrate, Kendrapara affidavit no 1279 dated on 05.03.2026, I, Amarendra Nayak S/o-Nilamani Nayak At-Balabhadrapur, Po-Nuahat, Ps-Derabish, Dist-Kendrapara, Pin-754289 Odisha do hereby declare that I have changed my son's name from Lagnajit Nayak to Sri Lagnajit Nayak. Henceforth he will be known as Sri Lagnajit Nayak for all purposes.

**Sd/-Amarendra Nayak**

## ଆସିକା ଆୟୁର୍ବେଦିକ ଫାର୍ମାସୀ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା



ଆସିକା(ନିପ୍ର): ଓଡିଶାର ଏକମାତ୍ର ଆୟୁର୍ବେଦିକ ଫାର୍ମାସୀ ତଥା ଆସିକା ଉତ୍କଳ ଆୟୁର୍ବେଦିକ ସମବାୟ ପର୍ମାସୀ ଲିଃ ର କର୍ମଚାରୀ ୫ ଦଫା ଦାବି ପୂରଣ ନେଇ ଫାର୍ମାସୀ ସମ୍ମୁଖରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି । ଆସିକାର ଏକ ସମବାୟ ଭିତ୍ତିକ ଆୟୁର୍ବେଦିକ ଔଷଧ ତିଆରି କାରଖାନା ଦୀର୍ଘ ବର୍ଷ ହେବ ଅଚଳାବସ୍ଥା ଥିବା ବେଳେ ଗତ ଦୁଇ ବର୍ଷ ହେଲା କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି । ଏହି ଅନୁଷ୍ଠାନ ପରିଚାଳନା ପରିଷଦର ନିର୍ବାଚିତ ପ୍ରତିନିଧି ଓ ତତକାଳୀନ ସମ୍ପାଦକଙ୍କ ତାଳମେଳ ନହେବା କାରଣରୁ ଅନୁଷ୍ଠାନ ବହୁ ଅସୁବିଧା ଦେଇ କିଛିଦିନ ଚାଲିଥିଲା । ହେଲେ ଗତ ଦୁଇ ବର୍ଷ ହେଲା ସ୍ଥାୟୀ ସମ୍ପାଦକ ନଥିବାରୁ ଆୟୁଷ ବିଭାଗକୁ ଆବଶ୍ୟକ କାଗଜପତ୍ର ଦେଖାଇ ପାରିନଥିଲେ । ତେଣୁ ଏହି ଅନୁଷ୍ଠାନର ଡ୍ରଗ ଲାଇସନ୍ସକୁ ବାତିଲ କରିଥିଲେ । ଏହି ଲାଇସନ୍ସ ବାତିଲ ପରେ ଅନୁଷ୍ଠାନ ସଂପୂର୍ଣ୍ଣ ରୂପେ ଅଚଳ ହୋଇ ପଡ଼ିରହିଛି । ଦୁଇ ବର୍ଷ ହେଲା କର୍ମଚାରୀମାନଙ୍କ ଦରମା ଏବଂ ପାରିଶ୍ରମିକ ପ୍ରଦାନ କରାଯାଇନାହିଁ । ଏଥି ସହିତ ଇପିଏଫ ଓ ଇଏସଆଇ ମଧ୍ୟ ପୈଠ ହୋଇନଥିବା, ସେତେବେଳର ପ୍ରସ୍ତୁତ ଔଷଧ ବିକ୍ରି ନହେବା, ପରିଚାଳନା ପରିଷଦର ଅଧିକାରୀମାନଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଏଣୁ କର୍ମଚାରୀମାନଙ୍କ ପକ୍ଷରୁ ଗତ ଫେବୃଆରୀ ୧ ତାରିଖରେ ଅନୁଷ୍ଠାନକୁ ପୁନଃ ଚାଲୁ କରିବା ଏବଂ କର୍ମଚାରୀମାନଙ୍କ ବକେୟା ଅର୍ଥ ରାଶି ପ୍ରଦାନ ନ କଲେ ଆଗାମୀ ମାର୍ଚ୍ଚ ୧ରୁ ଅଫିସ ଆଗରେ ଧାରଣା ଦେବେ ବୋଲି ଲିଖିତ ଭାବେ ଜଣାଇଥିଲେ । କୌଣସି ସୁଫଳ ନମିଳିବାରୁ ଆସିକା ଉତ୍କଳ ଆୟୁର୍ବେଦିକ ଫର୍ମାସୀ ଲିଃ କାର୍ଯ୍ୟାଳୟ ଆଗରେ କର୍ମଚାରୀ ମାନେ ଧାରଣାରେ ବସି ପ୍ରତିବାଦ ଜଣାଇଥିଲେ ।

## ଇନରହ୍ୱିଲ୍ କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

# ଉପକୃତ ହେଲେ ୭୦ରୁ ଅଧିକ ହିତାଧିକାରୀ



**ଭୁବନେଶ୍ୱର,୬।୩(ନିପ୍ର):** ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ଅବସରରେ, ସ୍ଥାନୀୟ ମଣିପାଲ ହସ୍ପିଟାଲ ଏବଂ ଗୌତମ ନଗର ବିକାଶ କମିଟି ସହାୟତାରେ ଭୁବନେଶ୍ୱର ଟେମ୍ପଲ ସିଟିର ଇନରହ୍ୱିଲ୍ କ୍ଲବ୍ ଗୌତମ ନଗର ସ୍ଥିତ ଗୋଷ୍ଠୀ କେନ୍ଦ୍ରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା।ଏଥିରେ ରକ୍ତ ପ୍ରୋଫାଇଲ୍, ବଡି ମାସ୍ ବିଶ୍ଳେଷଣ, ଅର୍ଥୋପେଡିକ୍ ପରାମର୍ଶ, ୟୁରୋଫ୍ଲୋମେଟ୍ରି ପରୀକ୍ଷା, ଚକ୍ଷୁ ଓ ଦନ୍ତ ଚେକ୍ଅପ୍ ଏବଂ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସମେତ ବିଭିନ୍ନ ପରୀକ୍ଷା ଏବଂ ସ୍କ୍ରିନିଂ ମାଗଣାରେ ସଂପନ୍ନ କରାଯାଇଥିଲା। ଶିବିରକୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଥିଲା। ୭୦ ରୁ ଅଧିକ ହିତାଧିକାରୀ ଏଥିରେ ଉପକୃତ ହୋଇଥିଲେ। ଉପସ୍ଥିତ ଡାକ୍ତର ଏବଂ କର୍ମଚାରୀଙ୍କ ମଧ୍ୟରେ ଥିଲେ ଡା. ସବିତ ଦାସ (ସାଧାରଣ ଚିକିତ୍ସକ), ଡା.ଅକ୍ଷିତା ବେହେରା (ଦନ୍ତ),ଡା.ଦୀପକ ମୋହନ ରୋହେଲା (ବରିଷ୍ଠ ଅର୍ଥୋପେଡିକ୍ସ),ଶୁଭ୍ରଜିତ ସୁନ୍ଦରାୟ (ଅଭିବୃଦ୍ଧି ଏବଂ ବିକାଶ), ଚିରଞ୍ଜୀବ (ଏଏସଜି) ଚକ୍ଷୁ ଚିକିତ୍ସାଳୟ, ରବିଶଙ୍କର ନାୟକ, ୟୁରୋ କିଡନୀ କେୟାର (ଜୀବନ ଜାଗୃତି ଟ୍ରଷ୍ଟ)। କ୍ଲବର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।ସେମାନେ ହେଲେ ଅଧ୍ୟକ୍ଷ ପିଙ୍କି ମହାନ୍ତି,ଚାର୍ଟର ସଭାପତି ଅଳକା ମିଶ୍ର, ସଚିବ ମଧୁମିତା ଦାସ, ପୂର୍ବ ଅଧ୍ୟକ୍ଷା ପଦ୍ମଶ୍ରୀ ପଟ୍ଟନାୟକ, ସମ୍ପାଦକ ସ୍ନିଗ୍ଧା ଦାସ ଏବଂ ସଦସ୍ୟଙ୍କ ମଧ୍ୟରେ ଅଳକା ପାଢ଼ୀ , ମୀନୁ ପାଣି ଏବଂ ମାଳିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରର ଆୟୋଜନ ତଥା ହିତାଧିକାରୀଙ୍କୁ ସେମାନେ ପ୍ରୋତ୍ସାହିତ କରିଥିଲେ।





କଟକ ଜିଲ୍ଲାର ମୁଣ୍ଡଳିରେ ସିଆଇଏସଏଫ ପ୍ରତିଷ୍ଠା ଦିବସ ପାଳନ ଅବସରରେ (ଫଟୋ- ଦିନଲିପି)

# ବଦଳିବ ବାଲି, ଗୋଡ଼ି, ଇଟାର ମୂଲ୍ୟ

**ଭୁବନେଶ୍ୱର, ୬/୩(ନିପ୍ର):** ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ମାଣ କ୍ଷେତ୍ରରେ ସାମଗ୍ରୀର ଉଚିତ ମୂଲ୍ୟ ନିର୍ଦ୍ଧାରଣ ଓ ସାମଗ୍ରୀର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ରହିଛି। ଶୁକ୍ରବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରିହେବ ସେନେଇ ଆଲୋଚନା ହୋଇଥିଲା। ପରିବହନ ଖର୍ଚ୍ଚକୁ ହିସାବକୁ



ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଏବଂ ଆଉଟ୍‌ଡୋର ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ।

**AFFIDAVIT**

By virtue of an affidavit sworn before The Executive Magistrate, Nimapara affidavit no.10 dated on 06.03.2026, I, Abhaya Pradhan S/o-Khetramani Pradhan At-Rench Po-Renghalo, Ps-Nimapara, Pin-752114 do hereby declare that I have changed my son's name from Rakersh Pradhan to Rajesh Pradhan. Henceforth he will be known as Rajesh Pradhan for all purposes.

**Sd/-Abhaya Pradhan**

# ଓସିଏସ୍‌ରେ ତୃତୀୟ ଲିଙ୍ଗୀଙ୍କୁ ସୁଯୋଗ

କଟକ,୦୬/୦୩: ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା (ଓସିଏସ୍‌ଇ) ପାଇଁ ତୃତୀୟ ଲିଙ୍ଗୀ ବର୍ଗଙ୍କ ନିମନ୍ତେ ଅନ୍‌ଲାଇନ୍ ଆବେଦନ ଅବଧି ବୃଦ୍ଧି କରାଯାଇଛି । ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ସମୟ ସୀମା ବୃଦ୍ଧି କରାଯାଇଛି । ଏହି ସମୟ ମଧ୍ୟରେ ପରୀକ୍ଷା ପାଇଁ ପଞ୍ଜୀକରଣ, ପରୀକ୍ଷା ପାଇଁ ଫି' ଦାଖଲ ଏବଂ ଅନଲାଇନ ଆବେଦନ କରିପାରିବେ । ଓପିଏସ୍‌ସି ପକ୍ଷରୁ ଇତିମଧ୍ୟରେ ଦୁଇ ଥର ଆବେଦନ ସମୟ ସୀମା ବୃଦ୍ଧି କରାଯାଇସାରିଲାଣି । ଏହାପରେ ଆଉ କୌଣସି ପରିସ୍ଥିତିରେ ଆବେଦନ ପାଇଁ ସମୟ ସୀମା ବୃଦ୍ଧି କରାଯିବ ନାହିଁ ବୋଲି ଓପିଏସ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ଧାର୍ଯ୍ୟ ସୀମାଠାରୁ ଅଧିକ ବସ୍ ଭଡ଼ା ଆଦାୟ ବିରୋଧରେ ନିୟମିତ ଯାଞ୍ଚ ପାଇଁ ଆରଟିଓଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୬/୩: ଧାର୍ଯ୍ୟ ସୀମାଠାରୁ କୌଣସି ବସ୍ ଅଧିକ ଭଡ଼ା ଆଦାୟ କରିପାରିବେ ନାହିଁ । ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିୟମ ଉଲ୍ଲଙ୍ଘନ କରୁଥିବା ବସ୍ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଏହିକ୍ରମରେ, ବିଭିନ୍ନ ଆରଟିଓଙ୍କ ଦ୍ୱାରା ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବସ୍ ମାନଙ୍କରେ ଅଚାନକ ଯାଞ୍ଚ କରାଯାଇଛି । ଯାତ୍ରିବାହୀ ବସରେ ଧାର୍ଯ୍ୟ ସୀମାଠାରୁ ଅଧିକ ଭଡ଼ା ଆଦାୟ ନେଇ ଅନେକ ସମୟରେ ଯାତ୍ରୀଙ୍କଠାରୁ ଅଭିଯୋଗ ଆସୁଛି । ତେଣୁ ଏହା ଉପରେ କଡ଼ା ନଜର ରଖି ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ କୁହାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଆରଟିଓ ଟିମ୍ ବସ୍ ଯାଞ୍ଚ କରିଛନ୍ତି । ଯାତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରଥମଦିନରେ କଟକ ଆରଟିଓଙ୍କ ଏନଫୋର୍ସମେଣ୍ଟ ଟିମ୍ ନିୟମ ଉଲ୍ଲଙ୍ଘନ କରିଥିବା ପାଞ୍ଚଟି ବସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ମୋଟର ଯାନ ଆଇନର ଧାରା ୧୯୨(କ) ଅନୁଯାୟୀ ଉକ୍ତ ବସ୍ ମାନଙ୍କ ବିରୋଧରେ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ସରକାରଙ୍କ ଦ୍ୱାରା ବସ୍ ବର୍ଗ ଅନୁଯାୟୀ କିଲୋମିଟର ପିଛା ଭଡ଼ା ଧାର୍ଯ୍ୟ କରାଯାଇଛି । ଉଭୟ ଅଫଲାଇନ୍ ଓ ଅନଲାଇନ ଟିକଟ ପାଇଁ ଏହା ଲାଗୁ ହୋଇଥାଏ । ଏହାକୁ ପାଳନ କରିବାକୁ ସମସ୍ତ ବସ୍ ମାଲିକ ତଥା ପରିଚାଳକମାନଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି । ନିୟମ ଅନୁଯାୟୀ ପ୍ରତ୍ୟେକ ବସରେ ଭଡ଼ା ବିବରଣୀ ପ୍ରଦର୍ଶିତ କରିବାକୁ ମଧ କୁହାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଆଗକୁ ମଧ ଏଭଳି ଯାଞ୍ଚ ଜାରି ରହିବ । କୌଣସି ବସ୍ ଦ୍ୱାରା ବି ନିୟମ ଉଲ୍ଲଙ୍ଘନ ପରିଲକ୍ଷିତ ହେଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି ।

# ୯କୁ ଘୁଞ୍ଚିଲା ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି

ବ୍ରହ୍ମପୁର, ୬/୩: ବହୁଚର୍ଚ୍ଚିତ ବ୍ରହ୍ମପୁର ପୀତବାସ ପଣ୍ଡା ହତ୍ୟା ମାମଲାରେ ଘୁଞ୍ଚିଲା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି।ପୁଲିସ ଜାମିନ୍‌କୁ ବିରୋଧ କରିବା ସହ ତାଙ୍କ ବିରୋଧରେ ୨ଟି ମାମଲା ଥିବା କୋର୍ଟକୁ ଜଣାଇଥିଲେ। ପୁଲିସ ପକ୍ଷରୁ ଦିଆଯାଇଥିବା ପିଟିସନର ଉତ୍ତର ରଖିବା ପାଇଁ ବିକ୍ରମଙ୍କ ଓକିଲ ସମୟ ମାଗିଥିବାବେଳେ ଆସନ୍ତା ୯ ତାରିଖରେ ଜାମିନ୍ ଆବେଦନର ଶୁଣାଣି କରିବାକୁ କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ସେପଟେ ବ୍ରହ୍ମପୁର ଏଡିଜେ-୩ରେ ହତ୍ୟା ମାମଲାର ଶୁଣାଣି ହୋଇଛି। କୋର୍ଟରେ ସମସ୍ତ ତଥ୍ୟ, ସିଡିଆର, ଆଇପିଡିଆର ଏବଂ ଅନ୍ୟ କାଗଜାତ ଦାଖଲ କରିଛି ପୁଲିସ। ଅଭିଯୁକ୍ତଙ୍କ ଓକିଲଙ୍କୁ ଏହିସବୁ ତଥ୍ୟ ସହ ଚାର୍ଜସିଟ୍ କପି ଦିଆଯାଇଥିଲା । ବିକ୍ରମଙ୍କ ଆପତ୍ତିଜନକ ଫଟୋ, ଅଭିଯୁକ୍ତମାନେ ସହରରେ ବୁଲୁଥିବା ଭିଡିଓ ଏବଂ ଅନ୍ୟ ତଥ୍ୟ ରହିଥିବା ପେନ୍‌ଡ୍ରାଇଭ୍ ମଧ ପୁଲିସ କୋର୍ଟରେ ଦାଖଲ କରିଥିଲା।

# ପୂର୍ବତଟ ରେଳପଥ ଓ ଇକୋର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



ଭୁବନେଶ୍ୱର, ୬/୩(ପିଆଇବି): ପୂର୍ବତଟ ରେଳପଥ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସହିତ ମିଳିତ ସହଯୋଗରେ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ପାଳନ କରିଛି। ଏହି ଅବସରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ଅବଦାନକୁ ସମ୍ମାନିତ କରାଯାଇଛି । ଏହି ଅବସରରେ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇକୋର ମହିଳା କଲ୍ୟାଣ ସଂଗଠନ ସଭାପତି ,କବିତା ଫୁଙ୍କୱାଲ୍ ମହିଳା ରେଳ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ସେମାନଙ୍କର ଅନ୍ତର୍ନିହିତ ଶକ୍ତି ଓ କ୍ଷମତାକୁ ଚିହ୍ନଟ କରିବା ସହିତ , ଆତ୍ମବିଶ୍ୱାସ ଓ ଦୃଢ ସଂକଳ୍ପ ସହିତ କାମ କରିବାକୁ ଏବଂ ସମର୍ପଣ ଭାବ ଓ ସଫଳତା ମାଧମରେ ଅନ୍ୟମାନଙ୍କୁ ପ୍ରେରଣା ଦେଇ ସଂଗଠନର ବିକାଶ ଓ ପ୍ରଗତିରେ ଯୋଗଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ମୁଖ୍ୟ ବକ୍ତା ଭାବେ କାନ୍ତା ମହାନ୍ତି, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଖୋର୍ଦ୍ଧା ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷା ଏବଂ ପ୍ରଶିକ୍ଷିକା ଯୋଗଦେଇଥିଲେ । ଏହି ଅବସରରେ , ମୋଟ ୩୧ ଜଣ ମହିଳା ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

**ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ** **ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ**